
# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ (୧୬ ପୃଷ୍ଠା) | Balasore, Tuesday, May 21/2019 | ★★★★

୪୫ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ | Balasore, Tuesday, May 21/2019 | ପୃଷ୍ଠା-୧



## କାନ୍ସ ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା

ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି।

୦୭

୧୨

## ସାଇନାଙ୍କୁ ଟାଇଟଲ

ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ର ବାଳିକା ବିଭାଗ ଟାଇଟଲ ହାସଲ କରିଛନ୍ତି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା।



## ପରଲୋକରେ ଅର୍ଥନୀତିଜ୍ଞ ବାସୁଦେବ ସାହୁ



ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବରିଷ୍ଠ ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ବାସୁଦେବ ସାହୁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ରବିବାର ରାତିରେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା।

୧୯୩୪ ମସିହାରେ ଭଦ୍ରକ ଜିଲା ସାହାସପୁର ଗାଁରେ ଜନ୍ମଗ୍ରହଣ କରିଥିବା ବାସୁଦେବ ଭଦ୍ରକ କଲେଜରୁ ଅଧ୍ୟାପକ ଭାବେ ନିଜର ଶିକ୍ଷାବିତ୍ ଜୀବନ ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁର ଜିଏମ୍ କଲେଜରେ ଅଧ୍ୟାପନା କରି ଶେଷରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଲୋକପ୍ରିୟ ଶିକ୍ଷକ ଭାବେ ସେ ଯେତିକି ସୁନାମ ଅର୍ଜନ କରିଥିଲେ, ☞ପୃଷ୍ଠା-୨

# ରାଜ୍ୟରେ ସ୍ୱପ୍ନ ଦେଖୁଛି ଭାଜପା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

**ଏକ୍‌ଜିଟ୍ ପୋଲ୍ ରିପୋର୍ଟ**

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇଛି। ଏବେ ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଅଙ୍କକଷା। ଫଳାଫଳ କ'ଣ ହେବ ସେକଥା ଚିନ୍ତା କରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟସ୍ତର ନେତାଙ୍କ ନିଦ ହଜିଗଲାଣି। ବିଶେଷକରି ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ବୁଥ୍ ଫେରନ୍ତା ମତ(ଏକ୍‌ଜିଟ୍ ପୋଲ୍) ରିପୋର୍ଟ ଆସିବା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଏକାଧିକ ଜାତୀୟ ଗଣମାଧମ ଆକଳନ ଅନୁଯାୟୀ ଏଥର ଦେଶରେ ପୁଣି ନରେନ୍ଦ୍ର ମୋଦିଙ୍କ ସରକାର ଆସିବ। ପୂର୍ଣ୍ଣ ବହୁମତ ସହକାରେ ଭାଜପା କେନ୍ଦ୍ରରେ ସରକାର କରିବାରେ ସକ୍ଷମ ହେବ। ସେହିପରି ଉତ୍ତରପ୍ରଦେଶରୁ ଭାଜପା ଯେତିକି ଆସନ ହରାଇବ ତା'ର ପାଖାପାଖି ସଂଖ୍ୟା ଓଡିଶା ଓ ପଶ୍ଚିମବଙ୍ଗରୁ ଦଳକୁ ମିଳିଯିବ ବୋଲି ମଧ ରିପୋର୍ଟରେ ଦର୍ଶାଯାଉଛି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ ରାଜ୍ୟର ଶାସକ ଦଳ ବିଜେଡି(ବିଜୁ ଜନତା ଦଳ) ଠାରୁ ମଧ ଅଧିକ ଲୋକ ସଭା ଆସନ ଏଥର ଭାଜପା ଖାତାକୁ ଯିବ। ଏହି ଆଧାରରେ ରାଜ୍ୟରେ ଅଧିକରୁ ଅଧିକ ବିଧାନସଭା ଆସନ ଦଖଲ କରି ସରକାର ଗଢ଼ିବାର ସ୍ୱପ୍ନ ଭାଜପା ଦେଖିଲାଣି। ତେବେ ବିରୋଧୀ କିନ୍ତୁ ଏକ୍‌ଜିଟ ପୋଲ୍ ରିପୋର୍ଟ ଠିକ୍ ହେବ ନାହିଁ ବୋଲି ଯୁକ୍ତି ବାଢିବା ଆରମ୍ଭ କରିଛନ୍ତି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଲୋକ ସଭା ଆସନର ଗଣିତକୁ ନେଇ ହିସାବ କରାଯାଇଛି। ବିଧାନସଭାକୁ ନେଇ ସେପରି କୌଣସି ହିସାବ ରଖାଯାଇ ନାହିଁ। ଏହାସତ୍ତ୍ୱେ ଏଥର ଓଡ଼ିଶାରେ ଭାଜପା ସରକାର କରିବା ନିଶ୍ଚିତ ବୋଲି ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମତ ରଖିଛନ୍ତି। କେବଳ ଜୁଏଲ ନୁହନ୍ତି, ଅନ୍ୟ କେତେଜଣ ନେତା ମଧ ସମାନ କଥା ଦୋହରାଇଛନ୍ତି। ହେଲେ ବିଜେଡି ଓ କଂଗ୍ରେସ ଏହାକୁ ଗ୍ରହଣ କରିନାହାନ୍ତି।

୨୦୧୯ ନିର୍ବାଚନର ଜନାଦେଶ ଭାଜପା ସପକ୍ଷରେ ଯିବା ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ରାଜ୍ୟ ନେତୃବୃନ୍ଦମାନେ ମଧ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ନିର୍ବାଚନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶାରେ ଦଳ ୧୨୦ପ୍ଲସ ଆସନ ପାଇବ ବୋଲି ଯେଉଁ ହିସାବ ଦେଇଥିଲେ ତାହା ଠିକ୍ ନ ହେଲେ ମଧ ସରକାର କରିବୁ ବୋଲି ଭାଜପା ନେତା ଦମ୍ଭୋକ୍ତି ଦେଖାଉଛନ୍ତି। ତେବେ ଏହା କେତେ ମାତ୍ରାରେ ଠିକ୍ ହେବ ତାହା ଆସନ୍ତା ୨୩ରେ ଫଳାଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟର ଭୋଟରମାନେ ଏତେ ମାତ୍ରାରେ ନୀରବ ଥିଲେ ଯେ, ଫଳାଫଳ କାହା ସପକ୍ଷରେ ଯିବ ସେକଥା ଆକଳନ କରିବା ବଡ଼ ମୁସ୍କିଲ ହୋଇଯାଇଛି। ☞ପୃଷ୍ଠା-୨

## ପୁଣି କ୍ଷମତାକୁ ଫେରିବୁ: ବିଜେଡି

ଭୁବନେଶ୍ୱର,୨୦।୫(ବ୍ୟୁରୋ)


୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତାମାନଙ୍କ ମନରେ ହାରିବା କିମ୍ବା ଜିତିବା ନେଇ ଝନକା ପଶିଯାଇଛି। କ'ଣ ହେବ ନିଜର ରାଜନୈତିକ ଭାଗ୍ୟ, ଏନେଇ ଛାତି ଧଡ଼ ଧଡ଼। ଜନମତ ସପକ୍ଷରେ ଯିବ ନା ବିପକ୍ଷରେ ଯିବ। ଏମିତି ଅନେକ ପ୍ରଶ୍ନ ପ୍ରାର୍ଥୀମାନଙ୍କ ମନକୁ ଆନ୍ଦୋଳିତ କରୁଛି। ରବିବାର ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ(ବୁଥଫେରନ୍ତା ମତ) ପ୍ରକାଶ ପାଇବା ପରେ ପ୍ରାର୍ଥୀମାନଙ୍କର ରକ୍ତଚାପ ବଢ଼ିଯାଇଛି। କେବଳ ଦେଶରେ ନୁହେଁ ରାଜ୍ୟରେ ମଧ ଏହି ସର୍ଭେର ଫଳାଫଳ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଏକଜିଟ ପୋଲ ସର୍ଭେ ଅନୁଯାୟୀ ରାଜ୍ୟରେ ବିଜେଡି ପଞ୍ଚମ ଥର ଲାଗି କ୍ଷମତାକୁ ଫେରିବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ମଧ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହେବ। ତେବେ ୨୦୧୪ ନିର୍ବାଚନ ତୁଳନାରେ ବିଜେଡି ଉଭୟ ବିଧାନସଭା ଓ ଲୋକ ସଭାର ଅନେକ ଆସନ ହରାଇବ ବୋଲି ଅନୁମାନ କରାଯାଇଛି। ତେବେ ଏହି ଅନୁମାନକୁ ବିଜେଡି ନେତାମାନେ ବିଶ୍ୱାସ କରୁନାହାନ୍ତି।

ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ, ଏକ୍‌ଜିଟ୍ ପୋଲ ସର୍ଭେ, ପ୍ରକୃତ ସର୍ଭେ ନୁହେଁ। କିଛି ସାମ୍ପୁଲକୁ ଆଧାର କରି ଫଳାଫଳ ପ୍ରକାଶ କରାଯାଇଛି। ବିଜେଡି ଏଥର ଭଲ ଫଳାଫଳ କରିବ। ବିଧାନସଭାରେ ୧୨୩ ଆସନ ଏବଂ ୧୭ରୁ ୧୮ଟି ଲୋକ ସଭା ଆସନ ହାସଲ କରିବ ବୋଲି ସୂର୍ଯ୍ୟ ଦୃଢୋକ୍ତି କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ପ୍ରଥମ ଥର ପାଇଁ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଲା। ପ୍ରଧାନମନ୍ତ୍ରୀ ମୋଦି ୧୦ ଥର, ଅମିତ ଶାହ ୨୦ଥର ଏବଂ ୫୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ପ୍ରଚାର କରିବାରୁ ଲୋକ ସଭା ଆସନରେ କିଛିଟା ପ୍ରଭାବ ପଡ଼ିପାରେ। ଓଡ଼ିଶାରେ ନବୀନ ହାୱା ଛଡ଼ା ଅନ୍ୟ କୌଣସି ହାୱା କାମ କରିବ ନାହିଁ। ବିଜେଡି ଭଲ କରିବ ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଏକ୍‌ଜିଟ ପୋଲ ଠିକ୍ ନୁହେଁ। ସେଥିରେ ୫୦ ପ୍ରତିଶତ ମହିଳା, ଦଳିତ, ଆଦିବାସୀ, ବୟସ୍କ ବ୍ୟକ୍ତିଙ୍କ ମତ ପ୍ରାୟତଃ ନିଆଯାଇ ନ ଥାଏ। ଅନେକ ସମୟରେ ଏକଜିଟ୍ ପୋଲ ଭୁଲ ପ୍ରମାଣିତ ହୋଇଛି। ବିଜେଡିର ବିଧାନସଭା ☞ପୃଷ୍ଠା-୨

# ଉଚ୍ଛୁଳିଲା ବଜାର

## ୧୪୨୨ ପଏଣ୍ଟ ବଢିଲା ସେନ୍‌ସେକ୍ସ

ମୁମ୍ବାଇ,୨୦।୫



- ନିଫ୍ଟିରେ ୪୨୧.୧୦ ପଏଣ୍ଟ ବୃଦ୍ଧି
- କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ଉନ୍ନତି
- ନିବେଶକଙ୍କୁ ଲାଭ ୫.୩୩ ଲକ୍ଷ କୋଟି
- ଟଙ୍କା ମୂଲ୍ୟରେ ୪୯ ପଇସା ବୃଦ୍ଧି

ଦେଶର ସାଧାରଣ ନିର୍ବାଚନ ଫଳାଫଳ ୨୩ରେ ଆସିବାକୁ ଥିବା ବେଳେ କେନ୍ଦ୍ରରେ ପୁଣି ଥରେ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ ପୋଲ୍ କହିସାରିଛି। ଏପରିସ୍ଥିତିରେ ସୋମବାର ଏହାର ପ୍ରଭାବ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି। ନିବେଶକଙ୍କ ମଧ୍ୟରେ ଉତ୍ସାହ ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚକାଙ୍କ ୧୪୨୧.୯୦ ପଏଣ୍ଟ (୩.୭୫%) ବୃଦ୍ଧି ଘଟିଛି, ଯାହା କି ରେକର୍ଡ ଭାଙ୍ଗିଛି। ବିଏସ୍‌ଇ ସେନ୍‌ସେକ୍ସ ୩୯,୩୫୨.୬୭ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୪୨୧.୧୦ ପଏଣ୍ଟ(୩.୬୯%) ବୃଦ୍ଧି ଘଟି ୧୧,୮୨୮.୨୫ ସ୍ତରରେ ବନ୍ଦ ହୋଇଛି। ୩୦ ସୂଚକାଙ୍କ ବିଶିଷ୍ଟ ବିଏସ୍‌ଇରେ ସୋମବାର ଦୈନିକ କାରବାର ଗତ ୬ ବର୍ଷର ସର୍ବୋଚ୍ଚ ସ୍ତରରେ ରହିବା ସହ ଇଣ୍ଟ୍ରାଡେ ରେକର୍ଡ ୩୯,୪୧୨.୫୬ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ସେହିଭଳି ନିଫ୍ଟି ଏହାର ଦୈନିକ କାରବାରରେ ୧୦ ବର୍ଷର ରେକର୍ଡକୁ ଭାଙ୍ଗିଥିବା ଜଣାପଡିଛି। ଏହି ସମୟରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ୫.୩୩ ଲକ୍ଷ କୋଟି ବୃଦ୍ଧି ଘଟିଥିବା ବେଳେ ନିବେଶକଙ୍କୁ ୫.୩୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ଜଣାଯାଇଛି।

ବିଏସ୍‌ଇରେ ଏସ୍‌ବିଆଇ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟାଟା ମୋଟର୍ସ, ଏଲ ଆଣ୍ଡ ଟି, ୟେସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ମାରୁତି, ଓଏନ୍‌ଜିସି, ରିଲାଏନ୍ସ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି କମ୍ପାନୀଗୁଡିକର ଷ୍ଟକ କାରବାର ଉନ୍ନତ ରହିଛି। ଉକ୍ତ କମ୍ପାନୀଗୁଡିକର ଷ୍ଟକରେ ପ୍ରାୟ ୮.୫୧% ବୃଦ୍ଧି ଘଟିଛି। ଏହି ସମୟରେ ବଜାଜ ଅଟୋ ଏବଂ ଇନଫୋସିସର କାରବାର ୧.୦୪% ହ୍ରାସ ଘଟିଛି। ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ ☞ପୃଷ୍ଠା-୨

## ବାଇକ୍- ବୋଲେରୋ ଧକ୍କା
## ବାପ, ପୁଅ ମୃତ, ମା', ପୁଅ ଗୁରୁତର

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାପ, ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ପୁଅଙ୍କର ମୃତ୍ୟୁ ଘଟିଛି। ଏଥିରେ ମା' ଓ ପୁଅ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସନ୍ତୋଷ ପ୍ରଧାନ (୩୫) ଓ ପୁଅ ସୋମ୍ ପ୍ରଧାନ (୧୦)। ଗୁରୁତର ୨ ଜଣ ହେଲେ ସନ୍ତୋଷଙ୍କ ସ୍ତ୍ରୀ କ୍ଷେତ୍ରୀ ପ୍ରଧାନ (୨୭) ଓ ସାନପୁଅ ଓମ୍। ସାନଖେମୁଣ୍ଡି ☞ପୃଷ୍ଠା-୨



ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରୁ ସୋମବାର ନିଟ୍ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।

# ଆଜି ମାଟ୍ରିକ ପରୀକ୍ଷାଫଳ

କଟକ ଅଫିସ, ୨୦।୫

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇବ। ପୂର୍ବାହ୍ନ ୯ଟାରେ କଟକ ବକ୍ସିବଜାର ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଫଳ ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୋମବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଟ୍ରିକ ପରୀକ୍ଷା ସହ ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ଏକସଙ୍ଗରେ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ଫଳାଫଳ ୱେବ୍‌ସାଇଟରେ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ପାଇପାରିବେ। ଏହାଛଡ଼ା ପରୀକ୍ଷାର୍ଥୀଙ୍କ ଓଏମ୍‌ଆର୍ ସିଟ ମଧ ୱେବ୍‌ସାଇଟରେ ଉପଲବ୍ଧ ରହିବ। ଏବେ ଓଏମ୍‌ଆର୍ ସିଟ୍ ଅପଲୋଡ ଚାଲିଛି, ମଙ୍ଗଳବାର ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ଯେଉଁ ଅଞ୍ଚଳରେ ଇଣ୍ଟରନେଟର ସୁବିଧା ନାହିଁ, ସେଠାକାର ପରୀକ୍ଷାର୍ଥୀ ଏସ୍‌ଏମଏସ୍ ଜରିଆରେ ନିଜ ପରୀକ୍ଷା ଫଳ ଜାଣି ପାରିବେ। ଓଆର୧୦ ଲେଖିବା ପରେ ସ୍ପେଶ ଦେଇ ନିଜ ☞ପୃଷ୍ଠା-୨

**ପୂର୍ବାହ୍ନ ୧୧ଟାରୁ ୱେବସାଇଟ୍‌ରେ ଉପଲବ୍ଧ**

**ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା**

ମୋବାଇଲରେ ରେଜଲ୍ଟ ପାଇବା ପାଇଁ ମେସେଜ୍ ବକ୍ସରେ OR୧୦ ଟାଇପ୍ କରି ସ୍ପେସ୍ ଦେଇ ନିଜ ରୋଲ୍ ନମ୍ବର ଲେଖିବା ପରେ ୫୬୭୬୭୫୦କୁ ପଠାନ୍ତୁ।
ଦୁଇଟି ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ- www.bseodisha.ac.in ଏବଂ www.bseodisha.nic.in

**ଆଜିର ସମ୍ପାଦକୀୟ**

ଦୁଃଖଭୋଗ

**ଆଜିର ମନ୍ତବ୍ୟ**

"୫ ମାସ ମଧ୍ୟରେ ଆମେ ୪ ଥର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଛୁ। ଏବେ ବି ଆମେ ଏଥିଲାଗି ପୂର୍ଣ୍ଣ ପ୍ରସ୍ତୁତ।

-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୧୮୮୯ ପରଠାରୁ ୧୦୦ ଦେଶ ମାପ ଲାଗି ଇଣ୍ଟରନ୍ୟାଶନାଲ ସିଷ୍ଟମ ଅଫ୍ ୟୁନିଟ (ଏସ୍‌ଆଇ) ବ୍ୟବସ୍ଥା ଗ୍ରହଣ କରୁଛନ୍ତି।

-ଇଣ୍ଟରନ୍ୟାଶନାଲ ବ୍ୟୁରୋ ଅଫ୍ ୱେଟ୍ସ ଆଣ୍ଡ ମେଜର୍ସ

NATIONAL EGG CO-ORDINATION COMMITTEE 20.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 91 | 146 | 156 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

# ଅଡୁଆରେ କମଳନାଥ ସରକାର

ନୂଆଦିଲ୍ଲୀ,୨୦।୫



- ସ୍ୱତନ୍ତ୍ର ଅଧିବେଶନ ଲାଗି ରାଜ୍ୟପାଳଙ୍କୁ ଭାଜପାର ଚିଠି
- ମଧ୍ୟପ୍ରଦେଶ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଉ

ମଧ୍ୟପ୍ରଦେଶରେ କମଳନାଥ ସରକାର ସଂଖ୍ୟାଲଘୁ ପାଲଟିଛି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଭାଜପା ପକ୍ଷରୁ ସୋମବାର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍‌ଙ୍କ ନିକଟରେ ଦାବି କରାଯାଇଛି।

ରାଜ୍ୟର ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ କହିଛନ୍ତି ଯେ, କୃଷିଋଣ ଛାଡ଼ ଭଳି ରାଜ୍ୟର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ଓ ଆସ୍ଥାଭୋଟ ଲୋଡ଼ିବା ଲାଗି ରାଜ୍ୟପାଳ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଜରୁରୀ। ପ୍ରକାଶଥାଉ କି, ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଭାଜପାକୁ ଉତ୍ସାହ ଆଣି ଦେଇଥିବାବେଳେ କଂଗ୍ରେସ-ବିଏସ୍‌ପି କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଶେଷକରି ଗତ ମାସରେ ବିଏସ୍‌ପି ପ୍ରାର୍ଥୀ ଲୋକେନ୍ଦ୍ର ସିଂ ରାଜପୁତ୍ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଏସ୍‌ପି ସୁପ୍ରିମୋ ମାୟାବତୀ କମଳନାଥ ସରକାରକୁ ସମର୍ଥନ ଦେବା ନେଇ ସମୀକ୍ଷା କରିବେ ବୋଲି କହିଥିଲେ।

ଗତବର୍ଷ ବିଧାନସଭା ନିର୍ବାଚନରେ ଭାଜପାକୁ ପରାସ୍ତକରି କଂଗ୍ରେସ ମଧ୍ୟପ୍ରଦେଶରେ ସହଯୋଗୀ ଦଳଗୁଡ଼ିକୁ ନେଇ ସରକାର ଗଠନ କରିଥିଲା। କୌଣସି ଦଳ ମ୍ୟାଜିକ୍ ନମ୍ବର (୧୧୬) ଛୁଇଁପାରି ନ ଥିବାବେଳେ ବିଏସ୍‌ପିର ୨ ଓ ଏସ୍‌ପିର ଜଣେ ବିଧାୟକଙ୍କ ସମର୍ଥନ କ୍ରମେ ସାମାନ୍ୟ ସଂଖ୍ୟାଗରିଷ୍ଠତା ସହ କଂଗ୍ରେସ (୧୧୪) ☞ପୃଷ୍ଠା-୨

## ■ ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଗୁଳୁଗୁଳି
# ୩୧ ଯାଏ ସିଝେଇବ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

- ଟିଟିଲାଗଡ଼ରେ ପାରଦ ୪୫.୫ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୯ ସହର
- ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା
- ମୁକାବିଲା ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ

ବାତ୍ୟା 'ଫନୀ' ଚୋଟରେ କ୍ଷତାକ୍ତ ଓଡ଼ିଶାବାସୀ ଅଣ୍ଟା ସଳଖି ନ ଥିବା ବେଳେ ସୂର୍ଯ୍ୟଦେବଙ୍କ କୋପ ଜନଜୀବନକୁ ହନ୍ତସନ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିରେ ଲୋକମାନେ ଆଉଟ ପାଉଟ ହେଉଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ଗୁଳୁଗୁଳି ଅଣନିଃଶ୍ୱାସୀ କରିଛି। ଗତ ଦୁଇ ସପ୍ତାହ ଧରି ରାଜ୍ୟରେ ଏଭଳି ପ୍ରତିକୂଳ ପାଗ ମନୁଷ୍ୟଠାରୁ ଆରମ୍ଭକରି ପଶୁପକ୍ଷୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଦିନରେ ଆକାଶରୁ ଅଗ୍ନି ବର୍ଷୁଛି। ରାତିରେ ମଧ ତ୍ରାହି ମିଳୁ ନାହିଁ। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଭୟଙ୍କର ତାତି। ଗରମ ଓ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରିପକାଇଛି। ଟାଇଁ ଟାଇଁ ଖରା ଦେହ ମୁହଁକୁ ଜାଳିପୋଡି ଦେଉଛି। ଅପରାହ୍ନ ୫ଟା ଯାଏ ଖରାରୁ ନିସ୍ତାର ନାହିଁ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ତତଲା ହାୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡରେ ରାଜ୍ୟରେ ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪, ସୋନପୁର ୪୩, ସମ୍ବଲପୁର ୪୨.୭, ଝାରସୁଗୁଡା ୪୨.୬, ହୀରାକୁଦ ୪୧.୪, ଅନୁଗୋଳ ୩୯.୧, ସୁନ୍ଦରଗଡ ୪୩, ମାଲକାନଗିରି ୪୩.୪, କେନ୍ଦୁଝର ୩୯.୮ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ତାତି ଅଧିକ ନ ଥିଲେ ମଧ ଦିନରେ ବାୟୁ ପ୍ରବାହ ମାନ୍ଦା ହେଉଥିବା ବେଳେ ଆର୍ଦ୍ରତା ☞ପୃଷ୍ଠା-୨



## ବଜ୍ରପାତରେ ଜଳିଲା ନଡ଼ିଆ ଗଛ

ସୋମବାର ଅପରାହ୍ନ ୩ଟାରେ ନୟାଗଡ ଜିଲା ଓଡଗାଁ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ସ୍ଥାନୀୟ ସିନେମା ହଲ୍ ଛକରେଥିବା ଏକ କୋଠାଘରକୁ ଲାଗି ଗୋଟିଏ ନଡ଼ିଆ ଗଛ ହୁତୁହୁତୁ ହୋଇ ଜଳିଯାଇଥିଲା। ଏନେଇ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ଆତଙ୍କିତ ହୋଇଯାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

# ରାଜ୍ୟରେ...

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ କହିଛନ୍ତି ଯେ, ଏଥର କେନ୍ଦ୍ରରେ ଆମକୁ ୩ଶହ ଆସନ ମିଳିବ। ଓଡିଶା ବିଧାନସଭାରେ ମଧ୍ୟ ଭଲ ପ୍ରଦର୍ଶନ କରିବୁ। ରାଜ୍ୟରେ ଭାଜପା ବେଧଡକଭାବେ ସରକାର କରିବାକୁ ଯାଉଛି। ରାଜ୍ୟରେ ମୋଦି ମ୍ୟାଜିକ୍ କାମ ଦେଇଛି। ରାଜ୍ୟରେ ୭୦ ବିଧାନସଭା ଆସନରେ ଆମେ ଜିତି ସରକାର ଗଢ଼ିବୁ ବୋଲି ଜୁଏଲ କହିଛନ୍ତି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଭାଜପା ବଢୁଛି। ଦେଶରେ କଂଗ୍ରେସ ଛିଡୁଛି ଓ ବିଜେଡି ମଧ୍ୟ ରାଜ୍ୟରେ ତଳକୁ ଖସିବାରେ ଲାଗିଛି। ଏଥର ରାଜ୍ୟରେ ଭାଜପା ସରକାର କରିବାକୁ ଯାଉଛି ବୋଲି ବସନ୍ତ କହିଛନ୍ତି। କିନ୍ତୁ ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ଯେ, ଏଥର ରାଜ୍ୟରେ ଝୁଲା ବିଧାନସଭା ହେବାର ସମ୍ଭାବନା ରହିଛି। ବିଜେଡି ମ୍ୟାଜିକ୍ ନମ୍ବର ଛୁଇଁପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭାଜପା ବିଜେଡି ପାଖାପାଖି ଆସନ ପାଇଲେ ବିଜେଡି ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ଦାମ ଆକଳନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ବିଶ୍ୱାସଯୋଗ୍ୟ ବୋଲି କହିହେବ ନାହିଁ। ରାଜ୍ୟରେ ୨୦ରୁ ୩୦ ଆସନ ପାଇବୁ ବୋଲି ଆକଳନ କରିଥିଲୁ। ରାଜ୍ୟରେ କିନ୍ତୁ ଭାଜପା କ୍ଷମତାକୁ ଆସିପାରିବ ନାହିଁ। ଦଳର ବରିଷ୍ଠ ନେତା ସୁର ରାଉତରାୟଙ୍କ କହିବାନୁଯାୟୀ, ଏକ୍‌ଜିଟ୍ ପୋଲ୍ ଆକଳନ ସମ୍ପୂର୍ଣ୍ଣ ଠିକ୍ ହେବ ବୋଲି କହିହେବ ନାହିଁ। କେନ୍ଦ୍ରରେ ଏନ୍‌ଡିଏ ସଂଖ୍ୟା କମିବ ଏବଂ ରାଜ୍ୟରେ କଡା ପ୍ରତିଯୋଗିତା ହେବ। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୩ତାରିଖ ମେଣ୍ଟ ବୈଠକରେ ଯୋଗଦେବା ପାଇଁ ଚିଠି ଦେଇଛନ୍ତି। ଯଦି ମେଣ୍ଟ ହୁଏ ତେବେ ଓଡିଶାରେ କଂଗ୍ରେସ ମୁଖ୍ୟ ଭୂମିକା ତୁଲାଇବ ବୋଲି ସୁର କହିଛନ୍ତି। ଏହିସବୁ ଆକଳନ ଚାଲିଥିବା ବେଳେ ରାଜ୍ୟର ବହୁ ହେଭିଓ୍ୱେଟ୍ ନେତା ଏଥର ଚିତ୍‌ପଟାଙ୍ଗ ମାରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ଏକାଧିକ ଲୋକ ସଭା ଏବଂ ବିଧାନସଭା ଆସନରୁ ଲଢୁଥିବା ଟାଣୁଆ ନେତାଙ୍କ ନାମ ଏହି ତାଲିକାରେ ରହିଛି। ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁସାରେ ଭାଜପା ଯଦି ବିଜେଡି ପାଖାପାଖି ବିଧାନସଭା ଆସନ ପାଇବ ତେବେ କ'ଣ ରହିବ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ ଲଗାଇ ପାରୁ ନାହାନ୍ତି।

## ଓଡ଼ିଶାର ଲୋକ ସଭା ଆସନ

### ଆଜ୍‌ତକ ଓ ଆକ୍ସିସ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍

| | ଆସନ | ଦଳ |
|---|---|---|
| ୧ | ବରଗଡ଼ | ଭାଜପା |
| ୨ | ସୁନ୍ଦରଗଡ଼ | ଭାଜପା |
| ୩ | ସମ୍ବଲପୁର | ଭାଜପା |
| ୪ | କେନ୍ଦୁଝର | ଭାଜପା |
| ୫ | ମୟୂରଭଞ୍ଜ | ଭାଜପା |
| ୬ | ବାଲେଶ୍ୱର | ଭାଜପା |
| ୭ | ଭଦ୍ରକ | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୮ | ଯାଜପୁର | ଭାଜପା |
| ୯ | ଢେଙ୍କାନାଳ | ଭାଜପା |
| ୧୦ | ବଲାଙ୍ଗୀର | ଭାଜପା |
| ୧୧ | କଳାହାଣ୍ଡି | ଭାଜପା |
| ୧୨ | ନବରଙ୍ଗପୁର | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |
| ୧୩ | କନ୍ଧମାଳ | ଭାଜପା |
| ୧୪ | କଟକ | ବିଜେଡି |
| ୧୫ | କେନ୍ଦ୍ରାପଡ଼ା | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୧୬ | ଜଗତ୍‌ସିଂହପୁର | ବିଜେଡି |
| ୧୭ | ପୁରୀ | ଭାଜପା |
| ୧୮ | ଭୁବନେଶ୍ୱର | ଭାଜପା |
| ୧୯ | ଆସ୍କା | ଭାଜପା |
| ୨୦ | ବ୍ରହ୍ମପୁର | ଭାଜପା |
| ୨୧ | କୋରାପୁଟ | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |

# ପରଲୋକରେ...

ତା'ଠୁ ଅଧିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ରହିଥିଲା। କେବଳ ଅର୍ଥନୀତି ନୁହେଁ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଉତ୍କର୍ଷ ପ୍ରତିଫଳିତ ହୋଇଥିଲା। ସେ ଏକାଧିକ କବିତା ଏବଂ ଭିନ୍ନସ୍ୱାଦର ପୁସ୍ତକ ରଚନା କରିଥିଲେ। ଅର୍ଥନୀତି ବିଷୟବସ୍ତୁ ଉପରେ ଆଧାରିତ ରିସର୍ଚ୍ଚ ଜର୍ନାଲ 'ଭିଜନ୍'ର ସମ୍ପାଦକ ଓ ପ୍ରକାଶକ ଭାବେ ଦାୟିତ୍ୱ ତୁଲାଉଥିଲେ ବାସୁଦେବ। ଏହି ଜର୍ନାଲ ରାଜ୍ୟ ଏବଂ ରାଜ୍ୟ ବାହାରର ଅର୍ଥନୀତି ଛାତ୍ରୀଛାତ୍ର ଓ ଗବେଷକମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅବସର ପରେ ସେ ସାମାଜିକ କ୍ଷେତ୍ରରେ ବେଶ୍ କ୍ରିୟାଶୀଳ ଥିଲେ।

# ଉଛୁଳିଲା...

କ୍ୟାପ ସୂଚକାଙ୍କରେ କାରବାର ପ୍ରାୟ ୩.୫୭% ବଢ଼ିଛି। ଏହାବାଦ ନିଫ୍ଟିରେ ପିଏସ୍‌ୟୁ ବ୍ୟାଙ୍କ, ରିୟଲିଟି, ଫାଇନାନ୍ସିଆଲ ସର୍ଭିସ, ବ୍ୟାଙ୍କିଙ୍ଗ ଷ୍ଟକ ଭଲ ପ୍ରଦର୍ଶନ କରିବା ସହ ୭.୮୮% ଉଚ୍ଚ ସ୍ତରରେ ରହିଛି। ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ ଫଳାଫଳରେ କେନ୍ଦ୍ରର ଶାସନାଧୀନ ଏନ୍‌ଡିଏକୁ ୩୦୦ରୁ ଅଧିକ ଆସନ ମିଳିବ ବୋଲି କୁହାଯାଇଛି। ଲୋକସଭାରେ ସଂଖ୍ୟା ଗରିଷ୍ଠତା କୁହାଯାଉଥିବା ୨୭୨ ଆସନ ଠାରୁ ଏନ୍‌ଡିଏ ଅଧିକ ଆସନ ଲାଭ କରିବାକୁ ସକ୍ଷମ ହେବ ଆକଳନ କରାଯାଇଛି। ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଆସିଲେ ସଂସ୍କାର ଧାରା ଜାରି ରଖିବେ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏନ୍‌ଡିଏକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଆକଳନ ହୋଇଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଥିବା ଏମ୍‌କେ ୱେଲଥ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ଯୋଶେପ ଥୋମାସ କହିଛନ୍ତି। ସେହିଭଳି ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୪୯ ପଇସା ବୃଦ୍ଧି ଘଟିଛି। ଏହା ବାଦ ବ୍ରେଣ୍ଟ କ୍ରୁଡ ମୂଲ୍ୟ ମଧ୍ୟ ବ୍ୟାରେଲ ପିଛା ୭୨.୬୧ ଡଲାର ରହିଛି। ଏଥିରେ ୧.୪୦% ବୃଦ୍ଧି ଘଟିଥିବା ବଜାର ସୂତ୍ରରୁ ପ୍ରକାଶ ପାଇଛି।


## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୬ | ୨୬.୪ |
| ଚାନ୍ଦବାଲି | ୩୮.୨ | ୨୮.୬ |
| କଟକ | ୩୮.୦ | ୨୬.୫ |
| ପାରାଦ୍ୱୀପ | ୩୩.୨ | ୨୮.୪ |
| ଭୁବନେଶ୍ୱର | ୩୭.୭ | ୨୭.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୮.୨ |
| ଝାରସୁଗୁଡ଼ା | ୪୨.୬ | ୨୯.୨ |
| କେନ୍ଦୁଝର | ୩୯.୮ | ୨୬.୭ |
| ସମ୍ବଲପୁର | ୪୨.୭ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୬.୦ |
| ହୀରାକୁଦ | ୪୧.୪ | ୨୯.୫ |
| ତାଳଚେର | --- | ୨୮.୦ |
| ଭବାନୀପାଟଣା | ୪୩.୦ | ୩୦.୦ |
| ବଲାଙ୍ଗୀର | ୪୪.୦ | ୨୫.୫ |
| କୋରାପୁଟ | ୩୬.୬ | ୨୩.୦ |
| ଫୁଲବାଣୀ | --- | ୨୬.୦ |
| ଟିଟିଲାଗଡ଼ | ୪୫.୫ | ୨୭.୫ |
| ମାଲକାନଗିରି | ୪୩.୪ | ୨୪.୮ |
| ସୋନପୁର | ୪୩.୦ | ୨୭.୪ |
| ଦାରିଙ୍ଗିବାଡ଼ି | ୩୬.୨ | ୨୩.୫ |

**ଡିଗ୍ରୀ ସେଲ୍‌ସିୟସ୍**



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ପ୍ରଥମ ପୃଷ୍ଠାରୁ...

# ବାପ, ପୁଅ...

ପୋଲିସ ମୃତଦେହ ଦୁଇଟିକୁ ଜବତ କରି ନଂ. ୧୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି।

ମିଳିଥିବା ସୂଚନାନୁସାରେ, ସୋମବାର ସକାଳେ ଏରେଣ୍ଡ୍ରା ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୨ ପୁଅଙ୍କୁ ସାଙ୍ଗରେ ଧରି ବାଇକ୍ (ନଂ ଓଆର୦୭ୱାଇ୬୦୮୯) ରେ କୌଣସି କାମରେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଢ଼େପାପେଣ୍ଠରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ(ନଂ ଓଡି୦୭ଡି୭୭୫୫) ବାଇକ୍ ପଛପଟୁ ଧକ୍କା ଦେଇଥିଲା।

# ପୁଣି କ୍ଷମତାକୁ...

ଆସନ ୧୦୦ ଟପିବ ଏବଂ ଲୋକ ସଭା ଆସନ ଗତ ନିର୍ବାଚନ ତୁଳନାରେ ୪ରୁ ୫ଟି କମିପାରେ। ଚଳିତ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ କଣ୍ଟା ଟକ୍କର ହୋଇଛି। ମୋଦିଙ୍କ ଦେଶପ୍ରେମ ନାଟକର ପ୍ରଭାବ କିଛିଟା ରହିବାରୁ ଲୋକ ସଭାରେ ଭାଜପାକୁ ଏହାର ଫାଇଦା ମିଳିପାରେ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ଏକଜିଟ୍ ପୋଲର ସତ୍ୟତା ନାହିଁ। ରାଜ୍ୟରେ ବିଜେଡି ୧୦୫ ଏବଂ ୧୪ଟି ଲୋକ ସଭା ଆସନରେ ବିଜୟୀ ହେବ। ରାଜ୍ୟରେ ଲୋକମାନେ ନବୀନ ବାବୁଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କିଛି ପରିମାଣରେ ଲୋକ ସଭା ଭୋଟ ଭାଜପା ସପକ୍ଷରେ ଯାଇ ଥାଇପାରେ। ରାଜ୍ୟରେ ବିଜେଡି ପଞ୍ଚମ ଥର ପାଇଁ ଶାସନକୁ ଫେରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

# ଆଜି ମାଟ୍ରିକ...

ରୋଲ ନମ୍ବର ଲେଖି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ମୋବାଇଲରେ ପରୀକ୍ଷା ଫଳର ଏସ୍‌ଏମ୍‌ଏସ୍ ଆସିବ। କୌଣସି ସୂଚନା ପାଇବା ତଥା ଅଭିଯୋଗ ନିମନ୍ତେ ବୋର୍ଡର କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୧- ୨୪୧୨୦୫୯ କିମ୍ବା ୦୬୭୧-୨୪୧୨୦୬୦ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ଥିଲେ।

# ଅଡୁଆରେ...

ରାଜ୍ୟରେ ସରକାର ଗଠନ କରିଥିଲା। ଭାଜପାକୁ ମାତ୍ର ୧୦୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ସ୍ଥିତିରୁ ଭାଜପା ଫାଇଦା ଉଠାଇବା ଲାଗି ଚେଷ୍ଟା କରୁଥିବାବେଳେ କମଳନାଥ ସରକାର ପାଖରେ ବହୁମତ ଥିବା କଂଗ୍ରେସ ଦର୍ଶାଇଛି। ଅନ୍ୟପକ୍ଷରେ ଦୁର୍ନୀତିପୂର୍ଣ୍ଣ ଉପାୟରେ ଭାଜପା ମଧ୍ୟପ୍ରଦେଶର କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି ବୋଲି ରାଜ୍ୟ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଦୀପକ ବାବାରିୟା କହିଛନ୍ତି। ବିଧାନସଭା ନିର୍ବାଚନରେ ଜନମତ କଂଗ୍ରେସ ସପକ୍ଷରେ ଯାଇଛି। ଏହାକୁ ଭଣ୍ଡୁର କରିବା ଲାଗି ଭାଜପା କରୁଥିବା ଉଦ୍ୟମକୁ ଜନସାଧାରଣ କଦାପି କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ବିଧାନସଭାରେ ଲୋକ ସଭା ଫଳାଫଳକୁ ନେଇ ଆଲୋଚନା କରାଯିବା ପୂର୍ବରୁ କେବେ ହୋଇନାହିଁ ବୋଲି କଂଗ୍ରେସ ମୁଖପାତ୍ର ଭୂପେନ୍ଦ୍ର ଗୁପ୍ତା କହିଛନ୍ତି। ରାଜ୍ୟରେ ସେଭଳି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ ଯେଉଁଥିପାଇଁ ଜରୁରୀ ଆଲୋଚନା ହେବା ଆବଶ୍ୟକ। ବାଚସ୍ପତି ନିର୍ବାଚନ ବେଳେ କଂଗ୍ରେସ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଥିବାରୁ ସରକାର ସଂଖ୍ୟାଲଘୁ ନୁହେଁ ବୋଲି ସେ ଦାବି କରିଛନ୍ତି। ଗତବର୍ଷ ଶେଷ ଭାଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କ୍ଷମତାସୀନ ଦଳ ଭାଜପାକୁ ପରାସ୍ତ କରି କଂଗ୍ରେସ ସେଠାରେ ସରକାର ଗଠନ କରିଥିଲା। ମଧ୍ୟପ୍ରଦେଶରେ ଦଳ ଆବଶ୍ୟକଠାରୁ ସାମାନ୍ୟ କମ୍ ଆସନ ପାଇଥିଲେ ମଧ୍ୟ ବିଏସ୍‌ପି ଏବଂ ଏସ୍‌ପିର ବାହ୍ୟ ସମର୍ଥନରେ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା।

# ୩୧ ଯାଏ...

୮୫ ପ୍ରତିଶତ ଉପରକୁ ଉଠିଯାଉଛି। ଫଳରେ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଅସ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି। ଆସନ୍ତା ୩୧ ତାରିଖ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବା ସମ୍ଭାବନା ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରେ ରହିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଆହୁରି ବଢିଯିବ। କେତେକ ସ୍ଥାନରେ ପାରଦ ୪୦ରୁ ୪୫ ଡିଗ୍ରୀ ଟିପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ବୌଦ୍ଧ, କଳାହାଣ୍ଡି, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଜିଲାଗୁଡିକରେ ପର୍ଯ୍ୟାପ୍ତ ଜଳଛତ୍ର, କାମ କରିବା ସମୟ ନିର୍ଘଣ୍ଟ କରିବା ଏବଂ ଜିଲା ହସ୍ପିଟାଲରେ ଅଂଶୁଘାତ ଚିକିତ୍ସା କୋଠରି ଓ ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବାକୁ। ରାଜ୍ୟରେ ଏ ପର୍ଯ୍ୟନ୍ତ କେହି ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ ବିଷ୍ଣୁପଦ ସେଠୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବାରାଧିପ ବୃହସ୍ପତି ମିତ୍ର ଚନ୍ଦ୍ରଙ୍କ କ୍ଷେତ୍ରରେ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି।

**ବୃଷ**
ମାନସିକ ଅସ୍ଥିରତାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ**
ବିଶେଷ ଝଡ଼ଝଞ୍ଜା ନ ଥାଇ ଦିନଟି ଏକ ପ୍ରକାର ଭଲରେ ଭଲରେ ଅତିବାହିତ ହେବ। ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ପୁଞ୍ଜି କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ।

**କର୍କଟ**
ଆଜିର ଚନ୍ଦ୍ର ରାହୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସା ଅଭାବ ପରିଲକ୍ଷିତ ହେବ। ଶିଳ୍ପ,ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ**
ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ। ମହିଳା ନିଜ ପସନ୍ଦର ଜିନିଷ ଆଣିବା ପାଇଁ ପରିବାରବର୍ଗଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା**
ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତକରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା**
ଯେତେ ପ୍ରକାର ଉପାୟ ଅବଲମ୍ବନକଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବେ ନାହିଁ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ। ବନ୍ଧୁଙ୍କ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ।

**ଧନୁ**
ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର**
ପ୍ରତିରୋଧର ସାମ୍ନାକରି ନିଜର ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧିପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧକରି କଳହ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟା ମଙ୍ଗଳବାର, ମେ ୨୧ ତାରିଖ, ଆତଙ୍କବାଦ ବିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୨୫ ଗତେ ଘ୧୦।୦୨ମି. ମଧ୍ୟେ ଅମୃତବେଳା, ଦିବା ଘ୧୦।୦୨ମି. ଗତେ ଘ୧୧।୩୮ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୨।୫୮ମି. ଗତେ ଘ୪।୩୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**HIRE**

Volvo 210B Excavator available on rental basis for earth work. Contact: 9658683328. D-12552

ମାସିକିଆ ଭଡ଼ା ସୂତ୍ରରେ Auto ଏବଂ Tata Magic ଆବଶ୍ୟକ। Contact: 9078000108, 6361358814. D-12574

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**SALE**

Sthitiban plot at Bhubaneswar near Pandra chhak, NH-203 to 50mtrs, Total area, 1600 sqft. and 1400 Rate per sqft @ 1750 with boundary wall. Contact No: 7008093886. D-64402

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari yellowzone plot at Khandagiri near Amri Hospital & Duplex/ Simplex at Atala near Hanspal square: 9438419823, 9337086655. D-66462

Ready to move 2BHK flat 1120 sqft. 20lakh near ZEE School Kateni, Bhubaneswar is for sale. 9937162220 D-66133

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାଙ୍କୁଲେଇ ପାଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573



Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754. D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674- 2597822. D-66527

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**


(Vivaan)

**Deb Nigyash Swain**

ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଉତ୍ସବରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସହାୟ ହୁଅନ୍ତୁ ଏବଂ ତୋର ଚଲାପଥ କୁସୁମିତ ହେଉ ଏହାହିଁ ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:** ପାପା, ମାମା, ଜେଜେ ବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ପିଉସୀ, ରିୟା, ପ୍ରିୟା, ଖୁସୀ, ଦିକ୍ଷସା, ବାବୁନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୫୦୪

Now Matrimonial ads. only on Wednesday & Sunday Book 1 Get 1 FREE




## ସଂକ୍ଷେପରେ

### ଏନ୍ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ


ସୟଦ ମୁନୀବ ଅହମ୍ମଦ(ଫାଇଲ ଫଟୋ)

**ରାଉରକେଲା ଅଫିସ,୨୦।୫:** ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍ଆଇଟି)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଏମ୍ଏସ୍ସି ଦ୍ୱିତୀୟ ବର୍ଷର ସୟଦ ମୁନୀବ ଅହମ୍ମଦ (୨୧) । ତାଙ୍କ ଘର ଭୁବନେଶ୍ୱର। ସୟଦଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସୂଚନାନୁସାରେ ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିଆଯାଇଥିଲା। ଏ ନେଇ ତୁରନ୍ତ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ପେରୁମଞ୍ଜିରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା କର୍ଲାପାଟ ଅଭୟାରଣ୍ୟ ସଂଲଗ୍ନ ପେରୁମଞ୍ଜି ଛକ ନିକଟ ଏକ ଆମ୍ବ ଗଛରେ ଗତ ରବିବାର ରାତିରେ ୨ଟି ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଲୋକେ ଏହା ଦେଖି କର୍ଲାପାଟ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ ସେହି ପୋଷ୍ଟର ଜବତ କରି ତଦନ୍ତ ଆରମ୍ଭ କରିଛି । ଏହି ପୋଷ୍ଟରରେ ସାମୁଦ୍ରିକ ବାତ୍ୟା ଫନୀ ପ୍ରାକୃତିକ ନୁହେଁ, ଏହା କୃତ୍ରିମ। ଏହି ବାତ୍ୟା ଓଡ଼ିଶାବାସୀଙ୍କ ପାଇଁ ମହାବିପତ୍ତି ଆଣି ଦେଇଛି। ବାତ୍ୟା ପାଇଁ ପ୍ରାକୃତିକ ସମ୍ପତ୍ତିକୁ ରାତିମତ ନଷ୍ଟ କରୁଥିବା ଶୋଷକ ଶ୍ରେଣୀର ବହୁରାଷ୍ଟ୍ରୀୟ ପୁଞ୍ଜିପତି ଓ ତାଙ୍କ ଦ୍ୱାରା ପ୍ରତିପାଳିତ ଦଲାଲ ନେତା ଦାୟୀ ବୋଲି ଉଲ୍ଲେଖ ରହିଛି । ବିକାଶ ନାଁରେ ଲୋକଙ୍କୁ ବିନାଶର ଭିତରକୁ ଠେଲି ଦିଆଯାଉଛି। ବିକାଶ ନାମରେ ଖଣିଜ ସମ୍ପତ୍ତି ଲୁଟ, ନଦୀ ବନ୍ଧ ନିର୍ମାଣ, ସ୍ମାର୍ଟ ସିଟି ନାଁରେ ଜଙ୍ଗଲ ଧ୍ୱଂସ କରାଯାଇ କଂକ୍ରିଟ ଜଙ୍ଗଲ ନିର୍ମାଣ ଚାଲିଛି । ଏଥିପାଇଁ ଦିନକୁ ଦିନ ପ୍ରକୃତି ଅଶାନ୍ତ ହେବାରେ ଲାଗିଛି। ସମୁଦ୍ର ଗର୍ଭରେ ଜାତୀୟ ସୁରକ୍ଷା ନାଁରେ ବିଭିନ୍ନ ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ଅଶାନ୍ତ ହୋଇ ଉଠୁଛି ସମୁଦ୍ର। ଯାହାର ପ୍ରଭାବ ଯୋଗୁ ଏହି ବାତ୍ୟା ଆସିଥିଲା। ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆଗାମୀ ଦିନରେ ଏଭଳି ପୁଞ୍ଜିପତିଙ୍କ ପ୍ରଭାବ ଯୋଗୁ ଅନେକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବ। ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହେବେ। ତେଣୁ ତୁରନ୍ତ ସାଧାରଣ ଜନତା ପୁଞ୍ଜିପତିଙ୍କ ଲୁଟେରା ନୀତିକୁ ବିରୋଧ କରିବା ସମୟ ଆସିଛି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ସାମୁଦ୍ରିକ ବାତ୍ୟା ଫନୀ ପାଇଁ ସରକାରଙ୍କୁ ଦାୟୀ କରାଯାଇଛି। ଏହି ବାତ୍ୟା ପ୍ରଭାବରେ ପ୍ରାଣ ହରାଇଥିବା ଅସହାୟଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଓ ଘର ଭାଙ୍ଗିଯାଇଥିବା ନିରୀହ ଲୋକଙ୍କୁ ଘର ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦେବାକୁ ପୋଷ୍ଟରରେ ଦାବି କରାଯାଇଛି।




# ଚାଟ୍ ଖାଇ ୧୧ ଅସୁସ୍ଥ, ଜଣେ ଗୁରୁତର

**ଆନନ୍ଦପୁର,୨୦।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ନିକଟ ଏକ ଦୋକାନରୁ ଚାଟ୍ ଖାଇବା ପରେ ୧୧ଜଣ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି । ସମସ୍ତ ଅସୁସ୍ଥଙ୍କୁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ କେତେକ ଯୁବତୀ ଯୁବକ ଉପରୋକ୍ତ ଦୋକାନରୁ ଚାଟ୍ ଖାଇଥିଲେ । ବିଳମ୍ବିତ ରାତିରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ସୋମବାର ସକାଳୁ ସେମାନଙ୍କ ପେଟରେ ଯନ୍ତ୍ରଣା ହେବା ସହିତ ଝାଡା ହୋଇଥିଲା। ଦେହ ଝିମ୍ଝିମ୍ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥମାନେ ହେଲେ ଘସିପୁରା ଥାନା ପଞ୍ଚୁପଲୀ ଗ୍ରାମର ବବୁଲ ସା, ଦୀପକ ନାଇକ, କୃପାସିନ୍ଧୁ ରାଉତ, ରଶ୍ମୀରଞ୍ଜନ ମହାପାତ୍ର, ସୌମ୍ୟ ସା, ସୁବାସ ସନ୍ନିବିଗ୍ରହ, ଲିପୁନ ସନ୍ନିବିଗ୍ରହ, ଲୋକନାଥ ପାତ୍ରୀ। ଘସିପୁରାର ରଞ୍ଜିତା ମହାରଣାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଭାଇ ଓ ଭାଉଜ ସାମାନ୍ୟ ଅସୁସ୍ଥ ଥିବା ଜଣାପଡ଼ିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅସୁସ୍ଥମାନେ ଡାକ୍ତରଖାନାରେ ଅଛନ୍ତି । ବାସି ମସଲା ଓ ଆଳୁରେ ଚାଟ୍ ପ୍ରସ୍ତୁତ ହୋଇଥିବାରୁ ଏପରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି।


ଅସୁସ୍ଥମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

# ୬ ଡବା ଛାଡ଼ି ପଳାଇଲା ମାଲ୍ ଗାଡ଼ି

**ବାମରା,୨୦।୫ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନଠାରୁ ପ୍ରାୟ ୩୫ କି.ମି. ଦୂର ହରିପଡା ରେଳ ଫାଟକ ନିକଟ ଡାଉନ ଲାଇନରେ ସୋମବାର ଏକ କୋଇଲା ବୋଝେଇ ରେଳଗାଡି ୬ଟି ଡବାକୁ ଛାଡି ପ୍ରାୟ ଅଧ କି.ମି ପଳାଇ ଯାଇଥିଲା। ଅପରାହ୍ନ ପ୍ରାୟ ୧୨ଟା ୪୫ରେ ଏହି ଘଟଣା ଘଟିଥିଲା । ପଛରେ ଥିବା ଗାର୍ଡ ଏହା ଜାଣିବା ପରେ ତୁରନ୍ତ ୱାକିଟକିରେ ଡ୍ରାଇଭରଙ୍କୁ ଜଣାଇଥିଲେ। ଏହାର ଅଧ ଘଣ୍ଟା ପରେ ସେହି ଲାଇନରେ ଇଞ୍ଜିନ ସମେତ ପ୍ରାୟ ୫୦ଟି କୋଇଲା ବୋଝେଇ ଡବା ପଛୁଆ ଆସି ପହଞ୍ଚିଥିଲା । ଡ୍ରାଇଭର ଅରୁଣ କୁମାର, ସହକାରୀ ଡ୍ରାଇଭର ଦିନେଶ କୁମାର ଓ ଗାର୍ଡ ରାଜନ କୁମାର ଖୋଲି ଯାଇଥିବା ୬ଟି ଡବାକୁ ଯୋଡିବା ପରେ ଗାଡି ଆଗକୁ ଗଡିଥିଲା । ଡବାର ଲକ୍ (କପଲ୍) ଉପର ପଟୁ ଖୋଲି ଯିବାରୁ ଏଭଳି ଘଟିଥିଲା ବୋଲି ରେଳ କର୍ମଚାରୀମାନେ କହିଛନ୍ତି। ଏ ନେଇ ବାମରା ଷ୍ଟେଶନ ମ୍ୟାନେଜର ଟି. ନାଏକଙ୍କୁ ପଚାରିବାରୁ ଘଟଣା ବିଷୟରେ ତାଙ୍କ ପାଖରେ କୌଣସି ଲିଖିତ ସୂଚନା ଦିଆଯାଇ ନାହିଁ। ଏଭଳି ଘଟଣାକୁ ନେଇ ଡିଟିଆଇ (ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଅଫ୍ ରେଲୱେ) ନୀଳମାଧବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରୁଣା ମାଲ୍ଗାଡିଗୁଡ଼ିକର ଲୁଜ ଲକ୍ ସିଷ୍ଟମ ଓ ଜର୍କ ହେବା ଫଳରେ ପ୍ରାୟ ଏହିଭଳି ପରିସ୍ଥିତି ଦେଖା ଯାଇଥାଏ । ହେଲେ ଏହି ଘଟଣାରେ ତାଙ୍କ ପାଖରେ ମଧ୍ୟ ସୂଚନା ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ମାଲଗାଡିଟି ବ୍ରଜରାଜନଗର ଅଞ୍ଚଳରୁ କୋଇଲା ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।



# ■ ସରିଲା ନିଟ୍ ବାହାରେ ରବର ବ୍ୟାଣ୍ଡ, କ୍ଲିପ୍ ରଖିଲେ ଛାତ୍ରୀ


ପରୀକ୍ଷା ସରିବା ପରେ ପିଲାମାନେ ନିଜନିଜ କ୍ଲିପ୍ ଓ ରବରବ୍ୟାଣ୍ଡ୍ ନେଉଛନ୍ତି।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟ ତଥା ଦେଶର ପ୍ରମୁଖ ମେଡିକାଲ କଲେଜରେ ଏମ୍ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁର ସହରର ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪୨ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥର ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ କରାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ପରୀକ୍ଷାର୍ଥୀ ସାଙ୍ଗରେ ପେନ୍ସିଲ୍ ବକ୍ସ, ପ୍ଲାଷ୍ଟିକ୍ ପାଉଚ୍, କାଲ୍କୁଲେଟର, ପେନ୍, ସ୍କେଲ୍, ପେନ୍ ଡ୍ରାଇଭ୍, ରବର, ଇଲେକ୍ଟ୍ରୋନିକ୍ ପେନ୍, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍, ଇୟରଫୋନ୍, ମାଇକ୍ରୋଫୋନ୍, ହେଲଥ୍ ବ୍ୟାଣ୍ଡ, ହ୍ୟାଣ୍ଡବ୍ୟାଗ୍, ୱାଲେଟ୍, କ୍ୟାପ୍, ହାତଘଣ୍ଟା, ବ୍ରେସ୍ଲେଟ୍, କ୍ୟାମେରା, ଅଳଙ୍କାର, ଖାଦ୍ୟ ସାମଗ୍ରୀ, ପାଣି ବୋତଲ ଆଦି ନେଇପାରିବେ ନାହିଁ ବୋଲି ନିୟମ ରହିଥିଲା। ସୋମବାର ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟାରେ ପ୍ରବେଶ କରିଥିଲେ। ପ୍ରବେଶ ସମୟରେ ଛାତ୍ରୀମାନେ ମୁଣ୍ଡରେ ବାନ୍ଧିଥିବା ରବର ବ୍ୟାଣ୍ଡକୁ ଓହ୍ଲାଇ ଯାଇଥିଲେ। ଏପରି କି, ଲଗାଇଥିବା କ୍ଲିପ୍ ମଧ୍ୟ ବାହାରେ ରଖି ଯାଇଥିଲେ।

## ■ ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

# ଭୋଟ ଗଣତି, ଫଳାଫଳ ନେଇ ଆଲୋଚନା


କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତାମାନେ ।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଭାଜପା ପ୍ରାର୍ଥୀମାନଙ୍କୁ ନେଇ ସ୍ଥାନୀୟ ଏକ ହୋଟେଲ୍ରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାରେ ନିର୍ବାଚନ ଗଣତି ପଦ୍ଧତିର ବୈଷୟିକ ଦିଗ ଉପରେ ଆଲୋଚନା ହୋଇଛି। ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସବୁ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ଆବାହକ ସୁଦର୍ଶନ ନାୟକ ଏହି ଅବସରରେ ଭୋଟ ଗଣତିର ବିଭିନ୍ନ ନିୟମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ନିର୍ବାଚନ ପରିଚାଳନାର ଆର୍ଥିକ ଦିଗ ଏବଂ ଗଣତିରେ ବୁଥ୍ ଏଜେଣ୍ଟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଭାଜପା ଭୋଟ ଗଣତି ପ୍ରକ୍ରିୟା ଏବଂ ଫଳାଫଳର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଛି। ଭୋଟ ଗଣନା ପ୍ରକ୍ରିୟାରେ ଦଳର କାର୍ଯ୍ୟକର୍ତ୍ତାମାନଙ୍କ କ'ଣ ଭୂମିକା ରହିଛି ଏବଂ ପ୍ରକୃତ ଖର୍ଚ୍ଚ ହିସାବ ବିଷୟରେ ଆଲୋଚନା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷିତ କରାଯାଇଛି।

ଏହି ଅବସରରେ ବସନ୍ତ ପଣ୍ଡା କହିଛନ୍ତି, ସମସ୍ତ ଏକ୍ଜିଟ୍ ପୋଲ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଆଗାମୀ ଦିନରେ ସରକାର ଗଢ଼ିବ। ଇଣ୍ଡିଆ ଟୁଡେ ଏବଂ ଟୁଡେ ଚାଣକ୍ୟ ଅନୁମାନ ଯଦି ସତ ହୁଏ ତେବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ ହେବ । ଆସନ୍ତା ୨୩ରେ 'ଫିର୍ ଏକବାର ମୋଦି ସରକାର' ନାରା ସଫଳ ହେବାକୁ ଯାଉଛି। ଓଡିଶାର ସ୍ଥାଣୁ ଅପାରଗ ସରକାର ବଦଳିବାର ଅନୁଭବ କରାଯାଉଛି। ଓଡିଶାରେ ଭାଜପା ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବ। 'ଭାଜପା ବଢ଼ୁଛି, କଂଗ୍ରେସ ଓ ବିଜେଡି ଛିଡୁଛି' । ଏହାସହ ଓଡ଼ିଶାରେ ଧୀରେ ଧୀରେ କଂଗ୍ରେସ ଏବଂ ବିଜେଡି ସୀମିତ ଏବଂ ଅବକ୍ଷୟ ହେବାକୁ ଯାଉଛନ୍ତି। ଆଗାମୀ ଦିନରେ ଭାଜପା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବ ବୋଲି ବସନ୍ତ କହିଛନ୍ତି ।

## ସରକାରୀ କ୍ୱାର୍ଟର୍ସ ପଛରୁ ୨ ବୋମା ଜବତ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟ ସରକାରୀ କ୍ୱାର୍ଟର୍ସ ନଂ.୨ଆରଏ୨୫ ପଛରୁ ପୋଲିସ ଦୁଇଟି ଅଫୁଟା ବୋମା ଜବତ କରିଛି। ଏକ ବ୍ୟାଗ୍ରେ ଥିବା ଦୁଇଟି ବୋମାକୁ ଡଷ୍ଟବିନ ଭିତରେ ଲୁଚାଇ ରଖାଯାଇଥିଲା। ସକାଳୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହ ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଆଖ ପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପୋଲିସ ଟିମ୍ ସହ ପହଞ୍ଚି ଥାନାଧିକାରୀ ନିଜେ ଏକ ବାଉଁଶ ସହାୟତାରେ ବୋମା ବ୍ୟାଗ୍କୁ ଉଠାଇ ଆଣି ପାଣି ବାଲ୍ଟି ଭିତରେ ପୂରାଇ ଦେଇଥିଲେ। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ବୋମାକୁ ଜବତ କରିଥିଲେ। ତେବେ କିଏ, କେଉଁ ଉଦ୍ଦେଶ୍ୟରେ ସେଠାରେ ବୋମା ରଖିଥିଲା ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଯେଉଁ ଘର ନିକଟରୁ ବୋମା ମିଳିଥିଲା ତାହାର ମାଲିକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିଥିଲା। ହେଲେ ବୋମା ବିଷୟରେ କେହି କିଛି ଜାଣି ନ ଥିବା କହିଥିଲେ। ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନର ଫଳଫଳ ଆସିବାର ରହିଛି। କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ଶତ୍ରୁତାକୁ ନେଇ ବିରୋଧୀ କ୍ୟାମ୍ପ ଉପରେ ବୋମା ପକାଇବା ପାଇଁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି।



ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢ଼କରି ଧରି ରଖିବାକୁ ପରାମର୍ଶ ଦିଏ। ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢ଼ୁଆଳରେ ଡାକି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। -ଶ୍ରୀଅରବିନ୍ଦ

# ଦୁଃଖଭୋଗ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି ଯେ, ଆସନ୍ତା ୩ ଦିନ ଧରି ଓଡ଼ିଶାରେ ପ୍ରବଳ ତାତି ଅନୁଭୂତ ହେବ। କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଆଉ କିଛି ସ୍ଥାନରେ ୪୫ ଡିଗ୍ରୀ ଉପରକୁ ଚାଲିଯିବ। ଇତିମଧ୍ୟରେ ରାଜ୍ୟର ଉତ୍ତପ୍ତ ସହର ଟିଟିଲାଗଡ଼ରେ ଏକାଧିକ ଦିନ ୪୫ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିସାରିଲାଣି। ୩ ମେ'ରେ ଓଡ଼ିଶା ଉପକୂଳକୁ ବାତ୍ୟା 'ଫନୀ' ଛୁଇଁବା ପରେ ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ବହୁଳମାତ୍ରାରେ ଗଛ ଉପୁଡ଼ି ବା ଭାଙ୍ଗିଯିବା ପରେ ଚାରିଆଡ଼େ ଖାଁଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଜ ସୁନ୍ଦର ଭୁବନେଶ୍ୱରର ଗୋଟିଏ ସ୍ଥାନରେ ଛିଡ଼ା ହୋଇ ୧୦୦ କିମ୍ବା ୨୦୦ ମିଟର ଦୂରତାକୁ ଦେଖିବା ସହଜ ହେଉ ନ ଥିଲା। ଗଛସଂଖ୍ୟା କମିଯିବା ପରେ ଏବେ ମଣିଷ ଖାଲି ଆଖିରେ ବହୁଦୂରକୁ ଅନାୟାସରେ ଦେଖିପାରୁଛି। ଏଣେ ସୂର୍ଯ୍ୟଙ୍କ ତାତି ସହି ହେଉ ନାହିଁ। ଏଥିସହିତ ବାରମ୍ବାର ବିଦ୍ୟୁତ୍ ସେବା ବ୍ୟାହତ ହେବା ଦ୍ୱାରା ଲୋକଙ୍କ ଦୁଃଖ ବହୁଗୁଣିତ ହୋଇଯାଉଛି। ଆସନ୍ତା ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ରହିବ ବୋଲି ପାଣିପାଗ ସଂସ୍ଥାଗୁଡ଼ିକ ଯେଉଁ ଅନ୍ଦାଜ ଲଗାଇଛନ୍ତି, ତାହା ସତ ପାଲଟିଲେ କୃଷି କ୍ଷେତ୍ର ଘୋର ପ୍ରଭାବିତ ହେବ। ଫଳରେ ଖାଦ୍ୟଶସ୍ୟର ମୂଲ୍ୟ ଢେର ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ରଖିଲେଣି।

ଲକ୍ଷାଧିକ ସଂଖ୍ୟାର ଗଛ ନଷ୍ଟ ହେବା ପରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧୮୮ କୋଟି ଟଙ୍କାର ବୃକ୍ଷରୋପଣ କରିବେ ବୋଲି ନିକଟରେ ଘୋଷଣା କରିଛନ୍ତି। ୨୦୧୯-୨୦ରେ ୧୩୦ ଲକ୍ଷ ୫୦ ହଜାର ଚାରା ରୋପଣ କରାଯିବ ବୋଲି ସରକାରୀ ଭାବେ କୁହାଯାଇଛି। ଏହିସବୁ ଚାରା ଗଛ ହୋଇ ପରିବେଶକୁ ସୁରକ୍ଷା ଦେବା ଲାଗି ଅନେକ ବର୍ଷ ଲାଗିବା ସ୍ୱାଭାବିକ। ଏକ ରିପୋର୍ଟ ଅନୁଯାୟୀ, ୧୯୬୦ରେ ବାତ୍ୟା ପ୍ରତିରୋଧ କରିବା ସକାଶେ ଓଡ଼ିଶା ସରକାର ଅସଂଖ୍ୟ ଝାଉଁବଣ ସୃଷ୍ଟି କରିଥିଲେ। ହେଲେ ୧୯୯୯ ମହାବାତ୍ୟା ଓ ୨୦୧୯ର ଫନୀ ବ୍ୟାପକ ଗଛ ନଷ୍ଟ କରି ମଣିଷ ପାଇଁ ବିପଦ ସୃଷ୍ଟି କରିଛି। କେବଳ ସରକାରୀ ଭାବେ ଏ ଦିଗରେ ପ୍ରଚେଷ୍ଟା କରାଗଲେ ତାହା ଯଥେଷ୍ଟ ହେବ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ନିଜ ପିଲାକୁ ଯତ୍ନ ନେବା ଭଳି ସମସ୍ତେ ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କଲେ ହୁଏତ ପରିବେଶକୁ ଗରମ ଦାଉରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

ଅନ୍ତର୍ଜାତୀୟ ପତ୍ରିକା 'କ୍ଲାଇମେଟ୍ ଡାଇନାମିକ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତରେ ୨୦୨୦ରୁ ୨୦୬୪ ଦୀର୍ଘ ୪୪ ବର୍ଷ ଧରି ଏଲ୍ ନିନ୍ୟୋ ପ୍ରଭାବ ରହିବ। ଫଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବା ସହିତ ବର୍ଷାରେ ଅନିୟମିତତା ଦେଖାଯିବ, ଯାହାକି ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଏହା ଦ୍ୱାରା ଖାଦ୍ୟଶସ୍ୟର ଅଭାବ ଦେଖାଦେଇପାରେ। ଏହି ସମୟରେ ଦକ୍ଷିଣ ଭାରତ ବିଶେଷକରି ଉପକୂଳ ଅଞ୍ଚଳ ଅଧିକ ପ୍ରଭାବିତ ହେବ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଏଭଳି ରିପୋର୍ଟ ଶୁଣିବା ପରେ ଯେକେହି ଚିନ୍ତିତ ରହିବା ସୁନିଶ୍ଚିତ। ହେଲେ ଏହି ଚିନ୍ତା ଲୋକଙ୍କ ମନରେ କିଛି ସମୟ ରହିଲା ପରେ ଆପେ ଆପେ ମିଳାଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବାରମ୍ବାର ଦେଖାଗଲାଣି ଯେ ବିପର୍ଯ୍ୟୟ ପରେ ଜନସାଧାରଣ କିଛି ଦିନ 'ଆହା, ଚୁଚୁ' କରିବା ପରେ ପୁରୁଣା ଖୋଇ ଦେଖାଇଥାଆନ୍ତି। ଉଦାହରଣ ସ୍ୱରୂପ ଫନୀ ପରେ ପୁରୀ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ ଦୀର୍ଘଦିନ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଅଦ୍ୟାବଧି ଅନେକ ଅଞ୍ଚଳକୁ ଏହି ସୁବିଧା ମିଳିପାରି ନାହିଁ। ତେବେ ଯେଉଁ ଜାଗାକୁ ପ୍ରଥମେ ବିଜୁଳି ମିଳିଲା ଓ ଯାହାଙ୍କ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏୟାର କଣ୍ଡିସନ୍‌ର ରହିଛି, ସେମାନେ କାଳ ବିଳମ୍ବ ନ କରି ତାହାକୁ ଚାଲୁ କରିଦେଲେ। ଅସହ୍ୟ ଗରମ ଗୁଳୁଗୁଳିରେ ଜୀବନ ବିତାଉଥିବା ବେଳେ କେମିତି ଟିକେ ପଙ୍ଖା ଘୂରିବ ସେହି କଥା ଯିଏ ଭାବୁଥିଲେ ସଙ୍ଗେ ସଙ୍ଗେ ଆରାମ ଖୋଜିଲେ। ଏଭଳି ମାନସିକତା ପୋଷଣ କରୁଥିବା ବ୍ୟକ୍ତିଙ୍କଠାରୁ ପରିବେଶ ସୁରକ୍ଷା ଚିନ୍ତା କରିବା ବୃଥା।

ଆଜିର ମଣିଷ ସୁବିଧା ପାଇବା ମାତ୍ରେ ସବୁ କିଛି ରାମ୍ପି ନେଇ ନିଜେ ବଞ୍ଚିବା ପାଇଁ ଚେଷ୍ଟା କରୁଛି। ଏଭଳି ଅତ୍ୟଧିକ ଲୋଭ ଏବଂ ସ୍ୱାର୍ଥପର ଚରିତ୍ର ପ୍ରକୃତିକୁ ବିଗାଡ଼ି ଦେଉଛି। ଦୁନିଆରେ ତାପମାତ୍ରା ଯେଭଳି ବଢ଼ି ଚାଲିଲାଣି ସମୟ ଆସିବ ଏୟାର କଣ୍ଡିସନ୍‌ର ଅକାମୀ ହୋଇଯିବ। ଏଭଳି ସ୍ଥଳେ ସୂର୍ଯ୍ୟଙ୍କ କିରଣରେ ହନ୍ତସନ୍ତ ହେବା ଥୟ। ତେଣୁ ସମସ୍ତେ ଏବେଠାରୁ ସଜାଗ ହେବା ଦରକାର। ପ୍ରକୃତିର ନିୟମକୁ ମାନିବା ଲାଗି ଯେତେ ସମ୍ଭବ ଉଦ୍ୟମ କରାଯାଇପାରେ, ତାହା କରଣୀୟ ହେବା ଆବଶ୍ୟକ। ମଣିଷ ଅଧିକ ଚାଲାକ ହୋଇ ଚାହିଦାଠାରୁ ଅଧିକ ବ୍ୟବହାର କରିବାର ମାନସିକତା ରଖିଲେ, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କାହାରିକୁ ଛାଡ଼ିବ ନାହିଁ। ଓଡ଼ିଆରେ କଥା ଅଛି, 'ଠିକିଲେ ଶିଖିବା'। କିନ୍ତୁ ଅନେକେ ଭୁଲ୍‌ରୁ ଶିଖୁ ନ ଥିବାରୁ ଦୁଃଖଭୋଗ ବଢ଼ୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ମେ ୧୯୯୪**

- ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ପରିହାର ଦ୍ୱାରା ବିଶ୍ୱବ୍ୟାପୀ ନିରସ୍ତ୍ରୀକରଣ ନିଶ୍ଚିତ ସମ୍ଭବ ହେବ ବୋଲି ଭାରତର ଦୃଷ୍ଟିକୋଣ ତଥା ମତକୁ ପ୍ରଥମଥର ପାଇଁ ଆମେରିକା ଗ୍ରହଣ କରିଛି।
- ଆସାମରେ ଉଗ୍ରପନ୍ଥୀଙ୍କ ହିଂସାକାଣ୍ଡରେ ୧୪ଜଣ ନିହତ।
- ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱର୍ଗତ ରାଷ୍ଟ୍ରପତି ଜନ୍. ଏଫ. କେନେଡିଙ୍କ ସ୍ତ୍ରୀ ଜାକ୍ୟୁଲିନ୍ କେନେଡିଙ୍କ ପରଲୋକ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | | 1 | | | 3 | | | | 0 | 9 |
| | | 8 | | | | | | | 2 | | C | | | |
| | 1 | | | | | D | 6 | 7 | | 5 | | | | 3 |
| 9 | | | | | | A | 3 | E | 4 | | 8 | | | |
| | 6 | | 8 | | E | | 2 | | 9 | A | | | | |
| 6 | 7 | | A | 1 | | | D | B | | | | | | |
| | | 2 | 7 | D | | | | | 6 | | | | C | |
| | | | 3 | 0 | | | A | | 5 | | 2 | | 1 | |
| | 9 | | | | | 3 | | | | | A | | | 0 |
| | | | | | | | | 2 | | C | E | 5 | 6 | 8 |
| 3 | | | | | 9 | | | 5 | | | D | | | C |
| | | 0 | | | | | | | C | | 3 | 2 | E | 7 |
| | 2 | 1 | B | | | | 7 | | 8 | | | | 9 | |
| | A | | | 8 | 1 | | 0 | | | | | B | 4 | 5 |
| 4 | B | | 5 | 3 | | | | | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | D | 4 | 6 | C | 2 | B | E | 7 | 9 | 3 | 8 | A | 5 |
| 8 | 3 | 9 | 0 | 1 | 2 | C | 4 | 7 | 5 | E | A | 6 | B | D |
| B | 4 | 5 | 9 | A | E | 0 | 3 | 6 | 2 | D | 8 | C | 7 | 1 |
| 2 | C | 7 | D | 5 | 8 | 1 | A | 9 | B | 6 | 4 | E | 0 | 3 |
| E | A | 6 | 3 | B | 7 | 5 | D | 8 | 1 | 0 | C | 2 | 4 | 9 |
| 5 | 6 | 0 | A | D | 1 | B | C | 2 | 3 | 8 | 7 | 4 | 9 | E |
| 4 | E | C | B | 8 | 9 | 6 | 7 | 3 | A | 5 | 1 | 0 | D | 2 |
| 3 | D | 1 | 7 | 0 | 6 | 9 | 8 | A | E | 4 | 2 | B | 5 | C |
| 9 | B | A | 2 | E | 3 | 4 | 0 | 5 | 6 | C | D | 1 | 8 | 7 |
| 7 | 8 | 2 | 5 | C | 4 | E | 1 | D | 9 | B | 0 | 3 | 6 | A |
| C | 1 | E | 8 | 2 | D | A | 6 | 4 | 0 | 7 | 5 | 9 | 3 | B |
| A | 7 | 4 | 6 | 9 | B | D | 2 | 0 | C | 3 | E | 5 | 1 | 8 |
| D | 5 | B | E | 3 | 0 | 7 | 9 | C | 8 | 1 | 6 | A | 2 | 4 |
| 0 | 9 | 3 | C | 7 | A | 8 | 5 | 1 | 4 | 2 | B | D | E | 6 |
| 6 | 2 | 8 | 1 | 4 | 5 | 3 | E | B | D | A | 9 | 7 | C | 0 |

ଗତକାଲିର ଉତ୍ତର

# ଆପଣା ହସ୍ତେ ଜିହ୍ୱା ଛେଦି



ବୈକୁଣ୍ଠନାଥ ମିଶ୍ର

ଭାରତ ଏକ ଗ୍ରାମବହୁଳ ଦେଶ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୬ ପ୍ରତିଶତ ଗ୍ରାମଗୁଡ଼ିକରେ ବାସ କରନ୍ତି। କୃଷି ଗ୍ରାମାଞ୍ଚଳର ମୁଖ୍ୟ ଜୀବିକା। ବହୁ ଲୋକଙ୍କର ଜୀବିକା ସାଜିଥିବା କୃଷିର ଯୋଗଦାନ ଦେଶର ଜିଡିପିରେ ଉଲ୍ଲେଖନୀୟ। କିନ୍ତୁ କୃଷିକ୍ଷେତ୍ର କ୍ରମାଗତ ଭାବେ ପ୍ରଚଣ୍ଡ ଅବହେଳାର ଶିକାର ହୋଇଚାଲିଛି। କୃଷକ ପାରମ୍ପରିକ କୃଷି ପଦ୍ଧତିରୁ ଓହରିଯାଇ ସମ୍ପୂର୍ଣ୍ଣ ଅଣପାରମ୍ପରିକ ପଦ୍ଧତିକୁ ଆପଣେଇ ନେଇଛି। କୃଷିଜାତ ଦ୍ରବ୍ୟ ବିଶେଷକରି ଆମ ରାଜ୍ୟରେ ଧାନର ସହାୟକ ମୂଲ୍ୟ ଯେତେ ବୃଦ୍ଧି ହେଲେ ମଧ୍ୟ ଖର୍ଚ୍ଚ ତୁଳନାରେ କୃଷିରୁ ଆୟ କ୍ରମେ ହ୍ରାସ ପାଇଚାଲିଛି। କୃଷିରେ ଯାନ୍ତ୍ରିକ ନିର୍ଭରଶୀଳତା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ହଳ, ଲଙ୍ଗଳ ଓ ବଳଦ ଆଉ ଦୃଶ୍ୟ ହେଉନାହିଁ। ଜମି ଚାଷ, ଫସଲକଟା ଓ ଅମଳ ସବୁ କାର୍ଯ୍ୟ ଯନ୍ତ୍ର ସାହାଯ୍ୟରେ ହେବା ଦ୍ୱାରା ମଣିଷ ଯନ୍ତ୍ରମୁଖାପେକ୍ଷୀ ହୋଇଯାଉଛି। ତେଣୁ ତା' ମଧ୍ୟରେ କର୍ମବିମୁଖତା ଦେଖାଦେଇଛି। କୃଷିରେ ଖର୍ଚ୍ଚ ଆଶାତୀତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ୍ୟ ଯେ କୃଷିଜାତ ଦ୍ରବ୍ୟର ମୂଲ୍ୟ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ କୃଷିରୁ ଆୟ ଓ କୃଷକର ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରୁ ନାହିଁ। କର୍ମବିମୁଖତା କୃଷିକର୍ମ ପାଇଁ ମଜୁରି ସଙ୍କଟ ସୃଷ୍ଟି କରିଛି। ଏକଟଙ୍କା ବିନିମୟରେ ସହଜ ସୁଲଭ ଚାଉଳ ଉପଲବ୍ଧ ହେଉଥିବା ଯୋଗୁ ମୂଲ ଲାଗିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଲରେ କାଦୁଅପାଣି କାମ ପାଇଁ ସେମାନଙ୍କର ଘୋର ଅନିଚ୍ଛା । ଗତ କିଛିବର୍ଷ ତଳର କୃଷି ଓ ଆଜିର କୃଷିକୁ ତୁଳନା କଲେ ଭବିଷ୍ୟତ ପାଇଁ ଏକ ଭୟଙ୍କର ପରିସ୍ଥିତିର ସୂଚନା ମିଳେ।

କୃଷିକ୍ଷେତ୍ରରେ ବିଗତ କିଛିବର୍ଷ ହେଲା ଏକ ବିଷମ ପରିସ୍ଥିତି ଦେଖାଦେଇଛି। ଅନେକ କାରଣରୁ ଜମିମାଲିକ ନିଜେ ଚାଷ ନ କରି ଜମିକୁ ଭାଗ କିମ୍ବା ଲିଜ୍ ସୂତ୍ରରେ ଅନ୍ୟକୁ ଦେଉଛି। ଯେଉଁମାନେ ସହରକୁ କର୍ମଭୂମି ଭାବେ ବାଛିନେଇ ସେଠାରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି, ସେମାନେ ତ ପର ହାତରେ ଜମିକୁ ଟେକିଦେଇ ସାମାନ୍ୟ କିଛି ପ୍ରାପ୍ୟରେ ସନ୍ତୁଷ୍ଟ ହେଉଛନ୍ତି। ଅପରନ୍ତୁ ଯେଉଁ ବାବୁମାନେ ଗ୍ରାମାଞ୍ଚଳରେ ରହି ମଧ୍ୟ ସରକାରୀ ଚାକିରିରେ ନିଯୁକ୍ତ, ସେମାନେ ମଧ୍ୟ ପିତୃଅର୍ଜିତ ସମ୍ପତ୍ତିକୁ ପରହାତକୁ ଟେକିଦେଉଛନ୍ତି। ଫଳତଃ ଜମିମାଲିକ ପ୍ରକୃତ ଚାଷୀ ନୁହେଁ, କିମ୍ବା ପ୍ରକୃତ ଚାଷୀ ଜମିର ସ୍ଥାୟୀ ମାଲିକ ନୁହେଁ। ଦିନେ ଯିଏ ଶ୍ରମ କରି ମାଲିକ ଜମିରେ ସୁନା ଫଳାଉଥିଲା, ଆଜି ସେ ଜମିର ପରୋକ୍ଷ ମାଲିକ। ଏହି ଦ୍ୱୈତମାଲିକାନାରେ ଜମି ସର୍ବାଧିକ କ୍ଷତିଗ୍ରସ୍ତ। ଚାଷ କରୁଥିବା ବ୍ୟକ୍ତି ଅସ୍ଥାୟୀ ମାଲିକ ହୋଇଥିବାରୁ ଜମିର ଆବଶ୍ୟକ ଯତ୍ନ ନେଉନାହିଁ। ତା'ର ଏକମାତ୍ର ଉଦ୍ଦେଶ୍ୟ ଜମିରୁ ସର୍ବାଧିକ ପରିମାଣର ଫସଲ ଅମଳ କରିବା। ତେଣୁ ସେ ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ କରି ଚାଲିଛି। ଦୁଇ/ତିନି ବର୍ଷ ତଳେ ୫ କି.ଗ୍ରା. ସାର ପ୍ରୟୋଗ କରି ଗୁଣ୍ଠ ପ୍ରତି ପ୍ରାୟ ଏକ କୁଇଣ୍ଟାଲ ଧାନ ଅମଳ କରୁଥିବା ବେଳେ ବର୍ତ୍ତମାନ ତାକୁ ସେତିକି ଅମଳ ପାଇଁ ୭/୮ କି.ଗ୍ରା. ସାର ଓ ତଦନୁଯାୟୀ କୀଟନାଶକ ପ୍ରୟୋଗ କରିବାକୁ ହେଉଛି। ଦ୍ୱିତୀୟତଃ ଜମିର ସ୍ଥାୟୀ କିମ୍ବା ଅସ୍ଥାୟୀ ମାଲିକ ଜମିର ଉନ୍ନତି କଳ୍ପେ କୌଣସି ଯୋଜନା ହାତକୁ ନେଉନାହାନ୍ତି। ଜମି ଆବଶ୍ୟକ କରୁଥିବା ମାଟିକାମ, ବନ୍ଧବାଡ଼ ମରାମତି, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ। ଫଳରେ ଜମିଗୁଡ଼ିକ ଭୀଷଣ ଅଯତ୍ନର ଶିକାର ହେଉଛନ୍ତି। ଆଧୁନିକ ହାର୍ଭେଷ୍ଟର ଦ୍ୱାରା ଧାନ ଅମଳ କରି ତା' ନଡାଗୁଡ଼ିକୁ ଖେତରେ ପୋଡିଦେବା ଦ୍ୱାରା ଯେଉଁ ଧୂଆଁ ସୃଷ୍ଟି ହେଉଛି ତାହା ବାୟୁପ୍ରଦୂଷଣ ଓ ଉତ୍ତାପ ବୃଦ୍ଧିର କାରଣ ହେବା ସହ କୃଷିର ଅନେକ ଉପକାରୀ କୀଟଙ୍କୁ ବ୍ୟାପକ କ୍ଷତି ପହଞ୍ଚାଉଛି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଉଥିବା ବେଳେ ମାଟିର ଜୈବ ଅଂଶ ନଷ୍ଟ ହୋଇ ମାଟିକୁ ଅନୁର୍ବର କରି ଖପରାରେ ପରିଣତ କରିଦେଉଛି। ପଞ୍ଜାବ ଓ ହରିୟାଣାରେ ଖେତରେ ପୋଡିଦିଆଯାଉଥିବା ନଡାର ଧୂଆଁ ଦିଲ୍ଲୀ ସହରର ପ୍ରଦୂଷଣର ପ୍ରମୁଖ କାରଣ।

ତୃତୀୟତଃ ଆଧୁନିକ କୃଷି ଯନ୍ତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଭୂଗର୍ଭରୁ ଉତ୍ତୋଳିତ ତୈଳ ଯୋଗାଣ ବ୍ୟାହତ ହେଲେ କୃଷିକାର୍ଯ୍ୟ ଉଜୁଡ଼ିଯିବ। କାରଣ ପ୍ରାଚୀନ କାଳରୁ ଅନୁସୃତ ହଳବଳଦ ଦ୍ୱାରା ଚାଷ ଆଉ ପ୍ରାୟ ନାହିଁ। ଚାଷୀ ମଧ୍ୟ ଲଙ୍ଗଳ ଦ୍ୱାରା ହଳ କରିବା କ୍ରମଶଃ ଭୁଲିଗଲାଣି। ଆଗାମୀ ତିରିଶ ବର୍ଷ ମଧ୍ୟରେ ଯଦି ତୈଳର ଉପଯୁକ୍ତ ବିକଳ୍ପ ସନ୍ଧାନ କରା ନ ଯାଏ, ତେବେ କୃଷିକର୍ମ ବନ୍ଦ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ। କୃଷି ପାଇଁ ଆଉ ଏକ ବିପଦ ହେଲା ଜଙ୍ଗଲ ଧ୍ୱଂସ। ଭାରତରେ ଦୈନିକ ପ୍ରାୟ ଏକ ଏକର ଜଙ୍ଗଲ ଧ୍ୱଂସ ହେଉଛି। ନଦୀଗୁଡ଼ିକର ଉପରମୁଣ୍ଡ ପାର୍ବତ୍ୟଶଯ୍ୟା (କ୍ୟାଚ୍‌ମେଣ୍ଟ ଏରିଆ)ରେ ଘଞ୍ଚ ଜଙ୍ଗଲ ନ ଥିବାରୁ ବୃଷ୍ଟିଜଳ ଭୂ-ଅଭ୍ୟନ୍ତରକୁ ପ୍ରବେଶ କରିବାର ସୁଯୋଗ ନ ପାଇ ତତକ୍ଷଣାତ୍ ନଦୀମାନଙ୍କରେ ପ୍ରବାହିତ ହେବା ଫଳରେ ତ୍ରିକୋଣଭୂମି ଓ ସଂଲଗ୍ନ ସମତଳ ଅଞ୍ଚଳରେ ବନ୍ୟା ବିଭୀଷିକା ସୃଷ୍ଟି କରୁଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଭାରତୀୟ କୃଷି ଓ କୃଷକ ପାଇଁ ଘାତକ ସାଜିଲାଣି। ଜଙ୍ଗଲ ଧ୍ୱଂସ ଯୋଗୁ ଜଙ୍ଗଲୀ ଜୀବ ବିଶେଷକରି ହାତୀପଲ କୃଷିକ୍ଷେତ୍ରରେ ପ୍ରବେଶ କରି ଧାନଫସଲ ଉଜାଡି ଦେଉଛନ୍ତି। ସେମାନେ ଖାଉଛନ୍ତି ଯେତିକି ତା'ଠାରୁ କାହିଁ କେତେଗୁଣ ଫସଲ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କର ବଂଶବୃଦ୍ଧି ଓ ସମତାଳରେ ତାଙ୍କ ପ୍ରାକୃତିକ ବାସସ୍ଥଳୀ ଲୁପ୍ତ ହେବା ଯୋଗୁ ସେମାନେ ଉଦ୍ୟାନକୃଷି ଯଥା ଫୁଲଫଳ ଓ ପନିପରିବା ସହ ମୁଗବିରି ଭଳି ରବି ଫସଲକୁ ଖାଇ ନଷ୍ଟ କରୁଛନ୍ତି। ବଳଦର ଆବଶ୍ୟକତା ନ ଥିବାରୁ କୃଷକ ଗାଈର ଅଣ୍ଡିରା ବାଛୁରିଙ୍କୁ ଷଣ୍ଢ କରିଦେଉଛନ୍ତି। ଫଳସ୍ୱରୂପ ସେମାନେ ଖେତର ଫସଲ ଓ ବାଡ଼ିବଗିଚାକୁ ଉଜାଡି ଦେଉଛନ୍ତି। ସମୟ ବଦଳିଛି। କୃଷକ ପତ୍ନୀ ଗାଈର ଝିଅ ଓ ବୋହୂର ପୁଅ ମନାସି କେତେ ଦିଅଁ ଦେବତାଙ୍କୁ ପୂଜା କରୁଛି। କିନ୍ତୁ ବିପରୀତ ହେଲେ ଅର୍ଥାତ୍ ଗାଈର ପୁଅ ଓ ବୋହୂର ଝିଅ ହେଲେ ସତେ ଯେପରି ଏହା ଦୈବୀ ଅଭିଶାପ ବୋଲି ନିଜକୁ ଧିକ୍କାର କରୁଛି। ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ମରୁଡ଼ି ଓ ବାତ୍ୟା ଭାରତୀୟ କୃଷକର ଶତ୍ରୁ ରୂପେ ପ୍ରାୟତଃ ଦଣ୍ଡାୟମାନ।

ଗୋସମ୍ପଦରୁ ପ୍ରାପ୍ତ ଗୋବର କୃଷି ପାଇଁ ଏକ ଅମୂଲ୍ୟ ସମ୍ପଦ। ଆମ ଦେଶରେ ଉପଲବ୍ଧ ଗୋବରର ୯୦ ଭାଗ ଘଷି ଆକାରରେ ଗ୍ରାମାଞ୍ଚଳରେ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ। ବୈଜ୍ଞାନିକ ସର୍ବେକ୍ଷଣ ଅନୁସାରେ ଆମ ଦେଶରେ ଉପଲବ୍ଧ ସମସ୍ତ ଗୋବରକୁ ଯଦି ଖତସାର ରୂପେ ଜମିରେ ବ୍ୟବହାର କରାଯାନ୍ତା ତେବେ ତାହା ୨୨୫ ମିଲିୟନ ଏକର ଜମିକୁ ଉର୍ବର କରିପାରନ୍ତା ଓ ସେଥିରୁ ପ୍ରାୟ ୨୫ ମିଲିୟନ ଟନ ଅଧିକ ଖାଦ୍ୟଶସ୍ୟ ଉତ୍ପନ୍ନ ହୁଅନ୍ତା। ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ଗୋବରରୁ ଗ୍ୟାସ୍ ଉତ୍ପାଦନ କରାଯାଇ ଘରେ ଘରେ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୋଇପାରନ୍ତା। ଗ୍ୟାସ୍ ଉତ୍ପାଦନ ପରେ ମଧ୍ୟ ଗୋବରକୁ ଖତରୂପେ ବ୍ୟବହାର କରାଯାଇପାରନ୍ତା। ଗୋବର ରାସାୟନିକ ସାରର ଏକ ଉତ୍କୃଷ୍ଟ ବିକଳ୍ପ। ଗ୍ରାମାଞ୍ଚଳରେ ବହୁ ପ୍ରାଚୀନ କାଳରୁ ଥିବା ପୁଷ୍କରିଣୀ ଓ ବୃହତ୍ ଜଳାଶୟଗୁଡ଼ିକ ଜଳଶୁଷ୍କତାର ଶିକାର ହୋଇଛନ୍ତି। ପୂର୍ବେ ଉପଲବ୍ଧ ବିଭିନ୍ନ ପ୍ରଜାତିର ଦେଶୀ ମାଛ ଏବେ ସାତ ସପନ। ପୁଷ୍କରିଣୀଗୁଡ଼ିକ ଅଯତ୍ନର ଶିକାର ହୋଇ କ୍ରମେ ଜଳଧାରଣ କ୍ଷମତା ହରାଇ ବସିଛନ୍ତି। ସେଗୁଡ଼ିକରେ ଦଳ ଭର୍ତ୍ତି ହୋଇ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ନିକଟରେ ଘଟିଥିବା ଅଦିନିଆ ବାତ୍ୟା ସହରୀ ଓ ଗ୍ରାମୀଣ ଲୋକମାନଙ୍କୁ ଜଳାଶୟ ସ୍ନାନର ଅନୁଭୂତିକୁ ଉଜ୍ଜୀବିତ କରିଛି। ପୁଷ୍କରିଣୀ ଓ ନଦୀ ସ୍ନାନରେ ଅନଭ୍ୟସ୍ତ ଆଜିର ଯୁବଗୋଷ୍ଠୀ ପର୍ଯ୍ୟଟନ ଓ ବଣଭୋଜି ସମୟରେ ସନ୍ତରଣ ଅନଭିଜ୍ଞତା ଯୋଗୁ ସଲିଳସମାଧି ବରଣ କରିବାର ଦୁଃସମ୍ବାଦ ବିଭିନ୍ନ ଗଣମାଧ୍ୟମରୁ ପ୍ରାପ୍ତ ହେଉଛି।

ଉଠା ଜଳସେଚନ ଓ ନଳକୂପରୁ ପର୍ଯ୍ୟାପ୍ତ ଜଳ ଉତ୍ତୋଳନ ଫଳରେ ଭୂନିମ୍ନସ୍ଥ ଜଳ ସ୍ତର ହ୍ରାସ ପାଉଛି। ଗ୍ରୀଷ୍ମର ଯଥେଷ୍ଟ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଉଛି। ପାର୍ବତ୍ୟାଞ୍ଚଳ ଶିଳାଶୂନ୍ୟ ହୋଇ ସମତଳ ଅଞ୍ଚଳରେ କଂକ୍ରିଟସ୍ତୂପ ଗଢ଼ିଉଠିଲାଣି। ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି ଓ ଅନିୟମିତ ବୃଷ୍ଟିପାତ ସହ ନାନା ପ୍ରାକୃତିକ ବିପତ୍ତି ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। କୋଟି କୋଟି ବର୍ଷରୁ ସଞ୍ଚିତ ଖଣିଜ ପଦାର୍ଥ ଓ ଖଣିଜ ତୈଳ ଉତ୍ତୋଳିତ ହୋଇ ଭୂ-ଅଭ୍ୟନ୍ତର ଶୂନ୍ୟ ହେବାକୁ ବସିଲାଣି। ଭବିଷ୍ୟତରେ କେତେ ଯେ ବିପତ୍ତି ଘଟିବ ତାହା ଆକଳନ କରିବା କଷ୍ଟକର। ପ୍ରାକୃତିକ ସମ୍ପଦରେ ମିତବ୍ୟୟିତା ରକ୍ଷା ନ କଲେ ଆମ ବିକାଶ ବିନାଶରେ ରୂପାନ୍ତରିତ ହେବାକୁ ବେଶି ଡେରି ନାହିଁ। ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛି। ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# କୁନି ବାହାଘର ହବ ତ



ସୁଧାକର ଦାସ

ନିର୍ବାଚନ ଫଳାଫଳ ବାହାରିବ ୨୩ ତାରିଖରେ। ସ୍ପଷ୍ଟ ହେଇଯିବ କିଏ ଜିତିଲା, କିଏ ହାରିଲା। ନିଷ୍ପତ୍ତି ହେଇଯିବ କାହା ହାତକୁ ଯିବ କ୍ଷମତା ଆଉ କିଏ ବସିବେ ବିରୋଧୀ ଆସନରେ। ପରିଷ୍କାର ହେଇଯିବ ଲୋକମତ କାହା ସପକ୍ଷରେ ଆଉ କାହା ବିପକ୍ଷରେ...।

ହେଲେ ଗୋଟିଏ କଥା କେବେ ସ୍ପଷ୍ଟ ଆଉ ପରିଷ୍କାର ହେବ, ତା'କୁ ମତେ ପ୍ରତୀକ୍ଷା କରିବାକୁ ପଡିବ। କଥାଟି ହେଲା...

ଆମ ଗାଁର ଦୀନବନ୍ଧୁ ଓ କୃପାସିନ୍ଧୁ ଦୁଇ ଭାଇ। କୃପାସିନ୍ଧୁର ପିଲାପିଲି କିଛି ନାହିଁ। ଦୀନବନ୍ଧୁର ତିନିବର୍ଷ ଭିତରେ ଲାଗ ଲାଗ ଦୁଇଟି ଝିଅ ଜନ୍ମ ହେଲେ। ପୁଣି ବର୍ଷ ତିନିଟା ପରେ ଦୀନବନ୍ଧୁର ସ୍ତ୍ରୀ ଗର୍ଭବତୀ ହେଲା। ଦୀନବନ୍ଧୁ ଯେତେବେଳେ ସ୍ତ୍ରୀକୁ ନେଇ ତା' ପେଟ ୱାଶ୍ କରିବାକୁ ବାହାରିଲା କୃପାସିନ୍ଧୁ ଆଉ ତା' ସ୍ତ୍ରୀ ବାଟ ଓଗାଳିଲେ। କହିଲେ- ପୁଅ ହଉ କି ଝିଅ, ଯାହା ହବ ଆମ କୋଳକୁ ଟେକିଦେବୁ। ଭାଇଭାଉଜଙ୍କ ଦମ୍ଭରେ ଦୀନବନ୍ଧୁ ସମ୍ଭାଳିଗଲା ଆଉ ୭ ମାସ ପରେ ତା'ର ଝିଅଟିଏ ହେଲା। ତା' ନାଁ ରଖାଗଲା କୁନି। ଇଏ ଆଜକୁ ପ୍ରାୟ ୧୯-୨୦ ବର୍ଷ ତଳର କଥା। ସେତେବେଳେ ଅବଶ୍ୟ ଦୀନବନ୍ଧୁ ଓ କୃପାସିନ୍ଧୁ ଗୋଟିଏ ଓଳି ତଳେ ରହୁଥିଲେ। ଅପେକ୍ଷା କରାଗଲା, କୁନି କ୍ଷୀର ଛାଡିବା ପରେ କୃପାସିନ୍ଧୁ ପାଖକୁ ଚାଲି ଆସିବ। ତା' ତ ହେଲାନି ବରଂ ବର୍ଷ ପାଞ୍ଚଟା ଭିତରେ ଦୁଇଭାଇ ଅଲଗା ହେଇଗଲେ। ଭିନ୍ନେ ହବା ଦିନ କୃପାସିନ୍ଧୁ କିନ୍ତୁ ଜୋର୍ ଦେଇ କହିଥିଲା- କୁନି ତୋ ପାଖରେ ରହୁ କି ମୋ ପାଖରେ...ତା' ବାହାଘର ମୁଁ କରିବି, ଯାବତୀୟ ଖର୍ଚ୍ଚ ମୋର। ଯା ଭିତରେ ଦୀନବନ୍ଧୁର ବଡ଼ ଦୁଇ ଝିଅ ରମା ଓ ଭବାନୀଙ୍କର ବାହାଘର ସରିଛି। ଝିଅଦୁହିଁଙ୍କୁ ବାହା ଦବା ପାଇଁ ଦୀନବନ୍ଧୁ ନିଜ ଭାଗର ପୈତୃକ ସମ୍ପତ୍ତି ସବୁ ବିକିଭାଙ୍ଗି ଦେଇଛି। ଏବେ ତା' ପାଖରେ ସମ୍ବଳ କେବଳ ଘରଡିହ ଖଣ୍ଡକ। ଚାରିମାସ ତଳେ କୁନି ପାଇଁ ଆସିଥିଲା ଗୋଟେ ବାହାଘର ପ୍ରସ୍ତାବ। ଦୁଇପକ୍ଷ ରାଜି ହେଲେ। ଯୌତୁକ ବାବଦକୁ ବରପକ୍ଷକୁ କେତେ ଟଙ୍କା ଦିଆଯିବ, ତା' ବି ସ୍ଥିର ହେଲା। ଏ ସବୁ କାମରେ କୃପାସିନ୍ଧୁର ସହଯୋଗ ଦୀନବନ୍ଧୁର ମନୋବଳ ବଢ଼ଉଥିଲା। ଆଉ ଦୀନବନ୍ଧୁ ନିଶ୍ଚିନ୍ତ ଥିଲା ଯେ, ତା' ଜବାବ ମୁତାବକ କୃପାସିନ୍ଧୁ କୁନି ବାହାଘରର ସକଳ ଭାର ବହନ କରିବ। ଆଉ ସେଦିନ ଦୀନବନ୍ଧୁ ପୁରା ଆଶ୍ୱସ୍ତ ହେଇଗଲା, ଯୋଉଦିନ କୃପାସିନ୍ଧୁ ଗାଁ ଲୋକଙ୍କ ସାଙ୍ଗରେ ତା' ଭାଗର ଦୁଇମାଣ ଜମି ବିକିବା ପାଇଁ ମୂଲଚାଲ ଆରମ୍ଭ କଲା। ଜମି ବିକ୍ରିରୁ ଯାହା ପଇସା ମିଳିବ, ସେ ସବୁକିଛି କୁନି ବାହାଘରରେ ଖର୍ଚ୍ଚ ହବ ବୋଲି କୃପାସିନ୍ଧୁ ତା' ବନ୍ଧୁବାନ୍ଧବଙ୍କ ଆଗରେ ବି କହୁଥିଲା।

ଏତିକିବେଳେ ଆସିଲା ନିର୍ବାଚନ। କୃପାସିନ୍ଧୁ ଚାଳରେ ଉଡିଲା ଗୋଟିଏ ଦଳର ପତାକା ତ ଦୀନବନ୍ଧୁ ଚାଳରେ ଆଉ ଗୋଟିଏ ଦଳର। ଦୀନବନ୍ଧୁର କାନ୍ଥରେ ଗୋଟିଏ ଦଳର ପୋଷ୍ଟର ତ କୃପାସିନ୍ଧୁର କାନ୍ଥରେ ଆଉ ଗୋଟିଏ ଦଳର। ସାରା ଗାଁ ଭିତରେ ଦୁଇଟା ଦଳ। ଗୋଟିଏ ପଟରେ କୃପାସିନ୍ଧୁ ଅନ୍ୟ ପଟରେ ଦୀନବନ୍ଧୁ। ଦୁଇ ଦଳଙ୍କ ଭିତରେ ଛକାପଞ୍ଝା, କଥା କଟାକଟି...।

ଠିକ୍ ଭୋଟ ପୂର୍ବଦିନ ଗାଁରେ ଟଙ୍କାବଣ୍ଟା ଘଟଣାକୁ ନେଇ ପ୍ରକାଶ ପାଇଲା ଉତ୍ତେଜନା। ରାତି ଅନ୍ଧାରରେ ଘୋ-ଘା, ଚିତ୍କାର, ମରଣାନ୍ତକ ଆକ୍ରମଣ, ଗାଁ ଭିତରେ ଦୌଡିଲା ଆମ୍ବୁଲାନ୍ସ। ପରଦିନ ସକାଳୁ ଜଣାପଡିଲା ସେଇ ଅନ୍ଧାର ଭିତରେ ଦୀନବନ୍ଧୁର ଟାଙ୍ଗିଆ ମାଡ଼ରେ ଗୁରୁତର ଅସୁସ୍ଥ ହେଇ କୃପାସିନ୍ଧୁ ପଡିଛି ବଡ଼ମେଡିକାଲରେ।

ଯା ଭିତରେ ନିର୍ବାଚନ ସରିଯାଇଛି। ଖାଲି ଯାହା ଫଳାଫଳ ଘୋଷଣାକୁ ଅପେକ୍ଷା। ଆଉ କେଇଟା ଦିନ ପରେ କୃପାସିନ୍ଧୁ ଓ ଦୀନବନ୍ଧୁଙ୍କ ଚାଳରୁ ପବନରେ ଉଡିଯିବ ଦଳୀୟ ପତାକା, କାନ୍ଥରୁ କବାଟରୁ ଚିରିଯିବ ପୋଷ୍ଟର। ହେଲେ କ'ଣ ହବ କୁନିର? କ'ଣ ହବ କୃପାସିନ୍ଧୁ ଦୀନବନ୍ଧୁଙ୍କୁ ଦେଇଥିବା ଭରସାର? ସତରେ, ଭୋଟ ଗଣତି ଦିନ ଏସବୁ କଥା ସ୍ପଷ୍ଟ ହେଇଯା'ନ୍ତା କି! ଜଣା ପଡିଯା'ନ୍ତା କି କୃପାସିନ୍ଧୁ ଏବେ ବି ନିଜର ଜବାବ ରଖିବାକୁ ପ୍ରସ୍ତୁତ କି ନା...!!

ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ପ୍ରକ୍ରିୟା ହେଉଛି ନିର୍ବାଚନ। ନିର୍ବାଚନ ଆୟୋଗ ଏଥରର ନିର୍ବାଚନକୁ ଘୋଷଣା କଲେ ଗଣତନ୍ତ୍ରର ମହାପର୍ବ। ଏଇ କ'ଣ ମହାପର୍ବର ସୂଚନା ଯାହା ବିଭେଦ, ଅସୂୟା, ହିଂସା ସୃଷ୍ଟି କରି ମାନବିକତା, ସୌହାର୍ଦ୍ଦ୍ୟ ଆଉ ଭ୍ରାତୃତ୍ୱକୁ ପରାହତ କରେ?

କେଜାଣି, ହୁଏତ କୁନି ପାଖରେ ଏହାର ଉତ୍ତର ଥାଇପାରେ!! କାରଣ, ଏଥର କୁନି ଥିଲା ଫାଷ୍ଟ ଟାଇମ୍ ଭୋଟର୍।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ପାଣି ନଷ୍ଟ କଲେ ଦେବାକୁ ପଡିବ ଜରିମାନା। ଗୁଜରାଟର ଗାନ୍ଧୀନଗର ନିକଟବର୍ତ୍ତୀ ଦାହୋଦରେ ଏବେ ପାଣି ନଷ୍ଟ କଲେ ଦେବାକୁ ପଡିବ ୨୫୦ରୁ ୫୦୦ ଟଙ୍କା ଜରିମାନା। ଏଠାରେ ଅନେକ ସ୍ଥାନରେ ଜଳାଭାବ ଦେଖା ଦେଇଥିବାରୁ ଏମିତି କଡ଼ାକଡ଼ି ନିୟମ ଲାଗୁ କରାଯାଇଛି। କେବଳ ସେତିକି ନୁହେଁ କୌଣସି ବ୍ୟକ୍ତି ୩ ଥର ପାଣି ନଷ୍ଟ କଲେ ତାଙ୍କର ପାଣି କନେକସନ୍ କାଟି ଦିଆଯିବ ବୋଲି ଜଳଯୋଗାଣ ସମିତିର ମୁଖ୍ୟ ଲଖନ ରାଜଗୋର ସୂଚନା ଦେଇଛନ୍ତି। ଦାହୋଦରେ ପାଣିର ଅଭାବ ଦେଖାଦେଇଛି। ଏଠାରେ ଜଳାଭାବ ଦୂର କରୁଥିବା କାଡାଣା ବନ୍ଧ ଓ ପାଟା ଡୁଙ୍ଗରି ନଗରର ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଛି। ତେଣୁ ଏଠାରେ ଦିନେ ଛାଡି ଦିନେ ଲୋକଙ୍କୁ ଜଳ ଯୋଗାଣ କରାଯାଉଛି। ସେଥିପାଇଁ ପାଣି ବଞ୍ଚାଇବାକୁ ଯାଇ ଏଭଳି ନିୟମ କରାଯାଇଛି। ଏହି ଚେତାବନୀ ପରେ କୌଣସି ଉପଭୋକ୍ତା ପାଣି ନଷ୍ଟ କରୁଥିବାର ୨-୩ ଥର ଧରାପଡ଼ିଲେ ଜରିମାନା ସହ ବିନା ନୋଟିସରେ ତାଙ୍କ ପାଣି ସଂଯୋଗ କାଟି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।
(ରୂପ ଓ ବାଣୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ସୁରକ୍ଷା ପୃଥିବୀ ରକ୍ଷା

ମହାଶୟ,

ସାଧାରଣତଃ ପ୍ରାକୃତିକ ଉପାୟରେ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବ ହିଁ ପ୍ରକୃତି ବିରୋଧରେ ଗତି କରୁଛି। ଫଳରେ ପୃଥିବୀର ସନ୍ତୁଳନ ନଷ୍ଟ ହେବା ସହ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବ ଅଦୃଶ୍ୟ ହୋଇଗଲେଣି। ଏହା ବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ହୋଇଗଲେଣି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ସେ ବିଶେଷ ଭାବେ ଚିନ୍ତା କରିବା ଉଚିତ। ନଚେତ୍ ନେଡିଗୁଡ କହୁଣିକୁ ବୋହିଯିବ। ପରିଣାମସ୍ୱରୂପ ପୂର୍ବରୁ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ। ବେଳହୁଁ ମାନବ ସମାଜ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ(୨୨।୪)ରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଆତ୍ମାର ମୃତ୍ୟୁ ନାହିଁ

ଧରିତ୍ରୀରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ମୃତ୍ୟୁ ପରେ ଜୀବନ' ନିବନ୍ଧଟିର ବିଷୟବସ୍ତୁ ବହୁବର୍ଷ ଧରି ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଲେଖକ ତାଙ୍କ ଗ୍ରାମର ଜଣେ ମୃତ ବ୍ୟକ୍ତିକୁ ଶ୍ମଶାନକୁ ସଂସ୍କାର ପାଇଁ ନେବାବେଳେ ସେ ସେଠାରେ ଉଠି ବସି ପୁନର୍ଜୀବନ ଲାଭ କରି ପୁଣି ଆହୁରି ୪୦ ବର୍ଷ ବଞ୍ଚିବା ବିଷୟ ଉଲ୍ଲେଖ କରିଛନ୍ତି। କେତେକ ସ୍ଥଳରେ ଶିଶୁ ବାଲ୍ୟାବସ୍ଥାରେ ପୂର୍ବଜନ୍ମରେ କେଉଁଠି ବାସ କରୁଥିଲା ଓ ପିତାମାତା ସମେତ ପରିବାରବର୍ଗଙ୍କ ନାମ କହିବାରେ ସେଠାକୁ ଯାଇ ତା'ର ଉକ୍ତିର ସତ୍ୟତା ଥିବା ଜଣା ପଡ଼େ। ଧର୍ମଶାସ୍ତ୍ରରେ ବହୁ କ୍ଷେତ୍ରରେ ପୂର୍ବଜନ୍ମର କର୍ମଫଳ ଏବେ ଫଳିଲା ବୋଲି କୁହାଯାଇଛି। ତେବେ କୁପ୍ରବୃତ୍ତିରେ ମଜ୍ଜିଥିବା ବ୍ୟକ୍ତି ଯଦି ଜୀବନକାଳରେ ଦୁଃଖକଷ୍ଟ ଭୋଗ ନ କରେ ତେବେ ପୁନର୍ଜନ୍ମ ପାଇ ଏସବୁ ଭୋଗ କରିବାକୁ ପଡ଼େ। ଆତ୍ମା ତ ଅମର, ତା'ର ମୃତ୍ୟୁ ନାହିଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ୁଛି

ଭଣ୍ଡାମି, ଲାଞ୍ଚ, ମିଛ, ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିବାରେ ଲାଗିଛି। ପ୍ରଶାସନ ଏ ସବୁକୁ ଦମନ କରିବାରେ ସମର୍ଥ ହେଉନାହିଁ। ଅର୍ଥବଳ, ବାହୁବଳ ଓ ଆପରାଧିକ ତତ୍ତ୍ୱଗୁଡ଼ିକ ଦ୍ୱାରା ରାଜନୀତି ସମ୍ପୂର୍ଣ୍ଣ କଳୁଷିତ ହୋଇଯାଇଛି। ନିର୍ବାଚିତ ଲୋକପ୍ରତିନିଧିମାନେ ସେବା ପରିବର୍ତ୍ତେ ସମ୍ପତ୍ତି ଆହରଣ କରିବାରେ ବ୍ୟସ୍ତ ରହୁଛନ୍ତି। ଚାରିଆଡ଼େ ଅବିଶ୍ୱାସର ବାତାବରଣ। ଅର୍ଥ, କ୍ଷମତା ଓ ପ୍ରଭାବ ବଳରେ ନାନା ପ୍ରକାର ଗଫଲତି କାମ କରାଯାଉଛି। ପ୍ରତିଭା ନ ଥାଇ ପ୍ରଭାବ ବଳରେ ଅଯୋଗ୍ୟମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଛନ୍ତି। ନିର୍ବାଚନ ପୂର୍ବରୁ ମିଥ୍ୟା ଓ ଲୋଭନୀୟ ପ୍ରତିଶ୍ରୁତିମାନ ଦେଇ ଭୋଟରମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଭୋଟ ସମୟରେ ମଦ, ଟଙ୍କା ଓ ଭୋଜିଭାତ ଦେଇ ଜନମତକୁ ବିଭ୍ରାନ୍ତ କରାଯାଉଛି। ଜାତି, ଧର୍ମ ଓ ସାମ୍ପ୍ରଦାୟିକ ଆଧାରରେ ହିଂସା ଏବଂ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି। ରାଜନୈତିକ ହିଂସା ବଢ଼ୁଛି। ମାନବିକ ଅଧିକାରର ବ୍ୟାପକ ଉଲ୍ଲଂଘନ ହେଉଛି। ଗଣମାଧ୍ୟମ ଉପରେ ଆକ୍ରମଣ ହେଉଛି। ଏଭଳି ଏକ ଘଡ଼ିସନ୍ଧି ସମୟରେ ଲେଖକ ଓ ବୁଦ୍ଧିଜୀବୀମାନେ ନୀରବତା ଭଙ୍ଗ କରି ସ୍ୱର ଉତ୍ତୋଳନ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରିଲିଫ ପାଣ୍ଠିକୁ ସହାୟତା

**ବାରିପଦା ଅଫିସ,୨୦।୫:** ବାରିପଦାର ସରକାରୀ ଓକିଲ ଶରଦ କୁମାର ସାମନ୍ତଙ୍କ ନେତୃତ୍ୱରେ ଅନ୍ୟ ସରକାରୀ ଓକିଲମାନେ ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରିଛନ୍ତି। ସରକାରୀ ଓକିଲ ନିତ୍ୟାନନ୍ଦ ବେହେରା, ଶାନ୍ତନୁ କୁମାର ଦାସ ପ୍ରମୁଖ ସହାୟତା ପ୍ରଦାନ କରିଛନ୍ତି।

### ଏସ୍‌ୟୁସିଆଇର ବିକ୍ଷୋଭ

**ରାଇରଙ୍ଗପୁର,୨୦।୫(ଡି.ଏନ.ଏ):** ପଶ୍ଚିମବଙ୍ଗରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏସ୍‌ୟୁସିଆଇ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶମ୍ଭୁନାଥ ନାୟକ, ମଙ୍ଗିଲାଲ ହେମ୍ବ୍ରମ, ସଦାଶିବ ଦାସ ଓ ମନୋଜ କୁମାର ମହାନ୍ତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ୪ ବର୍ଷରେ ଗଲାଣି ୧୪୭ ଜୀବନ

**ବାରିପଦା ଅଫିସ,୨୦।୫**



**ଚଡ଼କ ବିପଦ**
- ଅନ୍ଧବିଶ୍ୱାସ ଯୋଗୁ ଡାକ୍ତରଖାନା ପରିବର୍ତ୍ତେ ଗୁଣିଆ ପାଖକୁ ଯାଉଛନ୍ତି
- ସଚେତନତା ଅଭାବରୁ ପ୍ରତିବର୍ଷ ମୃତ୍ୟୁସଂଖ୍ୟା ବଢୁଛି

ବଜ୍ରପାତ ଯୋଗୁ ପ୍ରତିବର୍ଷ ବହୁ ଧନଜୀବନ ନଷ୍ଟ ହେଉଛି। ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଅନ୍ଧବିଶ୍ୱାସ ଯୋଗୁ ବଜ୍ରପାତର ଶିକାର ହେଉଥିବା ଲୋକେ ଡାକ୍ତରଖାନା ପରିବର୍ତ୍ତେ ଗୁଣିଆ ପାଖକୁ ଯାଉଛନ୍ତି। ଗତ ୩୦ ଜୁଲାଇ ୨୦୧୬ରେ ଠାକୁରମୁଣ୍ଡା ବ୍ଲକ ଦିଗଧର ଗ୍ରାମର ଜଣେ ନାବାଳିକାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ଝିଅ ଜୀବନ ଫେରିପାଇବା ଆଶାରେ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପରିବାର ଲୋକେ ତାଙ୍କୁ ଖତଗଦାରେ ପୋତି ରଖିଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ଜିଲା ଜରୁରୀ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୨୦୧୫ ଏପ୍ରିଲରୁ ୨୦୧୯ ଏପ୍ରିଲ ସୁଦ୍ଧା କେବଳ ମୟୂରଭଞ୍ଜ ଜିଲାରେ ବଜ୍ରପାତ ଯୋଗୁ ୧୪୭ ଜଣଙ୍କ ପ୍ରାଣହାନି ଘଟିଲାଣି। ବିଶେଷକରି ଜୁଲାଇ ମାସରେ ବଜ୍ରପାତ ଦ୍ୱାରା ଲୋକଙ୍କ ଜୀବନ ହାନି ହେଉଥିବା ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡ଼େ। ୨୦୧୮ ଜୁଲାଇ ୨୦ରେ ବଜ୍ରପାତ ଯୋଗୁ ଜିଲାର ବେତନଟୀ, ବୈଶିଙ୍ଗା, ବଡ଼ସାହି ଓ ଖୁଣ୍ଟା ଅଞ୍ଚଳର ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୧୭ ଜୁଲାଇ ୭ରେ ମଧ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଅନ୍ୟ ବର୍ଷଗୁଡ଼ିକରେ ମଧ୍ୟ ଜୁଲାଇ ମାସରେ ବଜ୍ରପାତରେ ଅଧିକ ପ୍ରାଣହାନି ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ସଚେତନତା ଅଭାବରୁ ବଜ୍ରପାତ ସମୟରେ ଲୋକେ ବାହାରେ ରହୁଥିବାରୁ ଜୀବନ ହାନି ହେଉଥିବା ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି କହିଛନ୍ତି।

ଅନ୍ୟପକ୍ଷରେ ବଜ୍ରପାତକୁ ନେଇ ଏବେବି ଲୋକଙ୍କ ମନରେ ଭୁଲ ଧାରଣା ରହିଛି। ବଜ୍ରପାତ ଶିକାର ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନା ନେବା ଆବଶ୍ୟକ ବୋଲି ବିଶେଷଜ୍ଞ ମାନସ ବେହେରା କହିଛନ୍ତି। ବଜ୍ରପାତରୁ ବର୍ତ୍ତିବାକୁ ହେଲେ ଖୋଲା ପଡ଼ିଆରେ ନ ରହି ବିଦ୍ୟୁତ୍ ସଂଯୋଗ ଥିବା ଘର ଭିତରେ ରହିବାକୁ ସେ ମତ ଦିଅନ୍ତି। ଏହି ସମୟରେ ଘରର କବାଟ, ଝରକା ବନ୍ଦ କରିବା ସହିତ ଘରର ବିଭିନ୍ନ ବୈଦ୍ୟୁତିକ ଉପକରଣକୁ ବିଦ୍ୟୁତ୍ ସଂଯୋଗରୁ ବିଚ୍ଛିନ୍ନ କରିବା ଆବଶ୍ୟକ। ସେହିପରି କୌଣସି ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଓ ଟାୱାର ନିକଟରେ ନ ରହିବା ସହିତ ଏକାସାଙ୍ଗରେ ବହୁ ଲୋକ ରୁଣ୍ଡ ନ ହେବା ଏବଂ ପାଣି ତଥା ଓଦା ଜନିଷରୁ ଦୂରେଇ ରହିବା ଜରୁରୀ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ମୟୂରଭଞ୍ଜ ଜିଲା ପ୍ରଶାସନ ଓ ପରିବାର ସହ ଉଦ୍ଧାର ନାବାଳକ।

# ୫ ମାସ ପରେ ଫେରିଲେ ନିଖୋଜ ନାବାଳକ

## ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ ସମିତିର କାର୍ଯ୍ୟକୁ ପ୍ରଶଂସା

**ବାରିପଦା ଅଫିସ,୨୦।୫**

ମୟୂରଭଞ୍ଜ ଜିଲା ପ୍ରଶାସନ ଦ୍ୱାରା ୫ ମାସ ତଳେ ଉଦ୍ଧାର ହୋଇଥିବା ଏକ ନାବାଳକଙ୍କୁ ବିହାର ରାଜ୍ୟ ଜାମୋଇ ଅଞ୍ଚଳର ତାଙ୍କ ପରିବାର ଲୋକଙ୍କୁ ଶନିବାର ହସ୍ତାନ୍ତର କରାଯାଇଛି। ଦୀର୍ଘ ଦିନ ପରେ ନାବାଳକଙ୍କୁ ପାଇ ପରିବାର ଲୋକେ ଖୁସି ହେବା ସହ ମୟୂରଭଞ୍ଜ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟରେ ସହଯୋଗ କରିଥିବା ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଓ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ର କାର୍ଯ୍ୟଧାରାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଟ୍ୱିଟ ଜରିଆରେ ପ୍ରଶଂସା କରାଯାଇଛି।

ଗତ ଜାନୁୟାରୀ ୧୯ ତାରିଖରେ ୧୫ ବର୍ଷର ନାବାଳକ ଜଣକ ବାରିପଦା ବସଷ୍ଟାଣ୍ଡରେ ଏଣେ ତେଣେ ବୁଲୁଥିବା ବେଳେ ଟାଉନ ଥାନା ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସେ ପରିବାର ସମ୍ପର୍କରେ କିଛି କହି ନ ପାରିବାରୁ ତାଙ୍କୁ ଡିସିପିୟୁ ଜରିଆରେ ସିଡବ୍ଲ୍ୟୁସିରେ ହାଜିର କରାଯାଇ ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରାଯାଇଥିଲା। ତେବେ ଏହି ନାବାଳକଙ୍କୁ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନିକ ସେବା ବିଭାଗର ସୁରକ୍ଷା ଅଧିକାରୀ ମଧୁସୂଦନ ରଥଙ୍କ ନେତୃତ୍ୱରେ ଏକ ଟିମ ଗତ ଗୁରୁବାର ବିହାର ରାଜ୍ୟର ଜାମୋଇକୁ ଯାଇ ଶନିବାର ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଜିଲାପାଳ ବିନିତ ଭରଦ୍ୱାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କହିଛନ୍ତି।

# ଉଦାହରଣ ସାଜିଲେ ଯୁବ ଗୋଷ୍ଠୀ

**ବଡ଼ସାହି,୨୦।୫(ଡି.ଏନ୍.ଏ.):** ବିଭାଗୀୟ କର୍ମଚାରୀଙ୍କ ଉପରେ ନିର୍ଭର ନ କରି ମୟୂରଭଞ୍ଜ ଜିଲା ବଡସାହି ଅଞ୍ଚଳର ଯୁବକମାନେ କାଳବୈଶାଖୀରେ ଭାଙ୍ଗି ପଡିଥିବା ବିଦ୍ୟୁତ ଲାଇନ ମରାମତି କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଯୁବକମାନଙ୍କ ଏ ପ୍ରକାର ଉଦ୍ୟମକୁ ଅଞ୍ଚଳବାସୀଙ୍କ ତରଫରୁ ପ୍ରଶଂସା କରାଯାଇଛି। କାଳବୈଶାଖୀ ପ୍ରଭାବରେ ବୁଧବାର ବଡ଼ସାହି ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଥିଲା। ବଡ଼ସାହି ବଜାର ନିକଟରେ ଥିବା ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହ ତହସିଲ, ଥାନା, ଡାକ୍ତରଖାନା ଓ ବ୍ଲକ ଅଫିସ ପରିସରରେ ଥିବା ଗଛଗୁଡ଼ିକ ଧରାଶାୟୀ ହୋଇପଡିଥିଲା। କଇଁଶାଳୀ, ବେଲପାଳ, ମାଧପୁର, ସିଂହଟିଆ, ଗଜଡିହି କେନ୍ଦୁଡିହା ଆଦି ଗ୍ରାମରେ ଶତାଧିକ ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିପଡ଼ିବା ଯୋଗୁ ବିଦ୍ୟୁତ୍ ସରବରାହ ଏକପ୍ରକାର ଠପ୍ ହୋଇଯାଇଥିଲା। ବଡ଼ସାହି ସବ୍‌ଷ୍ଟେଶନ ଅଧୀନରେ କମ୍ ସଂଖ୍ୟକ କର୍ମଚାରୀ ଥିବାରୁ ଆଗାମୀ ୧୫ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ମିଳିବ କି ନାହିଁ ଏଥିପାଇଁ ଅଞ୍ଚଳବାସୀ ସନ୍ଦିହାନ ଥିଲେ। ମାତ୍ର ଗୁରୁବାର ବଜାର ବଣିକ ସଂଘର ସଦସ୍ୟ ତଥା ଆଖପାଖର ସ୍ୱେଚ୍ଛାସେବୀଙ୍କ ଏକ ଦଳ ବିଦ୍ୟୁତ୍ ବିଭାଗକୁ ସହଯୋଗ କରିଥିଲେ। ଟାଣ ଖରାକୁ ଖାତିର ନ କରି ସ୍ୱେଚ୍ଛାସେବୀ କୃପାସିନ୍ଧୁ ବେହେରା, ଦୀପକ ବିଶ୍ୱାଳ, ମାନସ ରଞ୍ଜନ ସାହୁ, ସନ୍ତୋଷ କୁମାର ସାହୁ, ଶଶାଙ୍କ ଶେଖର କର, ଦୀପକ କୁମାର ପଣ୍ଡା, ଦେବେନ୍ଦ୍ର ମାତା, ରାଜେଶ କୁମାର ବାରିକ, ବଳରାମ ବେହେରା ପ୍ରମୁଖ ଯୁବକମାନେ ଖୁଣ୍ଟପୋତା ଓ ତାର ଟାଣିବା ସହ ଅସଜଡ଼ା ଟ୍ରାନ୍ସଫର୍ମର ସାଜଡ଼ିବାରେ ସହାୟତା କରିବାରୁ ବିଦ୍ୟୁତ୍ ସଂଯୋଗ ମିଳିପାରିଥିଲା।

■ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଦିଗହରା

# ଭଙ୍ଗା ଘରେ ଅସହାୟ ମହିଳା

**କପ୍ତିପଦା, ୨୦।୫(ଡ଼ି.ଏନ୍.ଏ)**



ଭଙ୍ଗା ଘରେ ଅସହାୟ କୁନି ମାରାଣ୍ଡି।

ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କା ଘର ପ୍ରଦାନ ପାଇଁ ନିୟମ କରିଛନ୍ତି। କିପରି ପ୍ରକୃତ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ ସେଥିପାଇଁ ପ୍ରତି ପଞ୍ଚାୟତରେ ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ଏହି ଯୋଜନା କପ୍ତିପଦା ବ୍ଲକ୍‌ରେ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଥିବା ବେଳେ ସ୍ୱଚ୍ଛଳବର୍ଗର ଲୋକେ ଏଥିରୁ ଫାଇଦା ନେଉଛନ୍ତି। ସେହିପରି କେଉଁଠି ଘର ତିଆରି ନ ହୋଇ ବିଲ୍ ଉଠି ଯାଉଥିବା ବେଳେ ଅନ୍ୟ କେଉଁଠି ଠିକାଦାର ଅଗ୍ରୀମ ଟଙ୍କା ହିତାଧିକାରୀମାନଙ୍କ ଠାରୁ ନେଇ ବର୍ଷ ବର୍ଷ ଧରି ଘର କରୁ ନାହାନ୍ତି। ଏଥିରେ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟ ପ୍ରଚ୍ଛନ୍ନ ହାତ ଥିବାର ଅଭିଯୋଗ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ୍ ଅଧୀନ ଶରତ ପଞ୍ଚାୟତ କେଶପଡା ଗ୍ରାମରେ। ଏହି ଗ୍ରାମର ବିଧବା କୁନି ମାରାଣ୍ଡି (୬୦) ଗତ ୩ ବର୍ଷ ପୂର୍ବେ ଏକ ଇନ୍ଦିରାବାସ ପାଇଥିଲେ। ମାତ୍ର ଅଦ୍ୟାବଧି ତାଙ୍କ ଘରଟି ମାଟିରୁ ୧ ଫୁଟ ଉଚ୍ଚ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଭଙ୍ଗା କାନ୍ଥ ଓ ଭାଙ୍ଗି ଯାଇଥିବା ନଡା ଛପର ଘରେ ସେ ବିପଦସଙ୍କୁଳ ଅବସ୍ଥାରେ ବସବାସ କରୁଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ମୋ ନାଆଁରେ ଇନ୍ଦିରାବାସ ଘର ଆସିଥିଲା । ଗାଁର ଜଣେ ୱାର୍ଡ ମେମ୍ବର ଏହା ତିଆରି କରୁଥିଲେ। ହେଲେ ସେ କାମ କାମ ବନ୍ଦ କରିଦେବାରୁ ମୁଁ ବହୁଥର ତାଙ୍କ ନିକଟକୁ ଯାଇ ନିରାଶ ହୋଇଛି ବୋଲି କହିଛନ୍ତି। ଅସହାୟ ବୃଦ୍ଧା ଜଣକ ଏବେ ଭଙ୍ଗା ଦଦରା ଘରେ ଖରା ବର୍ଷାରେ ପଡି ରହୁଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନଥିବା ସେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଜିଲାପାଳ, ବି.ଡି.ଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆବଶ୍ୟକ ପଡ଼ିଲେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ଲୋକର ଘରକୁ ତାଙ୍କ ଘର ଦର୍ଶାଇ ବିଲ୍ ଉଠାଇ ନିଆ ଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଜାଣିନି ଓ ସରପଞ୍ଚଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।

# ଏମ୍‌ପିସି କଲେଜରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

**ବାରିପଦା ଅଫିସ,୨୦।୫**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ସାନ୍ତାଳି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଝରଣା ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇ ସାନ୍ତାଳି ଭାଷାର ଲିପି ସ୍ରଷ୍ଟାଙ୍କ ପାଇଁ ଓଡ଼ିଶା ଗର୍ବିତ ବୋଲି କହିଥିଲେ। ବିଶିଷ୍ଟ ବକ୍ତା ଭାବେ ଲେଖକ ଗଙ୍ଗାଧର ହାସଁଦା ଯୋଗଦେଇ ରଘୁନାଥ ମୁର୍ମୁଙ୍କ ସାହିତ୍ୟ କୃତି ଓ ଆଜୀବନ ସାଧନା ଉପରେ ଆଲୋଚନା କରିଥିଲେ। ସାନ୍ତାଳି ବିଭାଗର ଅଧ୍ୟାପକ ଦୁଖୁ ମାର୍ଣ୍ଡି, ସଞ୍ଜୟ କୁମାର ହେମ୍ବ୍ରମ୍, ଲକ୍ଷ୍ମଣ କିସ୍କୁ ପ୍ରମୁଖ ରଘୁନାଥଙ୍କ ସାହିତ୍ୟ ସାଧନା, ଲିପି ସାଧନା ଏବଂ ତା'ର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମାଜ ବିଜ୍ଞାନ ବିଭାଗର ଅତିଥି ଅଧ୍ୟାପିକା ଦୁଲାରୀ କିସ୍କୁ, କହ୍ନେଇ ସୋରେନ, ସୁକାନ୍ତି ମାର୍ଣ୍ଡି, ବିକ୍ରମ ବେଶ୍ରା, ଦିନ୍ଦୁ ମୁର୍ମୁ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ରମାନେ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟକୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ର ନାଥ ମୁର୍ମୁ ସଞ୍ଚାଳନ କରିଥିବା ବେଳେ ଛାତ୍ର ବାପି ମୁର୍ମୁ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଓ ଛାତ୍ରୀଛାତ୍ରବୃନ୍ଦ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନପ୍ରଭା ମିଶ୍ର**
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୬।୧୯୬୩
ତିରୋଧାନ: ୧୦।୦୫।୨୦୧୯
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୧୨୫୭୭

**ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭୁବନ ବିହାରୀ କର**
ଆପଣଙ୍କ ଅବର୍ତ୍ତମାନରେ ଦୀର୍ଘ ୫ବର୍ଷ ଧରି ଆମ୍ଭେ ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଆମ ପରିବାରର ଗର୍ବଗୌରବର ପ୍ରତୀକ। ଆମ ସମସ୍ତଙ୍କ ମନରେ ତୁମର ସ୍ମୃତି ଅତୁଟ ରହିଛି ଏବଂ ରହିବ ମଧ୍ୟ। ଆପଣଙ୍କ ଆଦର୍ଶ ଓ ଉପଦେଶ ସଦାସର୍ବଦା ପ୍ରେରଣା ଦେଉ। ପରିବାରବର୍ଗ ଆପଣଙ୍କୁ ଶ୍ରଦ୍ଧାସୁମନ ଜଣାଉଅଛୁ।
ଧ-୧୨୫୭୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଯୋଗେନ୍ଦ୍ର ଚରଣ ନାୟକ**
୨୩୩/ବି, ବାୟାବାବା ମଠ ରୋଡ୍, ୟୁନିଟ-୯, ଭୁବନେଶ୍ୱର-୭୫୧୦୨୨
ଆବିର୍ଭାବ: ୧୪।୦୨।୧୯୪୩
ତିରୋଧାନ: ୧୧।୦୫।୨୦୧୯
''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ''
ଆପଣଙ୍କର ସ୍ନେହବତ୍ସଳ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୨୫୭୧



**PARADIP PORT TRUST**
**E-TENDER CALL NOTICE**
Name of the work **"Allotment of 04(Four) nos. of Mechanical Iron Ore / Iron Ore Pellet Plots at PPT"**. License Fees : **Rs.2,50,18,950/-**. Wharfage Fees : **Rs.14,31,340/-**. The last date & time of Submission of bid : **06.06.2019** upto **15:00 hrs.** Date and time of opening (technical bid) : **07.06.2019** upto **15:00 hrs.** Refer our website for details : **https://eprocure.gov.in/eprocure/app.** Traffic Manager
PPT/PR/70/19-20, Dt.20.05.2019


# ଡ୍ରେନ୍ ଯୋଗୁ ଲୋକେ ହୀନସ୍ତା

**ବୈଶିଙ୍ଗା,୨୦।୫:** ୧୮ ନଂ. ଜାତୀୟ ରାଜପଥକୁ ଚାରିଲେନ୍ କରିବା ଦାୟିତ୍ୱ ନେଇଥିବା ନିର୍ମାଣକାରୀ ସଂସ୍ଥାର ଦାୟିତ୍ୱହୀନ କାର୍ଯ୍ୟ ଯୋଗୁ ରାସ୍ତାରେ ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟି ଚାଲିଛି। ବୈଶିଙ୍ଗା ବଜାରଠାରୁ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଚାଲିଥିବାସ୍ଥଳେ ଏହାର ଉଭୟ ପାର୍ଶ୍ୱରେ କଂକ୍ରିଟ ଡ୍ରେନ କାର୍ଯ୍ୟ ଚାଲିଛି। ଡ୍ରେନର ଉପରିଭାଗ କଂକ୍ରିଟ ସ୍ଲାବ ଦେଇ ବନ୍ଦ କରାଯିବାର ବ୍ୟବସ୍ଥା ହୋଇଛି। ମାତ୍ର କେତେକ ସ୍ଥାନରେ ଏହି କଂକ୍ରିଟ ଢ଼ାଙ୍କୁଣୀକୁ କାଢ଼ି ଦିଆଯାଇ ଡ୍ରେନ ପାର୍ଶ୍ୱରେ ରଖାଯାଇଛି। ଫଳରେ ରାତି ଅନ୍ଧାର ସମୟରେ ପଥଚଲା ବାଟୋଇ ଏହାକୁ ଜାଣି ନ ପାରି ଡ୍ରେନରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଶନିବାର ସନ୍ଧ୍ୟାରେ ଜଣେ ଗର୍ଭବତୀ ମହିଳା ଉକ୍ତ ରାସ୍ତାରେ ଯାଉଥିବା ସମୟରେ ଡ୍ରେନରେ ପଡ଼ି ଆହତ ହୋଇଥିଲେ। ରାସ୍ତାଠାରୁ ଡ୍ରେନର ଉଚ୍ଚତା ଏକଫୁଟ ଅଧିକ ରହିଛି। ନିର୍ମାଣ ସମୟରେ ସ୍ଥାନୀୟ ଅଧିବାସୀ ଡ୍ରେନକୁ ରାସ୍ତା ସହିତ ସମତୁଲ କରିବା ପାଇଁ ଦାବି କରିଥିଲେ। କିନ୍ତୁ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରିନଥିଲେ।


**କର୍ପୋରେଶନ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଳେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୮.୦୫.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୭.୦୫.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୧୪୭୭୦୨** | | |
| **ଶିଶିର କୁମାର ପାଣୀ,** ପିତା: ଚତୁର୍ଭୁଜ ପାଣୀ, ସା/ପୋ.: ଗୁରୁଜଙ୍ଗ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୪୫୬୦୭୫୩ / ୦୨.୦୧.୨୦୧୮** | ୨୩.୫୩ | ଟ.୩୮,୭୩୪/- |
| **ଭଞ୍ଜନଗର ଶାଖା, ମେନ୍ ରୋଡ୍, ସା/ପୋ.: ଭଞ୍ଜନଗର, ଇଣ୍ଡେନ୍ ଗ୍ୟାସ୍ ସମ୍ମୁଖ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, ମୋ.: ୯୯୩୮୦୦୩୩୬୮** | | |
| **ସନ୍ତୋଷ ନାୟକ,** ସା: ସାନକୋଦଣ୍ଡା, ପୋ.: ମହାଗୁଡ, ଭଞ୍ଜନଗର-୭୬୧୧୩୨ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୦୨୮୧ / ୨୭.୦୨.୨୦୧୭** | ୮.୧୫ | ଟ.୧୬,୦୯୨/- |
| **ସିମାଞ୍ଚଳ ପ୍ରଧାନ,** ପିତା: କୀର୍ତ୍ତନ ପ୍ରଧାନ, ସା/ପୋ.: କାଳିଆଗୁଡା, ଥାନା: ଗଙ୍ଗପୁର, ଜିଲ୍ଲା: ଗଞ୍ଜାମ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୭୯୯ / ୨୭.୦୨.୨୦୧୭** | ୨୦.୩୪ | ଟ.୨୦,୯୧୮/- |
| **ତିଙ୍ଗିର ନାୟକ,** ପିତା: ଚରଣ ନାୟକ, ସା/ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୮୪୫ / ୦୩.୦୩.୨୦୧୭** | ୨୪.୫୨ | ଟ.୪୪,୮୪୧/- |
| **ରାମ ଡାକୁଆ,** ପିତା: ହରି ଡାକୁଆ, ସା: ନୂଆସାହି, ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୨୨୬୪ / ୨୭.୦୩.୨୦୧୭** | ୨୩.୬୬ | ଟ.୩୪,୩୪୯/- |
| **ଦେବଜୟ ପ୍ରଧାନ,** ପିତା: ଅର୍ଜୁନ ପ୍ରଧାନ, ସା/ପୋ.: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୩୩ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୪୭୯୮୪/ ୦୬.୦୫.୨୦୧୭** | ୧୩.୦୦ | ଟ.୧୯,୯୩୮/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୯୮୫ / ୨୨.୦୫.୨୦୧୭** | ୨୧.୪୪ | ଟ.୧୫,୮୭୭/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୯୯୦୫ / ୨୨.୦୫.୨୦୧୭** | ୩୮.୦୦ | ଟ.୩୪,୦୧୦/- |
| **ଲିପି ପ୍ରଧାନ,** ସ୍ୱାମୀ: ବିଜନକାନ୍ତ ପ୍ରଧାନ, ସା: ଅଜଣାପ୍ରସାଦ, ପୋ.: ଜଗନ୍ନାଥପ୍ରସାଦ, ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ-୭୬୧୧୨୧ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୦୪୯୨୪/ ୦୬.୦୬.୨୦୧୭** | ୨୫.୯୨ | ଟ.୪୯,୨୪୦/- |
| **କାର୍ତ୍ତିକେଶ୍ୱର ଗୌଡ,** ପିତା: ସହଦେବ ଗୌଡ, ସା: କଳିଙ୍ଗ ନଗର ୩ୟ ଲେନ୍, ବାଇଲୁଗୁଣ୍ଡା ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୮୮୩୫ / ୩୧.୦୭.୨୦୧୭** | ୩୯.୬୭ | ଟ.୭୧,୬୮୫/- |
| **ବସନ୍ତ ସ୍ୱାଇଁ,** ପିତା: କାଳୁ ସ୍ୱାଇଁ, ସା: ମୁଦୁଲିପାଲି, ପୋ.: ଗାମୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୭୨୮୭୯ / ୦୫.୦୮.୨୦୧୭** | ୧୫.୬୯ | ଟ.୨୯,୮୨୯/- |
| **ସୁଶାନ୍ତ କୁମାର ଜେନା,** ପିତା: ନିରଞ୍ଜନ ଜେନା, ସା: ଟୋକାଗଣ୍ଡ, ପୋ.: ବଡକୋଦଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୦୦୮୩ / ୦୯.୦୮.୨୦୧୭** | ୨୭.୪୦ | ଟ.୪୧,୬୭୪/- |
| **ପ୍ରସାନ୍ତ କୁମାର ସାହୁ,** ପିତା: ଭଗବାନ ସାହୁ, ସା: ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୬୦୯୪/୨୭.୦୭.୨୦୧୭** | ୩୧.୮୫ | ଟ.୫୩,୪୦୭/- |

ତାରିଖ: ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ



## CLASSIFIED DISPLAY

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କର୍ଲାପୋରୀ**
ଶିକ୍ଷାବର୍ଷ-୨୦୧୯-୨୦୨୦
**ନାମଲେଖା ବିଜ୍ଞାପନ**
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା ୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୪୦। ଏଥିରୁ ୧୦ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ► ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC, Categories; 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 8658827904 | ପ୍ରଧାନ ଆଚାର୍ଯ୍ୟ Mob.- 7873448098 | ସଂପାଦକ Mob.- 8328849597

**ଛାତ୍ରବୃତ୍ତି**
**ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାର ବାତ୍ୟା ପୀଡ଼ିତ ଗରିବ ପରିବାରର ପିଲାମାନଙ୍କ ବିଦ୍ୟାଳୟ ଶିକ୍ଷା ପାଇଁ**
ଗ୍ଲୋବାଲ୍ କ୍ୟାନ୍ସର କନ୍‌ସର୍ନ ଇଣ୍ଡିଆ,
ସମ୍ବଳହୀନ କ୍ୟାନ୍ସର ରୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ କାର୍ଯ୍ୟରତ,
ଓଡ଼ିଶାର ପୁରୀ ଜିଲ୍ଲାରେ ବାତ୍ୟା ପୀଡ଼ିତ ଗରିବ ପରିବାରଙ୍କଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଜ ପିଲାଙ୍କ ବିଦ୍ୟାଳୟ ଶିକ୍ଷା ଜାରି ରଖିବା ଲାଗି ଦରଖାସ୍ତ ଆହ୍ୱାନ କରୁଛି।
ଦୟାକରି ଆମକୁ କଲ୍ କରନ୍ତୁ : **124-2564473,74, 75**
କିମ୍ବା ଲେଖନ୍ତୁ **ଗ୍ଲୋବାଲ୍ କ୍ୟାନ୍ସର କନ୍‌ସର୍ନ ଇଣ୍ଡିଆ, ସି-659, ସୁଶାନ୍ତ ଲୋକ- 1, ଗୁରଗାଓଁ - 122009, ହରିୟାଣା** କିମ୍ବା ଇମେଲ୍ କରନ୍ତୁ : **ho@gcci.org.in**
**Global Cancer Concern India**
"Striving Nationwide for Cause and Care of Cancer Patients"



**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
**9810599425** 9971793786

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଟଲି**
ଶିକ୍ଷାବର୍ଷ-୨୦୧୯-୨୦୨୦
**ନାମଲେଖା ବିଜ୍ଞାପନ**
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୬୦। ଏଥିରେ ୧୫ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ► ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC; Categories, 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 7894624167 | ପ୍ରଧାନ ଆଚାର୍ଯ୍ୟ Mob.- 9777782186 | ସଂପାଦକ Mob.- 9777520724

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟା ଉଦ୍ଧାର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଣିଙ୍ଗପଦର ଗାଁ ରାସ୍ତା କଡରୁ ଏକ ନବଜାତ ଶିଶୁକନ୍ୟାକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ସୋମବାର ସକାଳେ ଜଣେ ମହିଳା ସେହି ବାଟଦେଇ ଯାଉଥିବାବେଳେ ଶିଶୁକନ୍ୟାର କାନ୍ଦ ଶୁଣିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶିଶୁଟି ସୁସ୍ଥ ଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

**ଗଣ୍ଡତୁରମ, ୨୦।୫ (ଡି.ଏନ୍.ଏ.) :** ବରଗଡ ଜିଲା ଭେଡେନ ଥାନା ତଥା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଟିହିକିପାଲି ଗ୍ରାମର ପ୍ରଦୀପ କୁମାରଙ୍କ ଝିଅ ଦୀପା(୧୩)ଙ୍କ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି । ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦନ୍ତା ନେଲା ୨ ଜୀବନ

## ■ ମୋଟଙ୍ଗାରେ ବୃଦ୍ଧ, ଛେଣ୍ଡିପଦାରେ ବୃଦ୍ଧାଙ୍କୁ ମାରିଲା

**ଢେଙ୍କାନାଳ ଅଫିସ/ଛେଣ୍ଡିପଦା,୨୦।୫**

ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ସୋମବାର ହାତୀ ଆକ୍ରମଣରେ ୨ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ହିନ୍ଦୋଳରୋଡ ଫାଣ୍ଡିର ଗୁଣ୍ଡୁଦେଇ ଗ୍ରାମରେ ଦନ୍ତା ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇରେ ଜନୈକା ବୃଦ୍ଧାଙ୍କ ଜୀବନ ନେଇଛି ଆଉ ଏକ ଦନ୍ତାହାତୀ।

ବନ ବିଭାଗର ସୂଚନା ଅନୁଯାୟୀ, ମୋଟଙ୍ଗା ଥାନା ଗୁଣ୍ଡୁଦେଇ ଗ୍ରାମର ମଙ୍ଗରାଜ ପାତ୍ର(୬୫) ସକାଳ ସାଢେ ୬ଟାରେ ଆମ୍ବ ଗୋଟାଇବା ପାଇଁ ତୋଟାକୁ ଯାଇଥିବା ବେଳେ ସେଠାରେ ଥିବା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀ ଗୁଣ୍ଡୁଦେଇ ଛକଠାରେ ମୃତଦେହ ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନମିତା ନାୟକ, ସଦର ରେଞ୍ଜର ମନୱର ଖାଁ, ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୨୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ଅନୁଗୋଳ-ଛେଣ୍ଡିପଦା ରାଜ୍ୟ ରାଜପଥର ଗୋଡ଼ିମରାଠାରେ ଦନ୍ତାହାତୀ ରାସ୍ତା ଅତିକ୍ରମ କରୁଛି।

ସେହିପରି ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ତାଳତଇଳାରେ କଣଲୋଇ ଗ୍ରାମର ଦୁର୍ଯ୍ୟୋଧନ ମାଝିଙ୍କ ସ୍ତ୍ରୀ ଖେଡ଼ି ମାଝି (୬୮) ବୋହୂଙ୍କ ସହ କାଜୁ ତୋଳିବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହିଁ ଖେଡ଼ିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଓ ବନବିଭାଗ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଲୋକେ ଶାନ୍ତ ପଡ଼ିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଇରେ ରସିକ ଭଲା ବୁଝିଲୁ,**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଂଘା ବଣେ ପଶିଲୁ ।**

ଭଲକୁ ଛାଡ଼ି ମନ୍ଦକୁ ଆପଣେଇବାର ପରିଣତି ଅନେକ ସମୟରେ ବିଷମ ହୋଇଥାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ସର୍ବଦା ମନ୍ଦ ହିଁ ହୋଇଥାଏ। ଭଲ ଓ ଭେଲ ମଧ୍ୟରେ ତଫାତ୍ ଜାଣିପାରୁ ନ ଥିବା ବ୍ୟକ୍ତି ଉପହସିତ ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହଗି ଧାଉଁଥାଏ ଛୁଟୁଛୁଟୁ ।**
**ଭୋକେ ହଉଥାଏ ରୁଟୁପୁଟୁ ।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଥିଲେ ମଧ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ପେଟ ବା ସ୍ୱାସ୍ଥ୍ୟ ପଛେ ଖରାପ ହୋଇଯାଉ ସେଥିକୁ ଚିନ୍ତା ନ ରଖି ଖାଦ୍ୟଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରଖୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଟ୍ରେନ୍ ବଗିରେ ଏସି ନ ଚାଲିବାରୁ ଉତ୍ତେଜନା



ଷ୍ଟେଶନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବୁଝାଶୁଝା କରୁଛନ୍ତି।

■ ବାରମ୍ବାର ଚେନ୍ ଟାଣି ଅଟକାଇଲେ ଯାତ୍ରୀ

■ ରାଉରକେଲାରୁ ଘଣ୍ଟାଏ ବିଳମ୍ବରେ ଟ୍ରେନ ଛାଡ଼ିଲା

**ରାଉରକେଲା ଅଫିସ,୨୦।୫**

ଟିଟିଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସରେ ଏସି ଚାଲୁ ନ ଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ରାଉରକେଲା ଷ୍ଟେଶନରେ ଯାତ୍ରୀ ଉତ୍ତେଜନା ପ୍ରକାଶ ପାଇଥିଲା। ଏସି ନ ଚାଲିଲେ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି କହି ଯାତ୍ରୀମାନେ ବାରମ୍ବାର ଚେନ୍ ଟାଣିଥିଲେ। ବିଭାଗୀୟ ଅଧିକାରୀ ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ପ୍ରାୟ ଘଣ୍ଟାଏ ବିଳମ୍ବରେ ଏଠାରୁ ଟ୍ରେନ୍ ଛାଡ଼ିଥିଲା।

ସୂଚନାନୁସାରେ ୧୨୮୭୨ନଂ ଟିଟିଲାଗଡ଼-ହାୱଡ଼ା ସୁପରଫାଷ୍ଟ ଟ୍ରେନ୍‌ର ୩ଟି ଚେୟାର କାର୍ ଏବଂ ୩ ଟାୟାର ବଗିର ଏସି କାମ କରୁ ନ ଥିବା ଯାତ୍ରୀମାନେ ସମ୍ବଲପୁର ଷ୍ଟେଶନ ନିକଟରୁ ଅଭିଯୋଗ କରି ଆସୁଥିଲେ। ଏହାକୁ ଝାରସୁଗୁଡ଼ାରେ ମରାମତି କରାଯିବ ବୋଲି ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା କରାଗଲା ନାହିଁ। ଯାତ୍ରୀମାନେ ପୁଣି ଅଭିଯୋଗ କରିବାରୁ ରାଉରକେଲାଠାରେ ମରାମତି କରାଯିବ ବୋଲି କୁହାଗଲା। ରାଉରକେଲାରେ ଟ୍ରେନ୍ ଅପରାହ୍ନ ୩ଟା ୫୭ରେ ପହଞ୍ଚି କିଛି ସମୟ ରହଣି ପରେ ଛାଡ଼ିଥିଲା। କିନ୍ତୁ ଏସି ମରାମତି କରାଯାଇ ନ ଥିଲା। ଫଳରେ ଗୁଲୁଗୁଲିରେ ଅତିଷ୍ଠ ଯାତ୍ରୀ ଚେନ୍ ଟାଣି ଗାଡ଼ିକୁ ଅଟକାଇଥିଲେ। ବାରମ୍ବାର ଚେନ୍ ଟାଣିବାରୁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବଗିଗୁଡ଼ିକରେ ପହଞ୍ଚି ଯାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ପରବର୍ତ୍ତୀ ଷ୍ଟେଶନରେ ଏସି ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଯାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏସି ମରାମତି କରା ନ ଯିବା ପର୍ଯ୍ୟନ୍ତ ରାଉରକେଲାରୁ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି ଅଡ଼ିବସିଥିଲେ। ଶେଷରେ କର୍ତ୍ତୃପକ୍ଷ ଦୁଇଜଣ ଏସି ମେକାନିକ୍‌ଙ୍କୁ ଟ୍ରେନ୍‌ରେ ଚଢ଼ାଇବାରୁ ଯାତ୍ରୀମାନେ ଶାନ୍ତ ପଡ଼ିଥିଲେ। ଅପରାହ୍ନ ୫ଟାରେ ଟ୍ରେନ୍ ଏଠାରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଆନ୍ତଃରାଜ୍ୟ କଫ୍ ସିରପ୍ ର୍ୟାକେଟର ୨ଗିରଫ

**ବଲାଙ୍ଗୀର ଅଫିସ, ୨୦।୫**

ଆନ୍ତଃରାଜ୍ୟ କଫ୍‌ସିରପ୍‌ଚୋରା ର୍ୟାକେଟ୍ ଚଳାଇଥିବା ସାନ ଓରଫ୍ ଗୋବିନ୍ଦ ନେଗୀ (୩୮) ଓ ପ୍ରଶାନ୍ତ କ୍ଷେତୀ (୪୨)ଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଭୁବନେଶ୍ୱରରୁ ଗିରଫ କରିଛି। ପୋଲିସ ଆଖିରେ ଧୂଳିଦେଇ ଗତ କିଛିମାସ ତଳେ ଏହି ର୍ୟାକେଟ୍‌ର ମୁଖ୍ୟ ସାନ ନେଗୀ ବଲାଙ୍ଗୀରରୁ ଚମ୍ପଟ ମାରିଥିଲେ। ସେହିପରି ଗତ ୬ ତାରିଖରେ ବଲାଙ୍ଗୀର ଟାଉନ୍ ଥାନା ଭିତରୁ ପ୍ରଶାନ୍ତ କ୍ଷେତୀ ବି ଫେରାର ହୋଇଯାଇଥିଲେ। ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ବଲାଙ୍ଗୀର ସହର ବରପାଲିପଡାର ସାନ ଓ ମାଳପଡାର ପ୍ରଶାନ୍ତ କେତେଜଣ ସହଯୋଗୀଙ୍କୁ ଧରି ବେଶ୍ କିଛିବର୍ଷ ହେଲା ବଲାଙ୍ଗୀର ଓ ପଡୋଶୀ ଜିଲାମାନଙ୍କରେ ଅବାଧରେ କଫ୍ ସିରପ୍ କାରବାର କରିଆସୁଥିଲେ। ବଲାଙ୍ଗୀର ସହରର ଗଳିକନ୍ଦିରେ ଏଜେଣ୍ଟ ରଖି ସାନଙ୍କ ଗୋଷ୍ଠୀ କଫ୍ ସିରପ୍ କାରବାର କରୁଥିଲେ। ଏହି ବ୍ୟବସାୟରୁ ବିପୁଳ ଟଙ୍କା ଆଦାୟ କରିବା ପରେ ସେମାନେ ପଡୋଶୀ ଜିଲାରେ ବ୍ୟବସାୟ ଆରମ୍ଭ କରିଥିଲେ। କଫ୍ ସିରପ୍‌ର ବ୍ୟାପକ ବ୍ୟବହାର ଫଳରେ ସହରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି ବ୍ୟବସାୟକୁ କେନ୍ଦ୍ରକରି ଦୁଇଟି ହତ୍ୟା ଘଟଣା ଘଟିଥିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ସହରର ଯୁବଗୋଷ୍ଠୀ କଫ୍ ସିରପ୍ ନିଶାରେ ଅଭ୍ୟସ୍ତ ହୋଇ ପଡିବା ସହ ସେମାନେ ବହୁ ଆପରାଧିକ ଘଟଣାରେ ଲିପ୍ତ ହେଉଥିବା ଜଣାପଡିଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ଆଖିରେ ଧୂଳିଦେଇ ସାନ ନେଗୀ ଗୁପ୍ତ ଆଡ୍ଡା କରି କାରବାର ଚଳାଇ ଆସୁଥିଲେ। ଗତ ମାର୍ଚ୍ଚ ୨୧ ତାରିଖରେ ସ୍ଥାନୀୟ ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନ୍‌ରୁ ଗୋଟିଏ ସ୍କର୍ପିଓ ଏବଂ ଏକ ଟାଟା ଏସିଇ ଗାଡିରେ ଚାଲାଣ ହୋଇଥିବା ୩୫୨୦ ବୋତଲ କଫ୍ ସିରପ୍ ଜବତ୍ କରିଥିଲା। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ଛତିଶଗଡ଼ ରାଜଧାନୀ ରାୟପୁରର ସାଇକ୍ରିଷ୍ଣା ସର୍ଜିକୋ ନାମକ ଏକ ଦୋକାନରୁ ବଲାଙ୍ଗୀର ଶ୍ରୀସାଇ ମେଡିଫାର୍ମା ନାମରେ ଏହି କପ୍ ସିରପ୍ ଆସୁଥିବା ଜଣାପଡିଥିଲା।



ପୋଲିସ ଗହଣରେ ସାନ ନେଗୀ ଓ ପ୍ରଶାନ୍ତ କ୍ଷେତୀ।

■ ଭୁବନେଶ୍ୱରରୁ କାବୁ କଲା ବଲାଙ୍ଗୀର ପୋଲିସ

■ ଖୋଲିବ କଫ୍ ସିରପ୍ ର୍ୟାକେଟ୍‌ର ଗୁମର

■ ରାୟପୁରକୁ ଲମ୍ବିଛି ଚେର

■ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

# ବାର୍‌ହାକୁ ପିଟି ପିଟି ମାରିଦେଲେ

## ■ ପ୍ରତି ଆକ୍ରମଣରେ ୩ ଆହତ

**ସିନାପାଲି,୨୦।୫ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ରେଞ୍ଜ ଅଧୀନ କେନ୍ଦୁମୁଣ୍ଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟାରେ ବାର୍‌ହା ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାର୍‌ହାକୁ ପିଟିପିଟି ମାରି ଦେଇଛନ୍ତି । ଘଟଣାସ୍ଥଳରେ ବନ ବିଭାଗ ଏକ ଟିମ ପହଞ୍ଚି ବାର୍‌ହା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାର ତଦନ୍ତ ଚାଲିଥିବା ସିନାପାଲି ରେଞ୍ଜର କହିଛନ୍ତି ।

ସୋମବାର ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଜଙ୍ଗଲରୁ ଏକ ବାର୍‌ହା ଗାଁ ଭିତରକୁ ପଶି ଆସିଥିଲା। ଲୋକେ ବାର୍‌ହାକୁ ଦେଖି ଗୋଡ଼ାଇଥିଲେ । ଗ୍ରାମବାସୀଙ୍କ ଆକ୍ରମଣରେ ବାର୍‌ହା ହିଂସ୍ର ହୋଇ ଉଠିବା ସହ ଗାଁ ଲୋକଙ୍କୁ ଆକ୍ରମଣ କରିଥିଲା। ଏଥିରେ ୩ ଗ୍ରାମବାସୀ ଆହତ ହୋଇଥିଲେ। ଶେଷରେ ଗ୍ରାମବାସୀ ଠେଙ୍ଗା ଓ ବାଡ଼ିରେ ପିଟିପିଟି ବାର୍‌ହାକୁ ମାରି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସ୍ଥାନୀୟ ଲୋକେ ଗାଁ ନିକଟସ୍ଥ କାଦୁଅରେ ମୃତଦେହ ପୋତି ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସିନାପାଲି ରେଞ୍ଜର ମୁରାରୀ ପ୍ରସାଦ ପଣ୍ଡା କେନ୍ଦୁମୁଣ୍ଡା ଗ୍ରାମରେ ପହଞ୍ଚି ବାର୍‌ହା ମୃତଦେହ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରାଯାଇ ନ ଥିବା ବେଳେ ଏହାର ତଦନ୍ତ ଚାଲିଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସିନାପାଲି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ନଦୀ ନାଳ, ପୋଖରୀ, ଝରଣା ପାଣି ଶୁଖିବାରେ ଲାଗିଛି। ଫଳରେ ବନ୍ୟଜନ୍ତୁମାନେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ଗାଁକୁ ଆସିବା ପରେ କେତେକ ବ୍ୟକ୍ତି ବନ୍ୟଜନ୍ତୁଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଘଟାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବାର୍‌ହା ଆକ୍ରମଣରେ ଆହତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଛାଡି ଦିଆଯାଇଛି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ କିଛି ସମସ୍ୟା ଅଛି ତେବେ ସିଦ୍ଧୁ କ୍ୟାବିନେଟ୍ ଛାଡ଼ିଦେବା ଉଚିତ।

- ସାଧୁ ସିଂ ଧରମସୋତ୍, ପଞ୍ଜାବ ମନ୍ତ୍ରୀ



# ଏନ୍‌ଡିଏ ନେତାଙ୍କ ଲାଗି ଆଜି ଶାହଙ୍କ ନୈଶଭୋଜି

**ନୂଆଦିଲ୍ଲୀ,୨୦ା୫:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଙ୍ଗଳବାର ଏନ୍‌ଡିଏ ସହଯୋଗୀ ଦଳର ନେତାମାନଙ୍କୁ ନୈଶଭୋଜି ଲାଗି ନୂଆଦିଲ୍ଲୀ ଆମନ୍ତ୍ରଣ କରିଛନ୍ତି। ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ତା' ପୂର୍ବରୁ ମେଣ୍ଟନେଇ ସହଯୋଗୀଙ୍କ ସହ ନୂଆଦିଲ୍ଲୀର ଅଶୋକ ହୋଟେଲ୍‌ରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ୧୪ରୁ ୧୨ ଏକ୍‌ଜିଟ୍ ପୋଲ ରିପୋର୍ଟରେ ଏନ୍‌ଡିଏକୁ ପୂର୍ଣ୍ଣ ବହୁମତ ମିଳିଥିବାରୁ ଭାଜପା ଉତ୍ସାହିତ ହୋଇପଡ଼ିଛି।

ଇତିହାସର ଆଇନାରେ

## ମେ ୨୧ର ପ୍ରମୁଖ ଘଟଣା

୨୦୦୧ ମେ ୨୧ରେ ଫ୍ରେଞ୍ଚ୍ ଟାଉବିରା ଆଇନ ପ୍ରଣୟନ ହୋଇଥିଲା। ଉକ୍ତ ଆଇନ ଅନୁଯାୟୀ, ଆଟଲାଣ୍ଟିକ୍ କ୍ରୀତଦାସ ବ୍ୟବସାୟକୁ ମାନବତା ବିରୋଧୀ ଅପରାଧ ଭାବେ ବିବେଚନା କରାଯାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହୋଲାଣ୍ଡେଙ୍କ ଅଧୀନରେ ଖ୍ରୀଷ୍ଟିଆନ୍ ଟାଉବିରା ଫ୍ରାନ୍ସର ନ୍ୟାୟମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନାମାନୁସାରେ ଉକ୍ତ ଆଇନ ପ୍ରଣୟନ କରାଯାଇଥିଲା।

୨୦୧୧ ମେ ୨୧ରେ ରେଡିଓ ଉପସ୍ଥାପକ ହାରୋଲ୍ଡ କ୍ୟାମ୍ପିଂ ଭବିଷ୍ୟବାଣୀ କରିଥିଲେ, ଏହି ଦିନ ବିଶ୍ୱ ଧ୍ୱଂସ ପାଇବ। ସେ ହେଉଛନ୍ତି ଆମେରିକାର ଖ୍ରୀଷ୍ଟିଆନ୍ ରେଡିଓ ବ୍ରଡକାଷ୍ଟର ତଥା ଲେଖକ। ସେ ୧୯୫୮ରୁ କାଲିଫର୍ନିଆର ଏକ ରେଡିଓ ଷ୍ଟେଶନ୍ ଗ୍ରୁପ୍ ଫ୍ୟାମିଲି ରେଡିଓର ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

# ଏକ୍‌ଜିଟ୍ ପୋଲ୍‌କୁ ନେଇ ବିରୋଧୀଙ୍କ ସନ୍ଦେହ

**ନୂଆଦିଲ୍ଲୀ,୨୦ା୫**

- ୨୩ ପାଇଁ ଭାଜପା କର୍ମୀଙ୍କ ପ୍ରସ୍ତୁତି
- କଂଗ୍ରେସ ଶିବିରରେ ନୀରବତା

ଏନ୍‌ଡିଏ ସରକାର ଗଠନ କରିବ ବୋଲି ସବୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ଅନୁମାନ କରିବା ପରେ ଉଭୟ ଶାସକ ଓ ବିରୋଧୀ ଶିବିରରେ ଭିନ୍ନ ଭାବାବେଗ ସ୍ପଷ୍ଟ ହୋଇଛି। ୨୩ ତାରିଖ ଫଳାଫଳ ପାଇଁ ଭାଜପା ମୁଖ୍ୟାଳୟରେ ଜୋରଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବାବେଳେ କଂଗ୍ରେସ କାର୍ଯ୍ୟାଳୟରେ ନୀରବତା ଦେଖାଦେଇଛି। ତଥାପି ସେମାନେ ଆଶା ହରାଇ ନ ଥିବା ଜଣାପଡିଛି। ଏନ୍‌ଡିଏ କେନ୍ଦ୍ରରେ କ୍ଷମତା ବଜାୟ ରଖିବ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଥିବାବେଳେ ଏହାକୁ ନେଇ ବିରୋଧୀ ଦଳଗୁଡିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଏକ ପରିକଳ୍ପନା ଏବଂ ବାସ୍ତବତାର ପରିପନ୍ଥୀ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଫଳାଫଳ ପୂର୍ବାନୁମାନ ଅନୁରୂପ ହେବ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପାଳି କ୍ଷମତାରେ ରହିବେ ବୋଲି ରବିବାର ଏକ୍‌ଜିଟ ପୋଲ୍ ରିପୋର୍ଟ ପ୍ରକାଶ ପାଇଥିଲା। ଏନ୍‌ଡିଏ ୩୦୦ରୁ ଊର୍ଦ୍ଧ୍ୱ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେବେ ଉକ୍ତ ରିପୋର୍ଟ କେତେଦୂର ଠିକ୍, ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ତେବେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ଲାଗି ଏହା ପୁଣି ଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଏକ୍‌ଜିଟ ପୋଲ୍ ଯାହା ଅନୁମାନ କରିଛନ୍ତି ଫଳାଫଳ ତାହା ହିଁ ହେବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ଅନୁମାନ ଉପରେ ପ୍ରସ୍ତୁତ ରିପୋର୍ଟକୁ ବିଶ୍ୱାସକୁ ନ ନେବା ଲାଗି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ପୂର୍ବରୁ ଅନେକ ଥର ଏକ୍‌ଜିଟ ପୋଲ୍ ଭୁଲ୍ ସାବ୍ୟସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକ୍‌ଜିଟ ପୋଲ୍‌କୁ ଜାଲିଆତି କହି ଆରଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପ୍ରକୃତ ବାସ୍ତବତା ନୁହେଁ, ସଂଘ ସମର୍ଥିତ ସଂସ୍ଥା ଦ୍ୱାରା ମାନସିକ ଧୋକାବାଜି ଲାଗି ପୁରୁଣା କୌଶଳ ବୋଲି ସେ କହିଛନ୍ତି। ତେଜସ୍ୱୀଙ୍କ ମତକୁ ବରିଷ୍ଠ ସମାଜବାଦୀ ନେତା ଶରଦ ଯାଦବ ସମର୍ଥନ କରିଛନ୍ତି। ଏକ୍‌ଜିଟ ପୋଲ୍ ମନଗଢ଼ା କାହାଣୀ ବୋଲି ତୃଣମୂଳ କଂଗ୍ରେସ କହିଛି।

ସାତ ପର୍ଯ୍ୟାୟ ନିର୍ବାଚନ ଲାଗି ଦିନରାତି ଏକ କରି ଅକ୍ଳାନ୍ତ ପରିଶ୍ରମ କରିଥିବା ଅଧିକାଂଶ ଭାଜପା କର୍ମୀଙ୍କୁ ବିଶ୍ରାମ ନେବା ଲାଗି କୁହାଯାଇଥିବାବେଳେ ଅନ୍ୟମାନେ ଫଳାଫଳ ଦିନ ପ୍ରସ୍ତୁତିକୁ ଅନୁଧ୍ୟାନ କରୁଛନ୍ତି। ଭାଜପା ୩୦୦ ସଂଖ୍ୟା ଅତିକ୍ରମ କରିବା ନେଇ ନିଶ୍ଚିତ ଥିଲା ବୋଲି ଏହାର ମିଡିଆ ସେଲ୍ ସଦସ୍ୟ ଜିତେନ୍ଦ୍ର ରାଓ୍ୱତ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିବା ଅନୁମାନକୁ କେତେକ କଂଗ୍ରେସ କର୍ମୀ ଖଣ୍ଡନ କରିଛନ୍ତି। ଏକ୍‌ଜିଟ୍ ପୋଲ୍ ଦ୍ୱାରା ମିଥ୍ୟାର ବାତାବରଣ ସୃଷ୍ଟି କରାଯାଇଥିବା ସେମାନେ କହିଛନ୍ତି। କଂଗ୍ରେସ ନିଶ୍ଚୟ ଭଲ ପ୍ରଦର୍ଶନ କରିବ। ଯଦି ତାହା ନ ହୁଏ, ତେବେ ଇଭିଏମ୍‌ରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ ରାମ ସିଂ କହିଛନ୍ତି।



**ପାଟନା:** ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍ ବାହାରେ ଏସ୍‌ଏସ୍‌ବି ଯବାନ ମୁତୟନ।

## 'ଏଥିରେ ବିଶ୍ୱାସ କରେନାହିଁ'

**ଚେନ୍ନାଇ,୨୦ା୫(ପି.ଟି.)–** ତାମିଲନାଡୁରେ ଡିଏମ୍‌କେ ଭଲ ପ୍ରଦର୍ଶନ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ପୂର୍ବାନୁମାନ କରାଯାଇଥିବା ସତ୍ତ୍ୱେ ଏହାକୁ ସେ ବିଶ୍ୱାସ କରନ୍ତି ନାହିଁ ବୋଲି ଦଳ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ୨୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରକୃତ ଜନାଦେଶ ଜାଣିବାକୁ ହେଲେ ଆଉ ୩ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି।



ଏମ୍.କେ. ଷ୍ଟାଲିନ୍

# ୟୁପି କ୍ୟାବିନେଟ୍‌ରୁ ରାଜଭର୍ ବହିଷ୍କୃତ

**ଲକ୍ଷ୍ନୌ,୨୦ା୫(ପି.ଟି.)**





ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ମନ୍ତ୍ରିମଣ୍ଡଳରୁ ଏନ୍‌ଡିଏ ସହଯୋଗୀ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି) ନେତା ଓମ୍ ପ୍ରକାଶ ରାଜଭର୍‌ଙ୍କୁ ବହିଷ୍କାର ଲାଗି ସୋମବାର ରାଜ୍ୟପାଳଙ୍କୁ ସୁପାରିସ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଭାଜପା ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଜଭର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭାଜପା ସଦସ୍ୟମାନଙ୍କୁ ଜୋତାରେ ପିଟିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ଥିବା ଏସ୍‌ବିଏସ୍‌ପିର ଅନ୍ୟ ସଦସ୍ୟମାନଙ୍କୁ ତୁରନ୍ତ ବହିଷ୍କାର କରାଯିବାକୁ ଆଦିତ୍ୟନାଥ ସୁପାରିସ କରିଥିବା ଜଣାପଡିଛି। ପଛୁଆବର୍ଗ ଏବଂ ଦିବ୍ୟାଙ୍ଗ ଜନ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜଭର ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖି କ୍ୟାବିନେଟରୁ ଇସ୍ତଫା ଦେଇଥିବା କଥା ଜଣାଇଥିଲେ। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବାକୁ ରାଜଭର୍ ସ୍ୱାଗତ କରିଛନ୍ତି। ଏଭଳି ନିଷ୍ପତ୍ତି ଆଗରୁ ନେଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।



ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି କୋଲକାତାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟୁଛନ୍ତି।

# 'ଇଭିଏମ୍ ସଂଖ୍ୟାରେ ଅମେଳ ହେଲେ ସବୁ ଭିଭିପିଏଟି ସ୍ଲିପ୍ ଗଣାଯାଉ'

**ନୂଆଦିଲ୍ଲୀ,୨୦ା୫(ପି.ଟି.)**

ଇଭିଏମ୍ ବିଶ୍ୱସନୀୟତାର ପ୍ରମାଣ ଲାଗି ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ର ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍ ଗଣନା କରିବା ଲାଗି ବ୍ୟବସ୍ଥା ହୋଇଛି। ଯଦି ଉଭୟ ସଂଖ୍ୟା ମେଳ ନ ଖାଏ, ତେବେ ଭିଭିପିଏଟି ସଂଖ୍ୟାକୁ କାଏମ ରଖାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେବେ ଇଭିଏମ୍ ଏବଂ ଭିଭିପିଏଟି ସଂଖ୍ୟାରେ ତାଳମେଳ ନ ରହିଲେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ସବୁ ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ନୂଆ ନିୟମ ପ୍ରଣୟନ କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ୫୦ ପ୍ରତିଶତ ଇଭିଏମ୍‌କୁ ଭିଭିପିଏଟି ସ୍ଲିପ୍ ସହ ମେଳ କରିବାକୁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ଏଥିପାଇଁ ନୂଆ ନିୟମ ପ୍ରଣୟନ କରିବାକୁ ବିରୋଧୀ ଦଳଗୁଡିକ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାବି କରିଥିଲେ। ଯଦି ଗୋଟିଏ ଭିଭିପିଏଟି ଗଣନା ଇଭିଏମ୍ ସହ ସମାନ ନ ହୁଏ, ତେବେ ଏହାର ନିର୍ବାଚନ ପ୍ରକ୍ରିୟାର ସାଧୁତା ଉପରେ ପ୍ରଶ୍ନ ଉଠାଇବ। ସେଥିପାଇଁ ଉକ୍ତ ନର୍ବାଚନ ମଣ୍ଡଳୀର ସମସ୍ତ ଭିଭିପିଏଟି ଯାଞ୍ଚ ହେବା ଜରୁରୀ ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।




ସୀତାରାମ ୟେଚୁରୀ

# ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ,୨୦ା୫(ପି.ଟି.)**

ଲୋକ ସଭା ନିର୍ବାଚନରେ କର୍ଣ୍ଣାଟକରେ ଭାଜପା ପୂର୍ଣ୍ଣ ବହୁମତ ହାସଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ୍‌ଜିଟ ପୋଲ୍ ମାଧ୍ୟମରେ କୃତ୍ରିମ ଭାବେ ମୋଦି ଲହର ସୃଷ୍ଟି କରାଯାଉଛି। ମେ ୨୩ରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆବଶ୍ୟକ ସଂଖ୍ୟା ଯୋଗାଡ ଲାଗି ଆଞ୍ଚଳିକ ଦଳଗୁଡିକୁ ଆଗୁଆ ପ୍ରଲୋଭିତ କରିବା ନିମନ୍ତେ ଭାଜପାର ଏହା ଏକ ପ୍ରୟାସ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ସମସ୍ତ ବିରୋଧୀ ଦଳ ଚିନ୍ତାବ୍ୟକ୍ତ କରୁଛନ୍ତି। ତ୍ରୁଟିପୂର୍ଣ୍ଣ ଇଭିଏମ୍ ବଦଳରେ ବାଲଟ ପେପରର ପୁନଃ ପ୍ରଚଳନ ଲାଗି ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଇଭିଏମ୍ ଜାଲିଆତିର ଯଥେଷ୍ଟ ସମ୍ଭାବନା ଥିବା କୁମାରସ୍ୱାମୀ କହିଛନ୍ତି।

ଏପରିକି ବିକଶିତ ରାଷ୍ଟ୍ରଗୁଡିକ ମଧ୍ୟ ନିର୍ବାଚନରେ ପାରମ୍ପରିକ ବାଲଟ ପେପରର ବ୍ୟବହାର କରୁଛନ୍ତି। ରବିବାର ପ୍ରକାଶ ପାଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ବିରୋଧୀ ଦଳଗୁଡିକ ମଧ୍ୟରେ ଇଭିଏମ୍ ଅପବ୍ୟବହାର ଚିନ୍ତା ବଢ଼ାଇଦେଇଥିବା କୁମାରସ୍ୱାମୀ ଆଉ ଏକ ଟୁଇଟ୍‌ରେ କହିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ନେତା ଏବଂ ଦଳ ସପକ୍ଷରେ ଭୁଲ୍ ମନୋଭାବ ସୃଷ୍ଟି କରିବା ଲାଗି ସମସ୍ତ ଏକ୍‌ଜିଟ ପୋଲ୍ ଉଦ୍ୟମ କରିଛନ୍ତି। ଏହା କେବଳ ଏକ୍‌ଜିଟ ପୋଲ୍, ପ୍ରକୃତ ଫଳାଫଳ ନୁହେଁ ବୋଲି କୁମାରସ୍ୱାମୀ କହିଛନ୍ତି।



## ଉଗାଣ୍ଡାରେ ବୋଟ୍ ଦୁର୍ଘଟଣା: ୮ ମୃତ, ୧୫ ନିଖୋଜ

**କାମ୍ପାଲା,୨୦ା୫(ଏଏଫ୍‌ପି)–** ଲେକ୍ ଆଲବର୍ଟରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଫୁଟବଲ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି ଏବଂ ୧୫ଜଣ ନିଖୋଜ ଅଛନ୍ତି। ଡଙ୍ଗାଟି ଉଗାଣ୍ଡାର ପଶ୍ଚିମ ଭାଗରେ ଥିବା ଏକ ହ୍ରଦରେ ଯାଉଥିବାବେଳେ ବୁଡିଯାଇଥିଲା। ଏଥିରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଥିଲେ ଏବଂ ପ୍ରତିକୂଳ ପାଗ ଯୋଗୁ ଡଙ୍ଗାଟି ଓଲଟି ପଡିଥିବା ପୋଲିସ ଅନୁମାନ କରୁଛି। ଏ ପର୍ଯ୍ୟନ୍ତ ୮ ମୃତଦେହ ଉଦ୍ଧାର କରାଯାଇଛି। ୧୫ ଜଣ ନିଖୋଜ ଅଛନ୍ତି। ମିଳିତ ଅନୁସନ୍ଧାନ ଆରମ୍ଭ ହୋଇଥିବା ଉଗାଣ୍ଡାର ଆଞ୍ଚଳିକ ମୁଖପାତ୍ର ଜୁଲିଅସ୍ ଆଲ୍ଲାନ୍ ହାକିଜା ସୂଚନା ଦେଇଛନ୍ତି।

# ଆଜି ବିରୋଧୀ ଦଳ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୨୦ା୫ (ପି.ଟି.)**

**ଭିଭିପିଏଟି ନେଇ ଇସିଙ୍କୁ ଭେଟିବେ**

ନିର୍ବାଚନ ଫଳ ପ୍ରକାଶର ଦୁଇଦିନ ପୂର୍ବରୁ ମଙ୍ଗଳବାର ବିରୋଧୀ ଦଳ ନେତାମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ବସୁଛି। ଏଥିରେ ରାଜନୈତିକ ସ୍ଥିତି ଏବଂ ସରକାର ଗଠନ ଲାଗି ଅଣଏନ୍‌ଡିଏ ମେଣ୍ଟ ସମ୍ଭାବନାକୁ ନେଇ ଆଲୋଚନା କରାଯିବ। ବିରୋଧୀ ଦଳଗୁଡିକୁ ଏକାଠି କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଉଦ୍ୟମ ଚଳାଇଛନ୍ତି। ସୋମବାର ସେ କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଝୁଲା ପାର୍ଲାମେଣ୍ଟ ହେଲେ ଅଣଭାଜପା ସରକାର ଗଠନ ନେଇ ଆଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଫୋନ ଯୋଗେ ମମତାଙ୍କ ସହ ମହାମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ରବିବାର ଚନ୍ଦ୍ରାବାବୁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି ସୁପ୍ରିମୋ ଶରଦ ପାଓ୍ୱାରଙ୍କୁ ଭେଟିଥିଲେ। ଏନ୍‌ଡିଏ ସରକାର ଗଢ଼ିବ ବୋଲି ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ସତ୍ତ୍ୱେ ବିରୋଧୀ ଦଳଗୁଡିକ ଏହାକୁ ଗ୍ରହଣ କରିବାକୁ ନାରାଜ। ମଙ୍ଗଳବାର ବିରୋଧୀ ନେତାମାନେ ଭିଭିପିଏଟି ଯାଞ୍ଚ ନେଇ ନିର୍ବାଚନ କମିଶନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍‌ର ମେଳ ନ ହେଲେ ସମଗ୍ର ନିର୍ବାଚନ ମଣ୍ଡଳୀର ଭିଭିପିଏଟି ସ୍ଲିପ୍ ଗଣନା ଲାଗି ସେମାନେ ଦାବି କରିବେ।

# ୨୦୧୬ ସେପ୍ଟେମ୍ବରରେ ହୋଇଥିଲା ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ,୨୦ା୫**

ସେନା ପକ୍ଷରୁ ପ୍ରଥମ ସର୍ଜିକାଲ୍ ଷ୍ଟ୍ରାଇକ୍ ୨୦୧୬ ସେପ୍ଟେମ୍ବର ମାସରେ କରାଯାଇଥିଲା। ଉରି ଗ୍ୟାରିଶନ୍ ଆକ୍ରମଣର ପ୍ରତିଶୋଧ ନେବା ଲାଗି ସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଜେନେରାଲ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍, ନର୍ଦ୍ଦନ କମାଣ୍ଡ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ରଣବୀର ସିଂ ସୋମବାର ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଡିଜିଏମ୍‌ଓ ଆର୍‌ଟିଆଇ ଉତ୍ତରରେ ଏଭଳି ତଥ୍ୟ ଦେଇଥିଲା। ବାଲାକୋଟ୍‌ରେ ଭାରତୀୟ ବାୟୁସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ସବୁଠାରୁ ସଫଳ ଥିଲା ବୋଲି ସେ କହିଛନ୍ତି। ଫେବୃୟାରୀ ୨୬ରେ ସେନା ପକ୍ଷରୁ ଜେଇଏମ୍ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ବାୟୁସେନା ଭାରତ ଉପରେ ପ୍ରତିଆକ୍ରମଣ ଲାଗି ପ୍ରୟାସ କରି ଶେଷରେ ବିଫଳ ହେଲା। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ କଂଗ୍ରେସ ପକ୍ଷରୁ ଭାରତୀୟ ସେନା ୬ଥର ସର୍ଜିକାଲ୍ ଷ୍ଟ୍ରାଇକ୍ କରିସାରିଛି ବୋଲି କହିଥିଲା। ଉପା ସରକାରବେଳେ ଏହା ସଫଳତାର କରାଯାଇଥିଲା ବୋଲି ଦାବି କରାଯାଇଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଶୁକ୍ଲା କେବେ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ତା'ର ବିବରଣୀ ପ୍ରଦାନ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ମଧ୍ୟ ୨ ଥର ଏଭଳି ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇଥିବା ଦର୍ଶାଯାଇଥିଲା। ହେଲେ ଏଥିରୁ ଫାଇଦା ନେବାଲାଗି ମନମୋହନ ସିଂ କିମ୍ବା ବାଜପେୟୀ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ ବୋଲି ଶୁକ୍ଲା ଦର୍ଶାଇଥିଲେ।



ଜେନେରାଲ୍ ରଣବୀର ସିଂ

# କାନ୍ସ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା

**କାନ୍ସ:** ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି। ସେ ଏକ ମେଟାଲିକ୍ ଗୋଲ୍‌ଡେନ୍ ମେର୍‌ମେଡ୍ (ମତ୍ସ୍ୟକନ୍ୟା ଭଳି ଦୃଶ୍ୟମାନ) ଗାଉନ୍ ପରିଧାନ କରି ରମଣୀୟ ଦେଖାଯାଉଛନ୍ତି। ନୀଳନୟନା ଏହି ଭାରତୀୟ ଲଳନା କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ୭୨ତମ ସଂସ୍କରଣରେ ରବିବାର ରାତିରେ ପ୍ରଥମକରି ଦୃଶ୍ୟମାନ ହୋଇଥିଲେ। ତାଙ୍କ ସହ ଥିଲେ ତାଙ୍କର ଏକମାତ୍ର କନ୍ୟା ଆରାଧ୍ୟା।



ଐଶ୍ୱର୍ଯ୍ୟା ଲେବାନୀୟ ଡିଜାଇନର ଜିନ୍-ଲୁଇସ୍ ସବାଜିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗାଉନ ପରିଧାନକରି 'ଏ ହିଡିନ୍ ଲାଇଫ୍'ର ପ୍ରିମିୟର ଉତ୍ସବରେ ଯୋଗଦେଇଥିଲେ। ୪୫ ବର୍ଷୀୟା ଏହି ଅଭିନେତ୍ରୀଙ୍କ ଚାହାଣି ସାମାନ୍ୟ ମେକ୍‌ଅପ୍‌ରେ ଖୁବ୍ ଆକର୍ଷଣୀୟ ଥିଲା। ଐଶ୍ୱର୍ଯ୍ୟା ତାଙ୍କ ଚାହାଣିର ଫଟୋ ଓ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ପ୍ରତିବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା କସ୍‌ମେଟିକ୍ ବ୍ରାଣ୍ଡ ଏଲ୍' ଓରିୟଲ୍ ପ୍ୟାରିସ୍‌ର ପ୍ରତିନିଧିତ୍ୱ କରିଆସୁଛନ୍ତି।


## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

"ପରିଶିଷ୍ଟ-୪-ଏ" [ରୁଲ୍ ୮(୬) ଦ୍ରଷ୍ଟବ୍ୟ)] (ସ୍ଥାବର ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍‌ଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା (ମାନଙ୍କୁ) ଓ ଗ୍ୟାରେଣ୍ଟିଦାତା (ମାନଙ୍କୁ) ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇଦିଆଯାଉଛିକି ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ଭୌତିକ ଦଖଲ ନିଆଯାଇଛି, ଯାହାକୁ କି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦ୍ରଶେଖରପୁର ଶାଖା** (ସୁରକ୍ଷିତ ଋଣଦାତା)ଙ୍କର ବକେୟା ଋଣରାଶି: **ତା.୩୧.୦୫.୨୦୧୪ରିଖ ସୁଦ୍ଧା ଟ.୧୩,୦୦,୩୨,୪୦୩.୦୦** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ **ମେସର୍ସ ସ୍ୱର୍ଣ୍ଣ ହସ୍ପିଟାଲ୍ ପ୍ରା. ଲିଃ. (ପରିଚାଳନା ନିର୍ଦ୍ଦେଶକ: ଡଃ. ଚିତ୍ତ ରଞ୍ଜନ ଦାସ, ନିର୍ଦ୍ଦେଶକମାନେ : ଶ୍ରୀମତୀ ସୁଚିତ୍ରା ଦାସ ଏବଂ କ୍ୟାପଟେନ୍ ରାଜକିରନ୍ ଜଗନ୍ନାଥ ସେଠୀ)**ଙ୍କ ଠାରୁ ଆଦାୟ କରିବା ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୨.୦୬.୨୦୧୯ରିଖରେ** ସମ୍ପତ୍ତି ବିକ୍ରି କରାଯିବ।

**ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ: ଟ.୨୨,୬୧,୦୦,୦୦୦.୦୦ (ବାଇଶି କୋଟି ଏକଷଠି ଲକ୍ଷ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି : ଟ.୨,୨୭,୦୦,୦୦୦.୦୦ (ଦୁଇ କୋଟି ସତେଇଶ ଲକ୍ଷ ଟଙ୍କା ମାତ୍ର)**

**(ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ)**

ପ୍ଲଟ୍ ନଂ.: ସି-୧, ଡ୍ରଇଂ ନଂ.: ବି-୧୧୯୫, ପରିମିତ କ୍ଷେତ୍ର: ୯୨'X୧୦୫', ଅନୁରୂପ ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨ (ଅଂଶ), ଖାତା ନଂ.: ୧୪୨୭, ମୌଜା: ଜୟଦେବ ବିହାର, ୟୁନିଟ୍ ନଂ.: ୧୬, ଥାନା: ନିଉ କ୍ୟାପିଟାଲ୍ ନଂ.: ୩୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ)।

**ସ୍ୱର୍ଣ୍ଣ ହସ୍ପିଟାଲ୍‌ର ବିଲ୍ଡିଂ ସହିତ ସେଠାରେ ସ୍ଥାପନ କରାଯାଇଥିବା / ରଖାଯାଇଥିବା ମେଡିକାଲ/ଇଲେକ୍ଟ୍ରିକାଲ୍ ସରଞ୍ଜାମ ଏବଂ ଆନୁସଙ୍ଗିକ ଉପକରଣ ଓ ଆସବାବ ପତ୍ର ଏବଂ ସଂଲଗ୍ନ ଉପକରଣ ଫର୍ଣ୍ଣିଚର ଏବଂ ଫିକଚର୍ସ ଇତ୍ୟାଦି ସହିତ ସେଠାରେ ଥିବା ସମସ୍ତ ଜିନିଷ।**

**ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ :**

ସଫଳ ନିଲାମ କ୍ରେତାଙ୍କୁ ସମ୍ପତ୍ତି ହସ୍ତାନ୍ତରିତ ପୂର୍ବରୁ ଓଡିଶା ସରକାରଙ୍କ ଜି.ଏ. ଡିପାର୍ଟମେଣ୍ଟକୁ ୨୦୦% ଅନୁମତି ଫି ଅର୍ଥାତ୍ **ଟ.୬,୬୫,୨୮,୯୨୬.୦୦ (ଛଅ କୋଟି ପଞ୍ଚଷଠି ଲକ୍ଷ ଅଠେଇଶି ହଜାର ନଅ ଶହ ଛବିଶ ଟଙ୍କା ମାତ୍ର)****

ଉପରଦର୍ଶିତ ସମ୍ପତ୍ତି ଏବଂ ହସ୍ପିଟାଲ୍ ସରଞ୍ଜାମ ଇତ୍ୟାଦି ମଧ୍ୟ ପାରି-ପାଶୁ ଭିତ୍ତିରେ **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ., ଅଶୋକ ନଗର ଶାଖା, ଭୁବନେଶ୍ୱର ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** କମ୍ପାନୀକୁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଋଣ ଅଗ୍ରୀମ ପାଇଁ ବନ୍ଧକ / ଚାର୍ଜରେ ରହିଛି। **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ.**କୁ ଦେବାକୁ ଥିବା ଦେୟ ପରିମାଣ **ତା.୩୧.୧୨.୨୦୧୪ରିଖ ସୁଦ୍ଧା ଟ.୩,୦୬,୨୯,୨୮୫.୦୦** ଏବଂ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**କୁ ଦେବାକୁ ଥିବା ଦେୟ ପରିମାଣ **ତା.୧୨.୦୯.୨୦୧୪ରିଖ ସୁଦ୍ଧା ଟ.୮,୯୪,୪୪,୩୬୩.୦୦** ଯୁକ୍ତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । ବିଡ୍ ରାଶି / ବିକ୍ରୟ ମୂଲ୍ୟ ଏହି ତିନି ଗୋଟି ବ୍ୟାଙ୍କ ଦ୍ୱାରା ଆନୁପାତିକ ଭିତ୍ତିରେ ବଣ୍ଟନ କରାଯିବ।

**ଓଡିଶା ସରକାର ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଲିଜ୍ ହୋଲ୍ଡ ବନ୍ଧକ ସମ୍ପତ୍ତିକୁ ନିଲାମ ପାଇଁ ଅନୁମତି ଦେଇଛନ୍ତି:**

୧) ପଟ୍ଟାଦାତାଙ୍କ ପ୍ରତିନିଧି ଉପସ୍ଥିତିରେ ନିଲାମ କରାଯିବ ଏବଂ କଥିତ ସମ୍ପତ୍ତି ବିକ୍ରୟ ହୋଇଗଲେ କ୍ରେତା ଏକ ନୂତନ ରାଜିନାମାର ଦଲିଲ ପଟ୍ଟାଦାତା (ସରକାର)ଙ୍କ ସହିତ ସମ୍ପାଦନ କରିବେ, ଯେଉଁଥିରେ ମୂଳ ଲିଜରେ ଥିବା ନିୟମ ଏବଂ ସର୍ତ୍ତାବଳୀ ଲିଜର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ପାଳନ ହେବ ଏବଂ ପ୍ରଥମରୁ ଯେଉଁଥିପାଇଁ ଲିଜ୍ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ।
୨) ଉପରଦର୍ଶିତ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସମ୍ପତ୍ତିର ନିଲାମ କରାଯିବ ଏବଂ ସଫଳ ନିଲାମଧାରୀ କ୍ରେତା ୨୦୦% ସହମତି ଫି ଯାହା **ଟ.୬,୬୫,୨୮,୯୨୬/-** ନିଲାମର **୧୫ ଦିନ** ମଧ୍ୟରେ ପଇଠ କରିବେ, ଯାହା ଦେୟ ଆଦାୟ ପାଇଁ ସର୍ବୋଚ୍ଚ ନିଲାମଧାରୀଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବା ପୂର୍ବରୁ ସରକାରଙ୍କୁ ପଇଠ କରାଯିବ।
୩) ଆର୍ଥିକ ସଂସ୍ଥାଗୁଡିକ ଦ୍ୱାରା ବକେୟା ଦେୟ ଆଦାୟ ପରେ ବଳକା ରାଶି ପଟ୍ଟାଧାରୀଙ୍କୁ ପଇଠ କରାଯିବ ।
୪) ସଂସ୍ଥା / ବ୍ୟକ୍ତିବିଶେଷ / କମ୍ପାନୀ ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ଜମି ଲିଜ୍ ପାଇବା ପାଇଁ ଥିବା ସରକାରଙ୍କ ନୀତି ଅନୁଯାୟୀ ଯୋଗ୍ୟ ସେମାନେ କେବଳ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିପାରିବେ, ଯାହାକି ନିଲାମ ପୂର୍ବରୁ ପଟ୍ଟାଦାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥିର କରାଯିବ। ସେମାନଙ୍କୁ ଉପରୋକ୍ତ ବିଷୟ ଉପରେ ନିଜର /ସେମାନଙ୍କର ସନ୍ତୁଷ୍ଟି ମୁତାବକ ଆଫିଡେଭିଟ୍ ପ୍ରଦାନ କରିବାକୁ ହେବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ଦଲିଲ୍ ସମ୍ପାଦନ ପୂର୍ବରୁ କଥିତ ନିଲାମ କ୍ରେତା ନିଜର ଯୋଗ୍ୟତା ବିଷୟରେ କିଛି ତଥ୍ୟ ଗୋପନ ରଖିଥିବା କଥା ଜଣାପଡେ, ନିଲାମକୁ ବାତିଲ କରାଯିବ ଏବଂ ତଥା କଥିତ କ୍ରେତାଙ୍କର ଏହି ନିଲାମ ଉପରେ ଏବଂ ନିଲାମ ହୋଇଥିବା ସ୍ଥାବର ସମ୍ପତ୍ତି ଉପରେ କୌଣସି ଦାବୀ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ପୁନି ନିଲାମ କରାଯିବ।
୫) ପଟ୍ଟାଦାତା ରାଜ୍ୟ କଥିତ ସମ୍ପତ୍ତି ଉପରେ ଅଗ୍ରାଧିକାର ଅଧିକାରକୁ ସଂରକ୍ଷିତ ରଖିଛନ୍ତି।
୬) ମୂଳ ଲିଜ୍ ଦଲିଲ୍‌ରେ ଦର୍ଶାଯାଇଥିବା ନିୟମ ଓ ସର୍ତ୍ତାବଳୀ ସହିତ ନିଲାମର କ୍ରେତାଙ୍କ ସହିତ ଲିଜ୍ ଅବଧିର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ରହିବ।
୭) ଏହି ଅନୁମତି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଇସ୍ୟୁ କରାଯାଇଥିବା ବ୍ୟାଙ୍କ ଗ୍ୟାରେଣ୍ଟିର ବୈଧତା **ତା.୨୧.୧୧.୨୦୧୯ରିଖ** ପର୍ଯ୍ୟନ୍ତ ବୈଧ ଅଟେ।
୮) ନିଲାମ ପରେ ନିଲାମଧାରୀ କ୍ରେତାଙ୍କୁ ନିଲାମର **୧ ମାସ** ମଧ୍ୟରେ **ତ୍ରିପକ୍ଷ** ଦଲିଲ୍ ସମ୍ପାଦନ କରିବାକୁ ପଡିବ।

** ମାନ୍ୟବର ହାଇକୋର୍ଟ ଓଡିଶା WP(C) No-17530 of 2017, ତାରିଖ: ୦୪.୦୯.୨୦୧୭ ଘଟଣାରେ ପ୍ରଦତ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁସାରେ ସଫଳ ନିଲାମ କ୍ରେତା ନିଲାମ ତାରିଖ ଠାରୁ ୧୫ଦିନ ମଧ୍ୟରେ ୧୦୦% ଅନୁମତି ଫି ଅର୍ଥାତ୍ ଟ.୩,୩୨,୬୪,୪୬୩/- ପ୍ରଦାନ କରିବେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖିପାରିବେ।

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖରେ ଉକ୍ତ ସମ୍ପତ୍ତିକୁ ଇ-ନିଲାମ ବିକ୍ରୟ କରାଯିବ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୦.୦୫.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା


ଚାଷୀମାନେ ଧାନ ଜମା କରି ରଖିଛନ୍ତି।

**ରୂପ୍‌ସା, ୨୦।୫(ଡି.ଏନ୍.ଏ.)**

- ଏଯାଏ ଖୋଲୁନି ଧାନମଣ୍ଡି
- ବାହାର ରାଜ୍ୟକୁ ଚାଲାଣ ହେଉଛି ଧାନ
- କୁଇଣ୍ଟାଲ ପ୍ରତି ଦର ୧ ହଜାର ଟଙ୍କା

ବାଲେଶ୍ୱର ଜିଲାର ସଦର, ବାଲିଆପାଳ, ବସ୍ତା, ଭୋଗରାଇ ସମେତ ବିଭିନ୍ନ ବ୍ଲକରେ ଏଯାଏ ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରତିକୂଳ ପରିସ୍ଥିତିରେ ଚାଷୀ ରବି ଧାନ ଅମଳ କରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନୁବନ୍ଧିତ ବିଭିନ୍ନ ସେବା ସମବାୟ ସମିତିରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରି କରି ନ ପାରି ଚାଷୀକୁଳ ଦଲାଲଙ୍କୁ କୁଇଣ୍ଟାଲ ପ୍ରତି ମାତ୍ର ୧ହଜାର ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ମୁନାଫାଖୋର ବ୍ୟବସାୟୀମାନେ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ କମ୍ ଦରରେ ଧାନ କିଣି ବାହାର ରାଜ୍ୟକୁ ପଠାଇ ବେଶ୍ ଫାଇଦା ଉଠାଉଥିବା ଦେଖିବାକୁ ମିଳିଛି।

### ପ୍ରତିକ୍ରିୟା

"ଗଡ଼ପଦା ପଞ୍ଚାୟତର ଚାଷୀ ସତ୍ୟନାରାୟଣ ଚଣ୍ଡ କହନ୍ତି, ଭୋଟ ହାତେଇବା ପାଇଁ ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ କୁମ୍ଭୀରକାନ୍ଦଣା କାନ୍ଦୁଥିଲେ। ହେଲେ ଚାଷୀଙ୍କ ସୁବିଧା ପାଇଁ କାହାରି ଦରଦ ନାହିଁ। ସରକାରୀ ଦାମ୍‌ରେ ଧାନ ବିକ୍ରି ନ ହେଲେ ବହୁ ପରିମାଣରେ କ୍ଷତି ସହିବାକୁ ପଡ଼ିବ।

"ରାଉତପଡ଼ା ସମିତି ଚେୟାରମ୍ୟାନ୍ ହରେନ୍ଦ୍ର କୁମାର ଦାସ କୁହନ୍ତି, ରବି ଧାନ ବିକ୍ରି ପାଇଁ ୨୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଇଛି। ହେଲେ ଯୋଗାଣ ବିଭାଗ ପକ୍ଷରୁ ସମିତି ମାଧ୍ୟମରେ ଧାନ କ୍ରୟ ପାଇଁ ଏଯାବତ୍ ସରକାରୀ ନିର୍ଦ୍ଦେଶନାମା ଆସିନାହିଁ। ବାରମ୍ବାର ଅଭିଯୋଗ ପରେ ବି ଧାନକିଣା ଦିଗରେ ବିଭାଗୀୟ ପଦକ୍ଷେପ ନିଆଯାଉନାହିଁ।

"ଜିଲା ଯୋଗାଣ ଅଧିକାରୀ ଆର୍.ଏନ୍. ପୃଷ୍ଟିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଆସନ୍ତା ୨୯ ତାରିଖରେ ବିଭିନ୍ନ ସମିତିରେ ଧାନକିଣା ଲାଗି ମଣ୍ଡି ଖୋଲାଯିବ। ସରକାରୀ ନିୟମାନୁଯାୟୀ ରବି ଧାନ କ୍ରୟ କରାଯିବ।

ମୁଣ୍ଡ ଖାଳ ତୁଣ୍ଡରେ ମାରି, ଧାରକରଜ, ଋଣ କରି ଦି'ପଇସା ଲାଭ ପାଇବା ଆଶାରେ ଚାଷ କରିଥିବା ଚାଷୀଙ୍କୁ ଏବେ ରବି ଧାନ ବିକ୍ରି ପାଇଁ ଚିନ୍ତା ଘାରିଛି।

ଜିଲା ଅନ୍ତର୍ଗତ ବସ୍ତା, ବାଲିଆପାଳ ଓ ଭୋଗରାଇ ଅଞ୍ଚଳର ଜନସାଧାରଣ ମୁଖ୍ୟତଃ ଖରିଫ୍, ରବିଧାନ ଓ ରବି ଫସଲ ଉପରେ ନିର୍ଭରଶୀଳ। ବସ୍ତା ବ୍ଲକର ଚାଷ ଉପଯୋଗୀ ଜମି ୨୦ହଜାର ୧୬୯ ହେକ୍ଟର ମଧ୍ୟରୁ ଚଳିତବର୍ଷ ୫ହଜାର ୫୫୨ ହେକ୍ଟର ଜମିରେ ରବି ଧାନ ଚାଷ ହୋଇଥିଲା। ୮୫୦ ହେକ୍ଟର ଜମିରେ ମୁଗ, ବିରି ଓ ୧୪ଶହ ୮୦ ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା। ସମିତି ମାଧ୍ୟମରେ ସରକାରୀ ଦାମ୍ ଅନୁଯାୟୀ ରବି ଧାନ ବିକ୍ରି ପାଇଁ ଚାଷୀମାନଙ୍କ ନାମ ପଞ୍ଜୀକରଣ ହୋଇଥିଲା। ସାମୁଦ୍ରିକ ଝଡ଼ 'ଫନୀ' ପ୍ରଭାବରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଏଯାବତ୍ ସରକାରୀ ଧାନମଣ୍ଡି ଖୋଲିବାରେ ବିଫଳ ହୋଇଥିବାରୁ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।


ବ୍ୟବସାୟୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ସହାୟତା ରାଶି ପ୍ରଦାନ କରାଯାଉଛି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ବ୍ୟବସାୟୀ ମହାସଂଘର ସହାୟତା

**ବାଲେଶ୍ୱର ଅଫିସ, ୨୦।୫**

ବାଲେଶ୍ୱର ବ୍ୟବସାୟୀ ମହାସଂଘ ପକ୍ଷରୁ ରାଜ୍ୟର ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ଉଦ୍ଦେଶ୍ୟରେ ଶନିବାର ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୫୧ହଜାର ଟଙ୍କା ମୂଲ୍ୟର ଏକ ଡ୍ରାଫ୍ଟ ପ୍ରଦାନ କରାଯାଇଛି। ମହାସଂଘ ସଭାପତି ଅଜୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଉପଦେଷ୍ଟା ରାଜେନ୍ଦ୍ର ଚାଟାର୍ଜୀ, ସଦସ୍ୟ ଅଜୟ ମହାପାତ୍ର, ପବନ ସାହା, ମାନିକ ଚକ୍ରବର୍ତ୍ତୀ, ମନ୍ମଥ କୁମାର ଦାସ, କେ. ରାଜା ରାଓ, ଚନ୍ଦନ କୁମାର ଭୂୟାଁ, ଭାଗିରଥି ବେହେରା, ଶରତ ନାୟକ ଏବଂ ପ୍ରାକ୍ତନ କାଉନ୍‌ସିଲର ଶମ୍ଭୁ ସିଂ ପ୍ରମୁଖ ଜିଲାପାଳ ରାଉତଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ଡ୍ରାଫ୍ଟ ପ୍ରଦାନ କରିଥିଲେ। ମହାସଂଘ ପରିସରଭୁକ୍ତ ସହଦେବଖୁଣ୍ଟା ବଣିକ ସଂଘ, ଓଭରବ୍ରିଜ୍ ବଣିକ ସଂଘ, ବନଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସ, ଘୋଷ ମାର୍କେଟ୍ ମୋତିଗଞ୍ଜ, ନିଉ ମାର୍କେଟ୍ ସଂଘ ନିକଟରୁ ଏହି ସହାୟତା ରାଶି ସଂଗୃହୀତ ହୋଇଥିଲା। ଏହାଛଡ଼ା ସଂଘର କର୍ମକର୍ତ୍ତାମାନେ ଫାଣ୍ଡିବଜାର ଅଞ୍ଚଳରେ ଥିବା ବ୍ୟବସାୟୀମାନଙ୍କ ପାଖରୁ ବୁଲି ବୁଲି କିଛି ଅର୍ଥ ମଧ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ଜଳେଶ୍ୱର, ୨୦।୫(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କୁଶଗଡ଼ ଫାଣ୍ଡି ଅଧୀନ ବରଡ଼ିହା ପଞ୍ଚାୟତର ରାଇସୋଲ ଗ୍ରାମର ଦେବକୁମାର ସିଂଙ୍କ ସ୍ତ୍ରୀ ମଞ୍ଜୁ ସିଂ (୩୦) ରବିବାର ରାତିରେ ଶୋଇଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ତୁରନ୍ତ ପାଖ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁଶଗଡ଼ ଫାଣ୍ଡି ଅଧିକାରୀ ଉମାକାନ୍ତ ମହାପାତ୍ର ଏକ ଅପମୃତ୍ୟୁ ମାମଲା (ନଂ.୦୭/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛନ୍ତି।

### ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା



**ବାଲେଶ୍ୱର ଅଫିସ, ୨୦।୫:** ରୋଟାରୀ ଚକ୍ଷୁ ଚିକିତ୍ସାଳୟ ତରଫରୁ ପୁରୁଣା ବାଲେଶ୍ୱରର ବାଣେଶ୍ୱର ମନ୍ଦିରଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶତାଧିକ ଲୋକ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ୩୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ଆଖିରେ ମୋତିଆବିନ୍ଦୁ ହୋଇଥିବା ପରୀକ୍ଷା ଦ୍ୱାରା ଜଣାପଡ଼ିଥିଲା। ଏହି ରୋଗୀମାନଙ୍କର ରବିବାର ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ରୋଟାରୀ କ୍ଲବ ଏବଂ ଆଖି ଡାକ୍ତରଖାନା ତରଫରୁ ଏହିପରି ସହରର ୩୧ଟି ୱାର୍ଡ଼ରେ ଶିବିର କରାଯାଇ ମୋତିଆବିନ୍ଦୁ ଥିବା ରୋଗୀଙ୍କୁ ଚିହ୍ନଟ କରାଯାଇ ଦୃଷ୍ଟିଶକ୍ତି ଫେରାଇବା ପାଇଁ ଚେଷ୍ଟା ଜାରି ରହିବ। ଶିବିରକୁ କ୍ଲବ ତରଫରୁ କଲ୍ୟାଣ ଚାନ୍ଦ, ସୁବ୍ରତ କର, ରମାକାନ୍ତ ମିଶ୍ର, ଶିବାନନ୍ଦ ଦାସମହାପାତ୍ର, ଉଦୟ ରଞ୍ଜନ ଦାସ, ବିଦ୍ୟାଧର ସିଂ ପ୍ରମୁଖ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା



**ବାଲେଶ୍ୱର ଅଫିସ,୨୦।୫:** ଜିଲା ପ୍ରାଣୀସମ୍ପଦ ବିକାଶ ବିଭାଗ କର୍ମଚାରୀଙ୍କ ତରଫରୁ ସଂଗୃହୀତ ୫୨ହଜାର ୬ଶହ ଟଙ୍କା 'ଫନୀ' କ୍ଷତିଗ୍ରସ୍ତଙ୍କ ସହାୟତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟାଳୟରେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ନିତ୍ୟାନନ୍ଦ ଦାସଙ୍କ ନେତୃତ୍ୱରେ ଉପନିର୍ଦ୍ଦେଶକ ଡା. ସଞ୍ଜୟ କୁମାର ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ସାହୁ, ଡା. ଜୀବନକୃଷ୍ଣ ସାହୁ, ଡିଟିସି ଡା. ଚକ୍ରଧର ଦାଶ, ତୃଣ ଉନ୍ନୟନ ଅଧିକାରୀ ଯଦୁନାଥ ପ୍ରଧାନ, ବରିଷ୍ଠ ସହାୟକ ସୂର୍ଯ୍ୟକାନ୍ତ ମଲ୍ଲିକ ଓ ଜୀବନ ମଙ୍ଗଳ ଅଧିକାରୀ ବିଜୟ ଷଡ଼ଙ୍ଗୀ ପ୍ରମୁଖ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ସାକ୍ଷାତ୍ କରି ଉକ୍ତ ରାଶିର ଏକ ଚେକ୍ ପ୍ରଦାନ କରିଥିଲେ।

### କରୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ଖୋଲିଲା

**ରୂପ୍‌ସା, ୨୦।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ କରୁଆ ପଞ୍ଚାୟତ ସରପଞ୍ଚ ରଶ୍ମିତା ଜେନା ସୋମବାର ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ସ୍ଥାନୀୟ ପାଉଁଶକୁଲି ପଞ୍ଚାୟତ କାର୍ଯ୍ୟାଳୟରେ ୨ବର୍ଷ ଧରି ଅଫିସ କାର୍ଯ୍ୟ ଚାଲିଥିଲା। ସେଠାରେ ଭତ୍ତା ବଣ୍ଟନ, ପିଠା କାର୍ଯ୍ୟକ୍ରମ, କାଳିଆ ଯୋଜନା ପାଇଁ ହିତାଧିକାରୀଙ୍କ ଆବେଦନ, ଗ୍ରାମସଭା ଆଦି ସରକାରୀ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ନୂତନ ପଞ୍ଚାୟତ ଗୃହ ନିର୍ମାଣ ପରେ ସରପଞ୍ଚ ଜେନା, ସମିତିସଭ୍ୟା ସୁମତି ଜେନା, ନାଏବ ସରପଞ୍ଚ ହେମନ୍ତ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ସେଠୀଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହି କାର୍ଯ୍ୟାରମ୍ଭ କରିଛନ୍ତି।

# ଚୋରି ଅଭିଯୋଗରେ ନାବାଳକଙ୍କୁ ବାନ୍ଧି ମାଡ଼

## ଉଦ୍ଧାର କଲା ପୋଲିସ୍

**ସୋର, ୨୦।୫(ଡି.ଏନ.ଏ.)**

ସୋର ଥାନା ଅନ୍ତର୍ଗତ ସିଙ୍ଗାଖୁଣ୍ଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଅଭିଯୋଗରେ ଜଣେ ନାବାଳକଙ୍କୁ ସ୍ଥାନୀୟ ଲୋକେ ବାନ୍ଧି ମାଡ଼ ମାରିଥିଲେ। ପୋଲିସ ଖବର ପାଇ ଉକ୍ତ ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଏନେଇ ଅଧିକ ତଦନ୍ତ ଜାରି ରଖିଛି।

ଏହି ଗ୍ରାମର ବିଶନ ସିଂଙ୍କ ଘରୁ ୧୨ହଜାର ଟଙ୍କା ଓ ସାଇକେଲ୍ ଗତ କିଛିଦିନ ତଳେ ଚୋରି ହୋଇଥିଲା। ଚୋରକୁ ଧରିବା ପାଇଁ ସ୍ଥାନୀୟ ଲୋକେ ଉଦ୍ୟମ କରିଥିଲେ। ଉକ୍ତ ନାବାଳକ ସୋମବାର ସୋରକୁ ପଳାଇ ଯାଉଥିବା ବେଳେ ଲୋକଙ୍କ ସନ୍ଦେହ ହୋଇଥିଲା। ସୋର ଉତ୍ତରେଶ୍ୱର ଗଳାପୋଲଠାରେ ନାବାଳକଙ୍କୁ ଲୋକେ କାବୁ କରି ବାନ୍ଧି ମାଡ଼ ମାରିଥିଲେ।

# ଧୁମ୍‌ଧାମ୍‌ରେ ସରିଲା ଉଡ଼ା ପର୍ବ

**ସଜନାଗଡ଼, ୨୦।୫(ଡି.ଏନ.ଏ.)**

ନୀଳଗିରି ଉପଖଣ୍ଡ ଅଧୀନ ସିଆଡ଼ିମାଳଠାରେ ଧୁମ୍‌ଧାମ୍‌ରେ ଉଡ଼ା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ମାନସିକଧାରୀ ଭକ୍ତାମାନେ ନୂଆ ବସ୍ତ୍ର ପରିଧାନ କରି ନିଆଁ ପାଟରେ ଚାଲିଥିଲେ। ପରେ ଦେହରେ କଣ୍ଟା ଫୋଡ଼ି ଉଡ଼ା ଖୁଣ୍ଟରେ ଉଡ଼ିଥିଲେ। ଏହାକୁ ଦେଖିବା ପାଇଁ କୁଲିଡ଼ିହାର ପାଦଦେଶ ଲାଗିରହିଥିବା ଗ୍ରାମ ବାବନ୍ଧ, ଭୁଟାସିମୁଳି, ବଡ଼ନାଳ, କଦମସୁଳ, ବାଙ୍କିସାହି, ନୂଆସାହି, ବନ୍ଧସାହି, ସିଆଳଘାଟି, ବାରୁଡ଼ି, ତେଣ୍ଡା, ବାଣ୍ଟିଆପଡ଼ା ଓ ଜାମୁଘାଟି ଗ୍ରାମର ଶହଶହ ଲୋକ ଉଡ଼ାପର୍ବରେ ସାମିଲ ହୋଇଥିଲେ।

ପୂଜକ ଦୟାନିଧି ଦେଉରୀ ବିଧି ରୀତିନୀତି ଅନୁସାରେ ମା' ବୁଢ଼ୀ ବାସୁଳୀଙ୍କର ପୂଜା କରିଥିଲେ। କମିଟି ସଭାପତି ରାଜୀବ କୁମାର ଦାସବାବୁ, ସମ୍ପାଦକ ନାରାୟଣ ସ, ସଦସ୍ୟ ନରେନ୍ଦ୍ର ଦାସବାବୁ, ସୂର୍ଯ୍ୟକାନ୍ତ ଧିର, ପୂର୍ଣ୍ଣଚନ୍ଦ୍ର ରାଉଳ, ରାମଚନ୍ଦ୍ର ପରମାଣିକ, ହରିହର ପରମାଣିକ, ସିପୁ ଦାସବାବୁ, ବଳିଆ ଦାସବାବୁ, ଲକ୍ଷ୍ମୀଧର ପରମାଣିକ ଓ ରତ୍ନାକର ପରମାଣିକ ସହଯୋଗ କରିଥିଲେ।

# ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବୈଠକ

**ବାଲେଶ୍ୱର ଅଫିସ, ୨୦।୫**

ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ, ରେମୁଣା ବ୍ଲକର କର୍ମକର୍ତ୍ତାମାନେ ସୋମବାର ବାଲିଆ ସଂଘ ଗୃହରେ ବୈଠକ ଆୟୋଜନ କରିଥିଲେ। ସେମାନେ ବାଲେଶ୍ୱର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ରିଜୁୱାନା କଅକବଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

ସଂଘ ସଭାପତି ଅନୁପମା ଗିରିଙ୍କ ନେତୃତ୍ୱରେ ସାଙ୍ଗଠନିକ ଉଦ୍ଦେଶ୍ୟ ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନା ଉପସ୍ଥିତ ରହିବା ସହିତ କେନ୍ଦ୍ରୀୟ ନେତା ଜୟନ୍ତ ଦାସ, ଜିଲା ସଭାପତି ପ୍ରତିଭା ପାଲ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ, ଜୟନ୍ତ ନାରାୟଣ ସିଂହ, ମାନିନୀ ଆଚାର୍ଯ୍ୟ, ସସ୍ମିତା ପ୍ରଧାନ, କଳ୍ପନା ରାଉତ, ଜୟନ୍ତୀମଣି ରାଉତ, ଅମିତାରାଣୀ ରାଉତ, ଅନୁପମା ମହାପାତ୍ର, କବିତା କର ଓ ବନ୍ଦିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ୨୦୦୧ ମସିହା କେନ୍ଦ୍ର ସୁପାରିଶ ଅନୁସାରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏଏନ୍‌ଏମ୍ ଓ ପ୍ରାଥମିକ ଶିକ୍ଷୟିତ୍ରୀକୁ ପଦୋନ୍ନତି କରିବା, ୪୫ ଓ ୪୬ତମ ଶ୍ରମ ସମ୍ମିଳନୀର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ୱାର୍କର ମାନ୍ୟତା ଦେବା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ନୂତନ ଗୃହ ନିର୍ମାଣ କରିବା, କେନ୍ଦ୍ରଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରିବା, ତୁରନ୍ତ ଗ୍ରୀଷ୍ମକାଳୀନ ଛୁଟି ପ୍ରଦାନ ଦାବି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶେଷରେ ସଂଘର ଏକ ନୂତନ ବ୍ଲକ କମିଟି ଗଠନ କରାଯାଇଥିଲା। ବୈଠକ ଶେଷ ପରେ ସମସ୍ତ କର୍ମକର୍ତ୍ତା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ରିଜୁୱାନା କଅକବଙ୍କୁ ସାକ୍ଷାତ କରି ତୁରନ୍ତ କେନ୍ଦ୍ରଗୁଡ଼ିକୁ ଗ୍ୟାସ ସଂଯୋଗ କରାଯିବା, ଏସ୍‌ଏନ୍‌ପି ପରିଚାଳନା ନିମନ୍ତେ ଅଗ୍ରୀମ ୩ମାସର ଟଙ୍କା ସହିତ ଅଧିକ ୧୦ହଜାର ଟଙ୍କା ଯୁଗ୍ମ ପାସ୍ ବହିକୁ ପଠାଯିବା, ବାଲେଶ୍ୱର ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅଧିକାରିଣୀଙ୍କ ପାଖରୁ ଦାବି ଯଥାଶୀଘ୍ର କାର୍ଯ୍ୟକାରୀ ଲାଗି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି।



ବୈଠକରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର କର୍ମକର୍ତ୍ତା।



ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ଭାଷା ବିକାଶ' ଉନ୍ମୋଚନ କରାଯାଉଛି।

## ଭାଷା ବିକାଶ ଆନ୍ଦୋଳନର ବାର୍ଷିକୋତ୍ସବ

# ଭାଷାର ବିକାଶ ପାଇଁ ଏକନିଷ୍ଠ ହେବା ଜରୁରୀ

**ବାଲେଶ୍ୱର ଅଫିସ, ୨୦।୫**

ବାଲେଶ୍ୱର ଶାନ୍ତିକାନନଠାରେ ଦୁଇଦିନ ଧରି ଚାଲି ଆସୁଥିବା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଏକାଦଶ ବାର୍ଷିକୋତ୍ସବ ରବିବାର ଶେଷ ହୋଇଯାଇଛି। ଅନୁଷ୍ଠାନ ଉପସଭାପତି ଶରତ କୁମାର ମହାପାତ୍ର ଆସରରେ ସଭାପତିତ୍ୱ କରି ଓଡ଼ିଆ ଭାଷାର ବିକାଶ ପାଇଁ ସମସ୍ତେ ଏକନିଷ୍ଠ ଭାବେ କାମ କରିବା ପାଇଁ ଆହ୍ୱାନ କରିଥିଲେ। ଅନୁଷ୍ଠାନର 'ଭାଷା ବିକାଶ' ନାମକ ଏକ ମୁଖପତ୍ରକୁ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉନ୍ମୋଚନ କରିଥିଲେ। ମୁଖପତ୍ରରେ ଅନୁଷ୍ଠାନର ୧୧ ବର୍ଷର ଇତିହାସ ସଙ୍କଳିତ ହେବା ସହ ଖବରକାଗଜରେ ପ୍ରୟୋଗ କରାଯାଉଥିବା ଭାଷା ସମ୍ପର୍କରେ ୫ ଖବରଦାତାଙ୍କ ସହ ସାକ୍ଷାତ୍କାର ମଧ୍ୟ ପ୍ରକାଶ ପାଇଛି। ଖବରଦାତା କୁଳମଣି ବାରିକ, ଆଲୋକ ବାରିକ, ରଞ୍ଜନ ବାଗ, ମାନସ କୁମାର ବିଶ୍ୱାଳ ଓ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ଖବରକାଗଜରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ପର୍କରେ ଉପଯୁକ୍ତ ଉତ୍ତର ପ୍ରଦାନ କରିଛନ୍ତି ବୋଲି ଡ. ମହାନ୍ତି ବକ୍ତବ୍ୟରେ କହିଥିଲେ। ଓଡ଼ିଆ ଭାଷାକୁ ବିଷୟବସ୍ତୁ କରି ୨୫ ଜଣ କବି ସେମାନଙ୍କ କବିତା ପାଠ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଉପସଭାପତି ଅରୁଣା ରାୟ କବିତାଗୁଡ଼ିକର ଆଲୋଚନା କରିଥିଲେ। ତପନ ରାୟ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ସୁବ୍ରତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ପ୍ରଦୀପ ଚାଟାର୍ଜୀ, ଉମେଶ ବାରିକ, ପଣ୍ଡିତ ସୁରେନ୍ଦ୍ରନାଥ କର, କୃଷ୍ଣଚନ୍ଦ୍ର ସାହୁ, ବିଜୟ କୁମାର ମହାନ୍ତି, ଡ. ସାରଙ୍ଗଧର ତ୍ରିପାଠୀ, ନୃସିଂହ ଚରଣ ନାୟକ, ଶିତିକଣ୍ଠ ଦୀକ୍ଷିତ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ଜ୍ୟୋତ୍ସ୍ନା ରାୟ, ମମତା ଦାସ, ତୃପ୍ତିରାଣୀ ପାତ୍ର, ଶ୍ରୀରୂପା ମଞ୍ଜରୀ ସେନ୍, ବାସନ୍ତୀ ଦେ, ମାଳତୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସୂଦନ ମିଶ୍ର, ଇନାୟତ ଅଲ୍ଲୀ ଖାଁ, ଅବନ୍ତୀ ପ୍ରଧାନ, ରମାକାନ୍ତ ମହାନ୍ତି, ମଧୁସୂଦନ ମାଝି, କମଳାକାନ୍ତ ଦାସ, ପଦ୍ମଲୋଚନ ଦତ୍ତ, ବିଶ୍ୱନାଥ ରଣା, ଡା. ସନାତନ ଦାସ, ଡ. ରତ୍ନାକର ସିଂହ, ଡ. ସଞ୍ଜୟ କୁମାର ପଣ୍ଡା, ପୁରୁଷୋତ୍ତମ ବେହେରା, ଅମରେନ୍ଦ୍ର ସିଂ ପ୍ରମୁଖ ଉତ୍ସବକୁ ସଫଳ କରିଥିଲେ।

# ଜମିଜମାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୧୧ ଆହତ

**ତିହିଡ଼ି, ୨୦।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ସୋମବାର ଅପରାହ୍ନରେ ଜମିଜମାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୧ ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ତିହିଡ଼ି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁସାରେ, ଉତ୍ତରବାହା ଗ୍ରାମର ହେମନ୍ତ ମଳିକ ଓ ବୁଦ୍ଧିରାମ ମଳିକଙ୍କ ମଧ୍ୟରେ ଜମିଜମାକୁ ନେଇ ଶତ୍ରୁତା ଥିଲା। ଏହି ବିବାଦୀୟ ଜମିରେ ଗୋଟିଏ ପକ୍ଷରୁ ଗୃହ ନିର୍ମାଣ କରାଯାଉଥିବାବେଳେ ଅପରପକ୍ଷର ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇ ସଂଘର୍ଷ ଘଟିଥିଲା। ଏଥିରେ ଗୋଟିଏ ପକ୍ଷର ହେମନ୍ତ ମଳିକ, ବସନ୍ତ ମଳିକ, ଶରତ ମଳିକ, କୁନ୍ତଳା ମଳିକ ଓ ପବିତ୍ରା ମଳିକ ଏବଂ ଅପରପକ୍ଷର ବୁଦ୍ଧିରାମ ମଳିକ, ଅକ୍ଷୟ ମଳିକ, ଭାସ୍କର ମଳିକ, ଶାନ୍ତି ମଳିକ, ତୁଳସୀ ମଳିକ ଏବଂ କାଁପଡ଼ା ଗ୍ରାମର ଅଜୟ ବେହେରା ଆହତ ହୋଇଛନ୍ତି। ଆହତମାନଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇ ନାହିଁ।

## କରଜ ବୋଝ: କୀଟନାଶକ ପିଇଦେଲେ

# ଏସ୍‌ସିବିରେ ମହିଳାଙ୍କ ମୃତ୍ୟୁ

**ପଡ଼ିରହିଲା ମୃତଦେହ, ଦାହ କଲେ ସାମାଜିକ କର୍ମୀ**

**କଟକ ଅଫିସ,୨୦।୫**

ଚାଷ ପାଇଁ କରଜ ଆଣିଥିଲେ। ହେଲେ ଟଙ୍କା ଦେଇଥିବା ବ୍ୟକ୍ତି ପ୍ରତିଦିନ ଘର ସମ୍ମୁଖରେ ଆସି ଝଗଡ଼ା କଲେ। ଏହା ଅସହ୍ୟ ହେବାରୁ ମହିଳା ଜଣଙ୍କ କୀଟନାଶକ ପିଇଦେଲେ। ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିବା ମହିଳାଙ୍କ ରବିବାର ମୃତ୍ୟୁ ଘଟିଥିଲା। ଟଙ୍କା ଅଭାବରୁ ସ୍ତ୍ରୀଙ୍କ ମୃତଦେହ ସତ୍କାର କରିପାରିଲେ ନାହିଁ ବାଲେଶ୍ୱର ବାଲିଆ ଥାନା ଅନ୍ତର୍ଗତ ବୁଲକୁପି ଗ୍ରାମର ଦିବ୍ୟାଙ୍ଗ ଯୁବକ ସୁକୁଲ ସୋରେନ(୩୫)।

ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏସ୍‌ସିବି ମେଡ଼ିକାଲର ନୂଆ ମେଡିସିନ ବିଭାଗ ବାରଣ୍ଡାରେ ସ୍ତ୍ରୀ ପାର୍ବତୀ(୩୨)ଙ୍କ ମୃତ୍ୟୁ ଘଟିଥିଲା। ଭାବିଥିଲେ ମେଡ଼ିକାଲ କର୍ତ୍ତୃପକ୍ଷ ବୋଧେ କିଛି ସହଯୋଗ କରିବେ। ଦିନ ଯାଇ ରାତି ହେଲା ପଛେ ମେଡ଼ିକାଲରେ କେହି ଜଣେ ସାହାଯ୍ୟ କରିବାକୁ ଆଗେଇ ଆସିଲେନି। ଜନ୍ମରୁ ସୁକୁଲଙ୍କ ଦୁଇଟି ଯାକ ଗୋଡ଼ ଅଚଳ ଥିବା ହେତୁ ସ୍ତ୍ରୀଙ୍କ ମୃତଦେହକୁ ମେଡ଼ିକାଲ ବାରଣ୍ଡାରୁ ନିଜେ ଉଠାଇ ନେବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ବିକଳରେ ସ୍ତ୍ରୀଙ୍କ ମୃତଦେହ ପାଖରେ ବସି ସେ କାନ୍ଦୁଥିଲେ। ଏଭଳି ଖବର ପାଇଥିଲେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ। ରବିବାର ଅପରାହ୍ନରେ ଅଭିମନ୍ୟୁ କେତେଜଣ ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ଖପୁରିଆସ୍ଥିତ ସ୍ୱର୍ଗଧାମରେ ପାର୍ବତୀଙ୍କ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ।

ସୁକୁଲଙ୍କ କହିବା ଅନୁଯାୟୀ, ସେ ପିଲାଦିନରୁ ଦିବ୍ୟାଙ୍ଗ ହୋଇଥିବାରୁ ପାର୍ବତୀଙ୍କ ମୁଣ୍ଡରେ ପରିବାରର ବୋଝ ଥିଲା। ପାର୍ବତୀ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୪ବର୍ଷର ପୁଅ ଓ ୬ବର୍ଷର ଝିଅ ଅଛନ୍ତି। ୩ଜଣ ଲୋକଙ୍କ ଠାରୁ ସେ କିଛି ମାସ ତଳେ ଟଙ୍କା ଧାର ଆଣି ଚାଷ କାର୍ଯ୍ୟରେ ବିନିଯୋଗ କରିଥିଲେ। ହେଲେ ଟଙ୍କା ଶୁଝିବାକୁ ନେଇ ସବୁଦିନ ପାର୍ବତୀଙ୍କ ଘର ସମ୍ମୁଖରେ ଋଣ ଦେଇଥିବା ଲୋକମାନେ ଆସି ଝଗଡ଼ା କରନ୍ତି। ଏପରି କି ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ ବୋଲି ସୁକୁଲ କହିଛନ୍ତି। ଏହା ସହି ନ ପାରି ପାର୍ବତୀ ଶୁକ୍ରବାର ଚାଷରେ ବ୍ୟବହୃତ କୀଟନାଶକ ପିଇଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ବସ୍ତାସ୍ଥିତ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲା ମେଡ଼ିକାଲ ଓ ପରେ ଏସ୍‌ସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିରେ ରବିବାର ପାର୍ବତୀଙ୍କର ମୃତ୍ୟୁ ଘଟିଥିଲା।

୨୦୦୮ରୁ ଅଦ୍ୟାବଧି ଅଭିମନ୍ୟୁ ଏସ୍‌ସିବିରେ ଏହିଭଳି ଭାବେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମୃତଦେହ ଦାହ କରିଆସୁଛନ୍ତି। ଇତିମଧ୍ୟରେ ସେ ପାଖାପାଖି ୧୨୦୦ ମୃତଦେହ ଦାହ କରିସାରିଲେଣି। ତେବେ ମୃତଦେହଗୁଡ଼ିକ ଦୀର୍ଘ ସମୟ ପଡ଼ିରହିବା ଦ୍ୱାରା ଏକ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅଭିମନ୍ୟୁ କହିଛନ୍ତି। ତେବେ ହରିଶ୍ଚନ୍ଦ୍ର ଯୋଜନା ବାବଦ ଅର୍ଥ ତତ୍କାଳ ମିଳୁ ନ ଥିବାରୁ ଲୋକେ ମୋବାଇଲ ଓ ସୁନାମୁଦି ଆଦି ବନ୍ଧା ପକାଇ ଏସ୍‌ସିବିରୁ ନିଜ ଗାଁକୁ ମୃତଦେହ ନେଉଥିବା ଅଭିମନ୍ୟୁ କହିଛନ୍ତି। ତେଣୁ ଏସ୍‌ସିବିରେ ତତ୍କାଳ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦେବା ପାଇଁ ଏକ କାଉଣ୍ଟର ଖୋଲିବାକୁ ଅଭିମନ୍ୟୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଚୋରାମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

**ଭଦ୍ରକ ଅଫିସ, ୨୦।୫-** ଗାଁରେ ବେଆଇନ ଚୋରାମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଖଣ୍ଡିଆବଜାରର ଶତାଧିକ ଆଦିବାସୀ ମହିଳା ସୋମବାର ଏସ୍‌ପିଙ୍କ ନିକଟରେ ପହଞ୍ଚି ଚୋରାମଦ ବିକ୍ରି ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ଗାଁରେ କିଭଳି ଏହି ବ୍ୟବସାୟୀମାନେ ଅରାଜକତା ଚଳାଇ ଆସିବା ସହ ଚୋରାରେ ମଦ ଆଣି ବେଆଇନ ଭାବେ ବିକ୍ରିକରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ସେନେଇ ଅଭିଯୋଗ କରିଛନ୍ତି। ଏହି ମହିଳାମାନେ ପୂର୍ବରୁ ଅବକାରୀ କାର୍ଯ୍ୟାଳୟ ଓ ଥାନାରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ କିମ୍ବା ଅବକାରୀ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେମାନେ ଦର୍ଶାଇଥିଲେ। ଓଲଟି ମଦ ବ୍ୟବସାୟୀମାନେ ଗ୍ରାମବାସୀଙ୍କୁ ଧମକ ଦେଉଛନ୍ତି। ଏପରି କି ମଦ ମାଫିଆମାନେ ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ମାଡ଼ ମାରିଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଆସିଥିବା ମହିଳାମାନେ ଦାବି କରିଛନ୍ତି।

### ରିଲିଫ୍ ପାଣ୍ଠିକୁ ୧୦ ହଜାର ଟଙ୍କା ସହାୟତା

**ଭଦ୍ରକ ଅଫିସ, ୨୦।୫-** ଭଦ୍ରକ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତି ଓ ସାଧାରଣ ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ଉପସଭାପତି ପଦ୍ମନାଭ ପାଢ଼ୀ ଓ ଡ. ଶିବନାରାୟଣ ପାଢ଼ୀ, ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ନାୟକ, କରୁଣାକର ଉପାଧ୍ୟାୟ, କାର୍ଯ୍ୟକାରିଣୀ ପରିଷଦର ବରିଷ୍ଠ ସଦସ୍ୟ ଡ. ରାମଚନ୍ଦ୍ର ନାୟକ, ଡ. ଗୋଲକ ବିହାରୀ ସାହୁ ପ୍ରମୁଖ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ମାଧ୍ୟମରେ ଏହାର ଏକ ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରିଛନ୍ତି।

# ଖରାରେ ସିଝୁଛି ପାଲଟପୁର

**ଆରଡ଼ି, ୨୦।୫(ଡି.ଏନ୍.ଏ.)**


ଗାଁ ପୋଖରୀରେ ଲୋକେ ଗାଧୋଉଛନ୍ତି।

- ୧୮ ଦିନ ହେଲା ନାହିଁ ବିଜୁଳି, ଲୋକେ ତହଳବିକଳ
- ଦିନରେ ଗଛମୂଳେ, ରାତିରେ ଗାଁ ଦାଣ୍ଡରେ ଶୋଉଛନ୍ତି
- ଗାଁ ଦଳ ପୋଖରୀରେ ଗାଧୋଇବା ପାଇଁ ଭିଡ଼

ଜାରି ରହିଛି ତାତି। ଅସହ୍ୟ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛନ୍ତି ଲୋକେ। ଖରା ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଲୋକେ ଘରେ ରହିପାରୁ ନାହାନ୍ତି କି ବାହାରକୁ ବାହାରି ପାରୁନାହାନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ନାନ୍ଦପୁର ପଞ୍ଚାୟତ ଅଧୀନ ପାଲଟପୁର ଗାଁ ଖରାରେ ସିଝୁଛି। ଫନୀ ଆସି ତାଣ୍ଡବ ରଚି ଚାଲିଗଲା। ଉପାଡ଼ି ଦେଇ ଯାଇଛି ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ। ସେବେଠାରୁ ଗାଁ ଅନ୍ଧାରରେ। ନୂଆ ଖୁଣ୍ଟ ପଡ଼ି ତାର ଟଣାଚାଲିଛି। କେବେ ବିଜୁଳି ଆସିବ ତାହାକୁ ଚାତକ ପରି ଚାହିଁରହିଛନ୍ତି ଗ୍ରାମବାସୀ।

ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳୁ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନଜୀବନ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ଏହି ଗାଁର ଲୋକସଂଖ୍ୟା ପ୍ରାୟ ୮ଶହ। ପାନୀୟଜଳ ପାଇଁ ବସିଛି ମାତ୍ର ୨ଟି ନଳକୂପ। ସକାଳୁ ରାତି ପର୍ଯ୍ୟନ୍ତ ନଳକୂପ ମୂଳେ ଭିଡ଼ ଲାଗିରହୁଛି। ପିଲାଙ୍କଠୁ ଆରମ୍ଭ କରି ଯୁବକ ଓ ବୁଢ଼ା ସମସ୍ତେ ଏବେ ଗାଧୋଇବା ପାଇଁ ଗାଁ ଦଳ ପୋଖରୀକୁ ବାଛିନେଇଛନ୍ତି। ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ପୋଖରୀ ହୁଡ଼ାରେ ଥିବା ଗଛମୂଳେ ଓ ରାତିରେ ଗାଁ ଦାଣ୍ଡରେ ଶୋଉଛନ୍ତି ଲୋକେ। ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗାଁକୁ ଲାଗି ବହିଯାଇଥିବା ସାଳନ୍ଦୀ ନଦୀର ଜୁଆର ବାଡ଼ି ତଳକୁ ଚାଲିଆସେ। ଆଉ କୁମ୍ଭୀର ବି ଉଠିଆସନ୍ତି ଗାଁ ଦାଣ୍ଡକୁ। ଏବେ ନଦୀପଠାରେ ଡଙ୍ଗା ବାନ୍ଧି ନିଜକୁ ସୁରକ୍ଷିତ ମଣୁଛନ୍ତି ଲୋକେ। ଗାଁରେ ୨ ଜଣ ବୃଦ୍ଧା ଅଂଶୁଘାତରେ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସା ପରେ ନିକଟରେ ଗାଁକୁ ଫେରିଛନ୍ତି। ପ୍ରାୟ ୧୫ ଦିନ ହେଲା ବର୍ଷା ଦାଉ ସାଧୁଛି। ବର୍ଷା ଠିକ୍ ଭାବେ ହେଉନି। ବିଜୁଳି ରହିଲେ ହୁଏତ କିଛିଟା ତ୍ରାହି ପାଆନ୍ତେ ଲୋକେ। ବାତ୍ୟା ଫନୀ ପାଲଟପୁରବାସୀଙ୍କ ମୁହଁରୁ ହସ ଛଡ଼ାଇ ନେଇଛି ବୋଲି ଗ୍ରାମର ପୂର୍ବତନ ୱାର୍ଡମେମ୍ବର ନବକିଶୋର ଭୋଇ କହିଛନ୍ତି। ଅସୁରାଳି ବିଦ୍ୟୁତ୍ ଡିଭିଜନ କନିଷ୍ଠଯନ୍ତ୍ରୀ ପ୍ରଦୀପ କୁମାର ଦାସ କହିଛନ୍ତି, ଏହି ଗାଁର ବିଲରେ ଥିବା ସମସ୍ତ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ତାର ମଧ ଛିଡ଼ିଯାଇଛି। ଯେଉଁପଟେ ପୂର୍ବରୁ ବିଦ୍ୟୁତ୍ ତାର ଆସିଥିଲା, ସେପଟେ ଆଉ ବିଦ୍ୟୁତ୍ ସଂଯୋଗ ନ କରି ଶୀତଳପୁର ପାର୍ଶ୍ୱଦେଇ ଯୋଗାଇ ଦିଆଯିବ। ଏବେ ସେଠାରେ ଖୁଣ୍ଟ ପୋତା ସରିଛି। ୨ରୁ ୩ ଦିନ ମଧ୍ୟରେ ଏହି ଗ୍ରାମବାସୀ ବିଦ୍ୟୁତ୍ ସେବା ପାଇପାରିବେ ବୋଲି କନିଷ୍ଠଯନ୍ତ୍ରୀ ଦାସ କହିଛନ୍ତି।

# ୪୦ ଡିଗ୍ରୀ ଟପିଲା ତାପମାତ୍ରା

**ଭଦ୍ରକ ଅଫିସ, ୨୦।୫**



ସାରା ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଭଦ୍ରକ ସହର ଓ ଆଖପାଖ ଅଞ୍ଚଳବାସୀ ମଧ ଏହି ଗ୍ରୀଷ୍ମପ୍ରବାହରେ ହନ୍ତସନ୍ତ ହେଉଛନ୍ତି। ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରୁ ଭଦ୍ରକ ସହରରେ ଖରାର ପ୍ରକୋପ ଧୀରେ ଧୀରେ ଆରମ୍ଭ ହୋଇ ମେ ମାସରେ ଏହା ପ୍ରଚଣ୍ଡ ହୋଇଛି। ତେବେ ଗତ ୧୦ ତାରିଖଠାରୁ ସହରରେ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ୧୦ ଦିନ ଧରି ୪୦ ଡିଗ୍ରୀ ଉପରେ ତାପମାତ୍ରା ରହୁଛି। ଦୈନିକ ତାପମାତ୍ରା ପ୍ରାୟ ୪୨ରୁ ୪୫ ଡିଗ୍ରୀ ମଧ୍ୟରେ ରହୁଛି। ଫଳରେ ଲୋକେ ସକାଳ ସମୟରେ ଯାହା କିଛି କାର୍ଯ୍ୟ କରି ଘରକୁ ଫେରି ଯାଉଛନ୍ତି ପୁଣି ସନ୍ଧ୍ୟା ପରେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଖଟିଖିଆ ଏବଂ ବ୍ୟବସାୟୀଙ୍କ ପାଇଁ ଏହି ଗ୍ରୀଷ୍ମପ୍ରବାହ କଷ୍ଟଦାୟକ ହୋଇଛି। ଖରାକୁ ଦେଖି ଭୟରେ ଲୋକେ ଘରୁ ବାହାରୁ ନ ଥିବାବେଳେ ସେମାନଙ୍କର ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବ୍ୟବସାୟୀମାନେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲୁଥିଲେ ମଧ ପୂର୍ବାହ୍ଣ ୧୧ ଟାରୁ ଅପରାହ୍ଣ ୪ଟା ଯାଏ ଗ୍ରାହକଙ୍କ ଦେଖା ମିଳୁନି। ଦିନସାରା ଦୋକାନ ଖୋଲା ରଖିଲେ ମଧ ଗ୍ରାହକ ଆସୁ ନ ଥିବା କହୁଛନ୍ତି ବ୍ୟବସାୟୀମାନେ। ସହରର ମୁଖ୍ୟବଜାର କୁହାଯାଉଥିବା କଚେରି, ନୂଆବଜାର, ଟାଉନହଲ୍, ଚନ୍ଦନବଜାର, ବାଇପାସ୍, ଚରମ୍ପା ଅଞ୍ଚଳରେ ଦିନବେଳା ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଛି। ଏହି ଗ୍ରୀଷ୍ମପ୍ରବାହ ଆହୁରି କେତେଦିନ ଲାଗିରହିବ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ମାସ ଶେଷ ପର୍ଯ୍ୟନ୍ତ ଗୁଳୁଗୁଳି ଲାଗିରହିବ ବୋଲି ଜଣାପଡ଼ିଛି। ଗୋଟିଏ ପଟେ ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ଅନ୍ୟପଟେ ବିଦ୍ୟୁତ୍ କାଟ୍ ସହରର ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି।

ସହରର ତାପମାତ୍ରା ରବିବାର ୪୩ ଡିଗ୍ରୀ ରହିଥିବା ବେଳେ ସୋମବାର ୪୨ ଡିଗ୍ରୀ ରହିଥିଲା। ଜିଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିବା କୁହାଯାଉଥିଲେ ମଧ ଗାଁ ମୁଣ୍ଡ, ବଜାର ଛକଗୁଡ଼ିକରେ ଜଳଛତ୍ର ଖୋଲି ନ ଥିବା ଦେଖିବାକୁ ମିଳିଛି। ପଇଡ଼, ସରବତ, ଆଖୁରସ, ଲେମ୍ବୁପାଣି, ଲସି, ତରଭୁଜ ଦୋକାନରେ ଭିଡ଼ ଜମୁଛି। କାଁ ଭାଁ କେତେକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜଳଛତ୍ରକୁ ବାଦ୍ ଦେଲେ କୌଣସି ସ୍ଥାନରେ ଜଳଛତ୍ର ଦେଖିବାକୁ ମିଳୁନି। ଭଦ୍ରକ ଜନଗହଳିପୂର୍ଣ୍ଣ ବନ୍ତ ଛକ ବସ୍‌ଷ୍ଟାଣ୍ଡ ଏବେ ମଧ୍ୟାହ୍ନରେ ଖାଁ ଖାଁ ଲାଗୁଛି।

# ସୂଚନା ପ୍ରଦାନରେ ବିଳମ୍ବ ପାଇଁ ଜରିମାନା

**ଚାନ୍ଦବାଲି, ୨୦।୫ (ଡି.ଏନ.ଏ.)**

ସୂଚନା ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ସୂଚନା ଅଧିକାର ଆଇନ ବଳରେ ଚାନ୍ଦବାଲି ବ୍ଲକ ଯୋଗାଣ ବିଭାଗର ପୂର୍ବତନ ଏମ୍ଆଇ ରେବତୀସ ସିଂ ନାୟକଙ୍କୁ କମିଶନର ୨୫ ହଜାର ଟଙ୍କା ଜରିମାନା ଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସେ ସରକାରୀ ଟ୍ରେଜେରୀରେ ଜମା ନ କଲେ ୧୦ଟି କିସ୍ତିରେ ତାଙ୍କ ଦରମାରୁ ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ସୂଚନା ପ୍ରଦାନରେ ଅବହେଳା ପାଇଁ ଚାନ୍ଦବାଲି ବ୍ଲକର ୨ କର୍ମଚାରୀଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ଦଣ୍ଡ ଦିଆଯାଇଥିଲା।

ସୂଚନା ଅନୁସାରେ, ଆରଡ଼ିର ପ୍ରଶାନ୍ତ କୁମାର ଦାଶ ଜୟ ହନୁମାନ ସ୍ୱୟଂସହାୟକ ଗୋଷ୍ଠୀର କାରବାର ସମ୍ପର୍କରେ କେତେକ ତଥ୍ୟ ପାଇଁ ବ୍ଲକ ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀର ଯୋଗାଣ ସାମଗ୍ରୀ ବଣ୍ଟନ ସମ୍ପର୍କରେ ତା।୧।୧।୨୦୧୪ରିଖରୁ ୨୮।୨।୨୦୧୫ ପର୍ଯ୍ୟନ୍ତ ତଥ୍ୟ ମାଗିଥିଲେ। ଏ ନେଇ ପ୍ରାୟ ୭ ଶହ ୨୫ ଫର୍ଦ୍ଦର ଜେରକ୍ସ କାଗଜାତ ପାଇଁ ତାଙ୍କୁ ଟଙ୍କା ଜମା କରିବାକୁ ବ୍ଲକ ସୂଚନା ଅଧିକାରୀ କହିଥିଲେ। ୨୦୧୫ ଏପ୍ରିଲ ୨୮ରେ ପ୍ରଶାନ୍ତ ଏହି ଟଙ୍କା ଜମା କରିବା ସହିତ ରସିଦ ହାସଲ କରିଥିଲେ। ମାତ୍ର ଯୋଗାଣ ସାମଗ୍ରୀ ଦାୟିତ୍ୱରେ ଥିବା ଏମ୍ଆଇ ଏହି ସୂଚନା ପ୍ରଦାନରେ ବିଳମ୍ବ କରିଥିଲେ। ନିର୍ଦ୍ଧାରିତ ସମୟ ଶହେ ଦିନ ମଧ୍ୟରେ ତଥ୍ୟ ପ୍ରଶାନ୍ତଙ୍କୁ ନ ମିଳିବାରୁ ସେ ବାଧହୋଇ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ କମିଶନରଙ୍କ ନିକଟରେ ଏକ ମାମଲା (ନଂ. ୧୭୨୭/୨୦୧୫) ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ସୂଚନା କମିଶନର ୨୦୧୯ ଜାନୁୟାରୀ ୨୨ରେ ରାୟ ପ୍ରକାଶ କରିଥିଲେ। ବିଳମ୍ବ ପାଇଁ କମିଶନର ଏମ୍ଆଇ ନାୟକଙ୍କୁ ଦାୟୀ କରିଥିଲେ। କମିଶନରଙ୍କ ଏହି ରାୟ ବିରୋଧରେ ଏମ୍ଆଇ ନାୟକ ଅପିଲ କରି ନ ଥିବାର ଜଣାଯାଇଛି। ଏସମ୍ପର୍କରେ ଏମ୍ଆଇ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଏହି ମାମଲାରେ ତାଙ୍କର କୌଣସି ଭୂମିକା ନାହିଁ। ଆବଶ୍ୟକ ସୂଚନା ଦେବାକୁ ସମ୍ପୃକ୍ତ ସ୍ୱୟଂସହାୟକ ଗୋଷ୍ଠୀର ସମ୍ପାଦକଙ୍କୁ ସରକାରୀ ଭାବେ ଚିଠି କରାଯାଇଥିଲେ ମଧ ସେ ବିଳମ୍ବ କରିଥିଲେ।

### ଡାକ୍ତରଖାନାରେ ସଫେଇ

**ବନ୍ତ, ୨୦।୫(ଡି.ଏନ୍.ଏ.)**

ବନ୍ତ ବ୍ଲକ ଅଧୀନ ଛୟାଳସିଂହ ପଞ୍ଚାୟତ ପଳସା ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରବିବାର ବନ୍ତ ଡାକ୍ତରଖାନା ପରିସର ସଫେଇ କରାଯାଇଛି। ଡାକ୍ତରଖାନା ପରିସରରେ ଥିବା ବିଭିନ୍ନ ଅଳିଆ ଆବର୍ଜନା, ଅନାବନା ଗଛ ସଫା କରାଯାଇଥିଲା। ସେହିପରି ନାଳ ନର୍ଦ୍ଦମାକୁ ସଫା କରାଯାଇ ବ୍ଲିଚିଂ ପାଉଡର ପକାଯାଇଥିଲା। ଏଥିସହ ଡାକ୍ତରଖାନାର ସମସ୍ତ ପ୍ରକୋଷ୍ଠ ସଫା କରାଯାଇଥିଲା। ଭଜନ ମଣ୍ଡଳୀର ଆବାହକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ନିରଞ୍ଜନ ବେହେରା, ଗୌରାଙ୍ଗ ଦାସ, ନିରାକାର ଜେନା, ପ୍ରଦୀପ ସାହୁ, ଦେବ ବାଇ, ନିରୁପମା ବେଜ, ଉର୍ମିଳା ସେଠୀ, ବର୍ଷାରାଣୀ ସେଠୀ ଓ ତ୍ରିଲୋଚନ ପଣ୍ଡା ପ୍ରମୁଖ ଏଥିରେ ସାମିଲ ଥିଲେ।

### ନୃସିଂହନାଥ ଜୀଉଙ୍କ ଚନ୍ଦନ ଯାତ୍ରା

**ବନ୍ତ, ୨୦।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବିରିଗଡ଼ିଆ ମଠ ପରିସରରେ ଶ୍ରୀ ନୃସିଂହନାଥ ଜୀଉଙ୍କ ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରେ ମନ୍ଦିର ପୂଜକ ମହେନ୍ଦ୍ରନାଥ ପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ଣରେ ମହାପ୍ରଭୁଙ୍କ ବିଗ୍ରହଙ୍କୁ ବିଶାଳ ଶୋଭାଯାତ୍ରାରେ ବନ୍ତ ପୁରୁଣା ବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରକୁ ନିଆଯାଇ ପୂଜାର୍ଚ୍ଚନା ପରେ ମଠକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂଜା କମିଟି ସଭାପତି ବିବେକାନନ୍ଦ ମିଶ୍ର, ସମ୍ପାଦକ ଅଶୋକ କୁମାର ବେହେରା, ମଠର ମୁଖ୍ୟ ନ୍ୟାସୀ କୃଷ୍ଣଚନ୍ଦ୍ର ଭଞ୍ଜରାୟ, କିଶୋର ମଲ୍ଲିକ, ସନାତନ ପେଡ଼ା, ରବୀନ୍ଦ୍ର ବେହେରା, ଆନନ୍ଦ ରାଜ, ରବୀନ୍ଦ୍ରନାଥ ଓଝା, ଅର୍ଜୁନ ଚଣ୍ଡରାୟ, ଦୁଃଶାସନ ମହାନ୍ତି, ଟୁଟୁ ପ୍ରଧାନ, ଭଗବାନ ବେହେରା, ହରେଶ ମହାରଣା ଏବଂ ଶିବ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁଝର

### ବାଇକ ଦୁର୍ଘଟଣା, ୨ ଆହତ

**ଯୋଡ଼ା/ଚମ୍ପୁଆ, ୨୦।୫(ଡି.ଏନ.ଏ.)-** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ନିକଟରେ ବାଇକ ଦୁର୍ଘଟଣା ଘଟି ୨ ଜଣ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ପଲସର ବାଇକ ଯୋଗେ ଯୋଡ଼ା ଅଞ୍ଚଳର ଆଶିଷ ଲୁଗୁନ ଓ ଅମିତ ଟପ୍ନୋ ରିମୁଳିରୁ ଯୋଡ଼ା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଦୁର୍ଘଟଣାରେ ବାଇକ ଅରୋହୀ ଲୁଗୁନ ଆହତ ହୋଇଥିବା ବେଳେ ଅମିତ ଟପ୍ନୋ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଚମ୍ପୁଆ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କେନ୍ଦୁଝର ଡାକ୍ତରଖାନାକୁ ଯିବାପାଇଁ କୁହାଯାଇଥିଲେ ହେଁ ବାଇକ ଆରୋହୀ ଦ୍ୱୟ ତରବରିଆଭାବେ ଯୋଡ଼ା ଟାଟାଷ୍ଟିଲ ଡ଼ାକ୍ତରଖାନାକୁ ପଳାଇଆସିଥିଲେ। ଏହି ଦୁଇ ଜଣ ଯୋଡ଼ା ଟାଟାଷ୍ଟିଲର କର୍ମଚାରୀ ବୋଲି ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ପାଇଁ ଯୋଡ଼ା ଥାନା ଏସ.ଆଇ ସାଗରିକ ମହାନ୍ତି ଯୋଡ଼ା ଡ଼ାକ୍ତାଖାନାରେ ପହଞ୍ଚିଥିଲେ।

### ସିଦ୍ଧମଠରେ ବୁଦ୍ଧ ପୂର୍ଣ୍ଣିମା

**କେନ୍ଦୁଝର, ୨୦।୫(ଡି.ଏନ୍.ଏ.)-** କେନ୍ଦୁଝର ସହର ଉପକଣ୍ଠସ୍ଥିତ ସିଦ୍ଧମଠଠାରେ ବିଗତବର୍ଷମାନଙ୍କ ପରି ଚଳିତବର୍ଷ ମଧ ବୁଦ୍ଧ ପୂର୍ଣ୍ଣିମା ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ବୁଦ୍ଧ ପୂର୍ଣ୍ଣିମା ପାଳନ କରାଯାଇଥିବାବେଳେ ବୁଦ୍ଧ କମିଟିର ସନ୍ତୋଷ ଦାସଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମହାଦୀପ ପ୍ରଜ୍ୱଳନ କରାଯିବା ସହ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଧନୁର୍ଜୟ ପାତ୍ର ପରିଚାଳନା କରିଥିବାବେଳେ ଶରତ କୁମାର ସାହୁ, ବିଜୟ କୁମାର ବେହେରା, ରମାରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। କେନ୍ଦୁଝର ସହର ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଗୌତମ ବୁଦ୍ଧଙ୍କ ବାଣୀ ଓ ତାଙ୍କର ଦିଗଦର୍ଶନ ସଂପର୍କରେ ବରିଷ୍ଠ ସଦସ୍ୟମାନେ ଆଲୋକପାତ କରିଥିଲେ।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା


୪୦ ହଜାର ଟଙ୍କା ସହାୟତା ଗ୍ରହଣ କରୁଥିବା ସଞ୍ଜୁଲତାଙ୍କ ପୁଅ ସତ୍ୟବ୍ରତ।

**ବଉଳା, ୨୦।୫ (ଡି.ଏନ୍.ଏ.)**

ହାଟଡିହୀ ବ୍ଲକର ନୂଆରୁଗୁଡ଼ି ଗ୍ରାମର ଜଗନ୍ନାଥ ମଲ୍ଲିକ ଓ ମରଚାଇପଦା ଗ୍ରାମର ସଞ୍ଜୁଲତା ରାଉତଙ୍କୁ ଦୁଇଦିନ ତଳେ ହାତୀ ଆକ୍ରମଣ କରିବାରୁ ସେମାନେ ପ୍ରାଣ ହରାଇଥିଲେ। ଏହାକୁ ନେଇ ବନ ବିଭାଗ ପକ୍ଷରୁ ମୃତ ଜଗନ୍ନାଥଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କୁ ନଗଦ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ମୃତ ସଞ୍ଜୁଲତା ରାଉତଙ୍କ ପୁଅ ସତ୍ୟବ୍ରତଙ୍କୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ସହାୟତା ଦିଆଯାଇଛି। ହାତୀ ଆକ୍ରମଣରେ ମୃତ ପରିବାରଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବାକୁ ସରକାରଙ୍କ ପକ୍ଷରୁ ନିୟମ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମୃତ ପରିବାରଙ୍କୁ ଶେଷକୃତ୍ୟ ପାଇଁ ଏହି ସହାୟତା ଦିଆଯାଇଛି । ଅବଶିଷ୍ଟ ଅର୍ଥ ତାଙ୍କ ବ୍ୟାଙ୍କଖାତାରେ ଜମା କରିଦିଆଯିବ ବୋଲି ସୁରେନ୍ଦ୍ର ହେମ୍ବ୍ରମ୍ ସୂଚନା ଦେଇଛନ୍ତି । ଏହି ସମୟରେ ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମ୍, ଫରେଷ୍ଟର ଡମ୍ବରୁଧର ମହାନ୍ତ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ନିର୍ବାଚନୀ ଫଳାଫଳକୁ ନେଇ ବଢୁଛି ଉତ୍କଣ୍ଠା

**ହାଟଡିହୀ, ୨୦।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କିଏ ବିଧାୟକର ମୁକୁଟ ପିନ୍ଧିବ, ସେନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧିପାଇଛି। କଂଗ୍ରେସରୁ ଜୟଦେବ ଯେନା, ବିଜେଡିରୁ ଭାଗୀରଥି ସେଠୀ, ଭାଜପାରୁ ଆଲୋକ ସେଠୀ ଙ୍କ ମଧ୍ୟରେ ଏଥର ତ୍ରିମୁଖୀ ଲଢ଼େଇ ହୋଇଛି। ତେବେ ତିନି ପ୍ରମୁଖ ଦଳର କର୍ମୀମାନେ ଜିତିବା ଆଶାରେ ରହିଛନ୍ତି। କିନ୍ତୁ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନକୁ କର୍ମୀମାନେ କେତେକାଂଶରେ ଗ୍ରହଣ କରୁଥିବାବେଳେ ଆଉ କେତେକ କ୍ଷେତ୍ରରେ ଗ୍ରହଣୀୟ ହେଉନାହିଁ। ଫଳାଫଳ ଦିନ ଯେତେ ପାଖେଇ ଆସୁଛି ନେତାଙ୍କ ଅଙ୍କକଷା ସେତେ ଘନୀଭୂତ ହେବାରେ ଲାଗିଛି। ଚଳିତ ମାସ ୨୩ ତାରିଖରେ ଗଣତି କାର୍ଯ୍ୟକ୍ରମ ରହିଥିବାବେଳେ ପୂର୍ବାନୁମାନ କେଉଁ ଦଳକୁ ସୁହାଇବ ତାହାର ଠିକ୍ ଆକଳନ କରାଯାଇପାରୁନି। ତେବେ ୨୦୧୪ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି ପାଇବ ବୋଲି ଚର୍ଚ୍ଚା ଚାଲିଛି। ମୋଟାମୋଟି ଦେଖିବାକୁ ଗଲେ ଏଥର ନିର୍ବାଚନ ବହୁ କଡ଼ା ଟକ୍କର ମଧ୍ୟରେ ହୋଇଥିବାରୁ ଠିକ୍ ନିର୍ଣ୍ଣାୟକ ନେଇ କୌଣସି ଦଳ ସମ୍ପୂର୍ଣ୍ଣ ଭାବେ ଆଶାବାଦୀ ହୋଇ ନ ପାରିବା ମୁଖ୍ୟ ବିଷୟ ସାଜିଛି।

■ ସରକାରଙ୍କ ଆଇନକୁ ଆଖିଠାର

# ଦିନ ୧୧ଟା ପରେ ବି ଚାଲିଛି ନିର୍ମାଣ କାର୍ଯ୍ୟ

**ଚମ୍ପୁଆ/ଯୋଡ଼ା, ୨୦।୫(ଡି.ଏନ୍.ଏ.)**


ଖରାରେ କାମ କରୁଥିବା ଶ୍ରମିକ।

ଦିନକୁ ଦିନ ତାପମାତ୍ରା ବଢ଼ି ୪୧ ଡିଗ୍ରୀ ଅତିକ୍ରମ କରିସାରିଲାଣି। ଗୁଳୁଗୁଳି ସାଙ୍ଗକୁ ଟାଣଖରା ଏବେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ପାରଦ ବୃଦ୍ଧି ଓ ଅଂଶୁଘାତ ସମ୍ଭାବନାକୁ ଏଡ଼ାଇବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମାତ୍ର ଚମ୍ପୁଆ ଉପଖଣ୍ଡରେ ଏହି ଆଇନ ଶ୍ରମ ବିଭାଗର ଫାଇଲ ତଳେ ପଡିରିଛି। ଏପରି କି ବଡ଼ ବଡ଼ କମ୍ପାନୀ ଓ ସରକାରୀ ଟେଣ୍ଡର କାର୍ଯ୍ୟ ମଧ ବିନା ଦ୍ୱିଧାରେ କରାଯାଉଛି। ମାତ୍ର ସରକାରୀ ଆଇନକୁ ଆଖିଠାର ମାରି ୪୧ ଡିଗ୍ରୀ ତାପମାତ୍ରାରେ ଶ୍ରମିକମାନେ ନିର୍ମାଣ କାମ କରୁଥିବା ଦେଖିବାକୁ ମିଳିଛି। ଏମାନଙ୍କ ପ୍ରତି ଶ୍ରମ ବିଭାଗର କୌଣସି ଅଙ୍କୁଶ ନାହିଁ। ଫଳରେ ଅର୍ଥ ପାଇଁ ଜୀବନକୁ ବାଜି ଲଗାଇ ସେମାନେ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି।

ସୂଚନା ଅନୁସାରେ, ଗାଁଠାରୁ ଆରମ୍ଭ କରି ସହରରେ ଦୈନିକ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲୁଛି। ଏଥିପାଇଁ ଶ୍ରମିକମାନେ ବଙ୍ଗୀୟ ଠିକାଦାରଙ୍କ ମାଧ୍ୟମରେ ଖରାକୁ ଖାତିର ନ କରି କାର୍ଯ୍ୟ କରୁଛନ୍ତି। ୨ ଓ ୩ ମହଲା ଛାତଘର ନିର୍ମାଣରେ ଏମାନେ କାମ କରୁଥିଲେ ମଧ କୌଣସି ସୁରକ୍ଷା ସରଞ୍ଜାମ ବ୍ୟବହାର କରୁନାହାନ୍ତି। ଅନ୍ୟପକ୍ଷେ ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ବଙ୍ଗୀୟ ଶ୍ରମିକଙ୍କ ଅପେକ୍ଷା କମ୍ ପାରିଶ୍ରମିକ ଦିଆଯାଉଛି। ସରକାରଙ୍କ ନିୟମ ଅନୁସାରେ ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ରହିଥିଲେ ମଧ ଶ୍ରମ ବିଭାଗ ପକ୍ଷରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଶ୍ରମିକମାନେ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏ ନେଇ ଚମ୍ପୁଆ ଗ୍ରାମ୍ୟ ଶ୍ରମ ନିରୀକ୍ଷକ ପୁଷ୍ପା ମିଞ୍ଜଙ୍କୁ ପଚରାଯିବାରୁ କୌଣସି ଅଭିଯୋଗ ଆମ ପାଖରେ ପହଞ୍ଚିନାହିଁ। ମାତ୍ର ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଇ ଶ୍ରମିକମାନଙ୍କୁ ନିୟୋଜିତ କରୁଥିବା ଠିକାଦାର ଓ ଗୃହ ମାଲିକଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କାର୍ଯ୍ୟରେ ଯୋଗଦେଉନାହାନ୍ତି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ

**କେନ୍ଦୁଝର, ୨୦।୫(ସ୍ୱ.ପ୍ର.)**

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ( ରୋଗ ନିୟନ୍ତ୍ରଣ) ଡାକ୍ତର ନୀଳମଣୀ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି । ଏନେଇ କେନ୍ଦୁଝର ସିଡିଏମଓ ଡାକ୍ତର ଚୌଧୁରୀ ସ୍ୱରୁପ ମିଶ୍ର ଚିଠି ନମ୍ବର ୪୭୮୪ ତା ୬-୫-୨୦୧୯ ରେ ଆଦେଶ କରିଥିଲେ ହେଁ ଅଦ୍ୟାବଧି ଦାୟିତ୍ୱ ରେ ଯୋଗଦେଇନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଡାକ୍ତର ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସିଡିଏମଓ ଏବେ ଦାୟିତ୍ୱରେ ଥିବା ଡାକ୍ତର ଦେବେନ ଦାଶ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି)ଙ୍କୁ ଆଦେଶ କରିଥିଲେ ହେଁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଅଭିଯୋଗ ହେଉଛି । ଦୀର୍ଘ ଦୁଇ ସପ୍ତାହ ବିତିଯାଇଥିଲେ ହେଁ ଦାୟିତ୍ୱ ହସ୍ତାନ୍ତର କରାଯାଉ ନ ଥିବାରୁ ସମସ୍ୟା ଉପୁଜିଛି । ଏନେଇ ସିଡିଏମଓ ସ୍ୱରୁପ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ସେଭଳି ସମସ୍ୟା ନାହିଁ। ଡାକ୍ତର ଛୁଟିରୁ ଫେରିବା ପରେ ଦାୟିତ୍ୱ ନେବେ ।

# ମଶାଘାଟିରେ ବୁଲୁଛି ହାତୀ

**ହାଟଡିହୀ, ୨୦।୫(ଡି.ଏନ୍.ଏ.)**


କେନ୍ଦୁଝର ଜିଲା ହାଟଡିହୀ ଅଞ୍ଚଳରେ ଚଳିତମାସର ୧୩ ଦିନରେ ୩ ଲୋକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ହାତୀଟି ଉତ୍ପାତ ହେବା ପଛରେ କ'ଣ କାରଣ ରହିଛି, ସେନେଇ ଅନୁଧ୍ୟାନ କରାଯାଉଥିବାବେଳେ ବନ କର୍ମଚାରୀମାନେ ହାତୀକୁ ଟ୍ରାକିଂ କରିବା ସହ ଘଉଡ଼ାଇବାରେ ଲାଗିଛନ୍ତି। ସୂଚନା ଅନୁଯାୟୀ, ହାତୀଟି ପ୍ରଥମେ ନିଓଦାନି ଅଞ୍ଚଳରୁ ଭଦ୍ରକ ଜିଲାର ପାଟକନା ଅଞ୍ଚଳକୁ ଯାଇଥିଲା। ପରେ ପାଟକନାରୁ ଫେରି ପଢିଆରିପଲି ଅଭିମୁଖେ ଗତି କରିଥିଲା। ଏବେ ହାତୀଟି ପଢିଆରିପଲିରୁ ଫେରି ମଶାଘାଟି ଅଞ୍ଚଳରେ ରହିଛି, ଯାହାକି ହଦଗଡ଼ ଅଭୟାରଣ୍ୟର ଅନ୍ତର୍ଭୁକ୍ତ। ହାତିଟୀ ଏକୁଟିଆ ଥିବାବେଳେ ଏହା ବାଲେଶ୍ୱର ଜିଲା କୁଲଡିହା ଅଭୟାରଣ୍ୟରୁ ପଳାଇ ଆସିଥିବା ଜଣାପଡିଛି। ବନ ବିଭାଗ ତରଫରୁ ସତର୍କ ଓ ସଚେତନ ହୋଇ ଚଳିବା ଏବଂ ହାତୀକୁ ଦେଖିଲେ ବନ ବିଭାଗକୁ ସୂଚନା ଦେବା ପାଇଁ ଆନନ୍ଦପୁର ଡିଏଫ୍‌ଓ ଅଜିତ୍ ଶତପଥୀ କହିଛନ୍ତି। ଆନନ୍ଦପୁର, ଦୈତାରୀ, ଦେଓଗାଁ, କାଠକଟା, ହଦଗଡ଼ ପ୍ରଭୃତି ଫରେଷ୍ଟ ଡିଭିଜନ୍ ହାତୀ ଡ୍ରାଇଭିଂ ଟିମ୍ ପାଟ୍ରୋଲିଂ ଚଳାଇଛନ୍ତି।

### ପ୍ରଶିକ୍ଷଣ କର୍ମଶାଳା




**ଆନନ୍ଦପୁର, ୨୦।୫(ସ୍ୱ.ପ୍ର.)**

ଆନନ୍ଦପୁର ଆଞ୍ଚଳିକ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଫକୀରପୁରରେ ଇଗ୍ନୋ ବିଇଡି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ କର୍ମଶାଳା ଆରମ୍ଭ ହୋଇଛି। ଫକୀରପୁର ବିଇଡି କଲେଜର ଅଧ୍ୟକ୍ଷ ଡ.ଶ୍ରୀକାନ୍ତ ପାଇକରାୟ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର କୁମ୍ଭାର, ଡ. କ୍ଷୀରୋଦ ଚନ୍ଦ୍ର ବେହେରା, କନିଷ୍ଠ ସହାୟକ ସରୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି କର୍ମଶାଳରେ ୫୦ ଜଣ ଗୁରୁ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ୧୮ରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ୧୨ ଦିନ ଧରି ଚାଲୁ ରହିବ।



ସୌ|ନ୍ଦ|ର୍ଯ୍ୟ

# ଆମ୍ବ ଦେବ ସୁନ୍ଦର ତ୍ୱଚା



**ଖରାଦିନ ଆରମ୍ଭ ହେଉ ହେଉ ଫଳ ରାଜା ଆମ୍ବ ଆସିଯାଏ। ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ଆପଣଙ୍କୁ ସୁନ୍ଦର ଏବଂ ସଫା ଦେଖାଯିବାରେ ସାହାଯ୍ୟକରେ। ତେବେ ଆସନ୍ତୁ, ଜାଣିବେ ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ସମ୍ପର୍କରେ ....**

### ଆମ୍ବ ଦହି ଫେସ୍‌ପ୍ୟାକ୍

ଯଦି ଆପଣଙ୍କ ତ୍ୱଚା ଅଏଲି ହୋଇଥାଏ ଏହି ଫେସ୍‌ପ୍ୟାକ୍ ଭଲ କାମ ଦେଇଥାଏ। ପିଗ୍‌ମେଣ୍ଟେସନ ଓ ଟ୍ୟାନିଂ ଦୂରକରିବାରେ ଏହା ସାହାଯ୍ୟ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବ ପଲ୍ପରେ ଦହି ଏକ ଚାମଚ ଓ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ମୋଟା ପରସ୍ତ ଲଗାନ୍ତୁ। ଏହାକୁ ମୁହଁରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଓ ପୁଣି ସଫା ପାଣିରେ ଭଲଭାବେ ଧୋଇଦିଅନ୍ତୁ।

### ଆମ୍ବ ପଲ୍ପ ଫେସ୍‌ପ୍ୟାକ୍

ଯଦି ଆପଣଙ୍କ ରଙ୍ଗ ଏତେ ସଫା ନୁହେଁ, ତେବେ ଆମ୍ବର ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଆମ୍ବରୁ ରସ କାଢ଼ି ଏହି ରସକୁ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ହାଲ୍‌କା ଭାବେ ମସାଜ୍ କରନ୍ତୁ। କିଛି ସମୟ ମସାଜ କରିବା ପରେ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ମୁହଁକୁ ଏମିତି ଛାଡ଼ି ଦିଅନ୍ତୁ। ପରେ ଥଣ୍ଡା ପାଣିରେ ମୁହଁକୁ ସଫା କରିଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚାରେ ଚମକ ଆସିବା ସହ ସଫା ଦେଖାଯିବେ। ଏହାର ଫଳାଫଳ ଭଲ ପାଇବାକୁ ହେଲେ ଦିନରେ ତିନିଥର କରନ୍ତୁ।

### ଆମ୍ବ ଓ ବେସନ ପ୍ୟାକ୍

ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବରସ ,ଦୁଇ ଚାମଚ ବେସନ ଓ ଅଧା ଚାମଚ ମହୁ, କିଛି ପେସା ହୋଇଥିବା ପେସ୍ତା ବାଦାମ । ଏକ ପାତ୍ରରେ ଆମ୍ବରସ ପକାନ୍ତୁ, ଏହାପରେ ବେସନରେ ପେସା ହୋଇଥିବା ବାଦାମ ଓ ମହୁ ପକାନ୍ତୁ। ଏବେ ଏହାକୁ ମିଶାଇ ଭଲଭାବେ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ଲଗାଇ ୧୦–୧୨ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ।

**ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

# ସହଯୋଗ







ସେଦିନ ସୁନୀତା ମନ ମାରି ବସିଥାଏ। ଗତ କିଛିଦିନ ହେବ ଠିକ୍ ସମୟରେ ଅଫିସ୍ ଯାଇପାରୁନି। ସକାଳୁ ସକାଳୁ ସ୍ୱାମୀ ତାଙ୍କ କାମରେ ବାହାରି ଯାଉଛନ୍ତି। କାମ କିପରି ହେବ ତାକୁ ନେଇ ସେ ଟେନ୍‌ସନରେ ପଡ଼ିଯାଇଛି। ଏହି ସମୟରେ କଲିଂ ବେଲ୍ ବାଜିଉଠିଲା। କବାଟ ଖୋଲି ଦେଖିଲା ବେଳକୁ ପିଲାଦିନ ସାଙ୍ଗ ରୂପା। ସୁନୀତାଙ୍କ ଉଦାସ ମୁହଁ ଦେଖି ରୂପା ପଚାରିଲେ, ‘‘ଆରେ, ତୁ ଆଜି କାହିଁକି ଏମିତି ଚୁପ୍‌ଚାପ୍ ଲାଗୁଛୁ? ବୋଧହୁଏ ତୁ ଟେନ୍‌ସନରେ ଅଛୁ।’’ ତା’ପରେ ସୁନୀତା ସବୁ କଥା ଏକା ନିଃଶ୍ୱାସରେ କହିଗଲା। ସବୁ କଥା ଶୁଣିବା ପରେ ରୂପା କହିଲା, ‘‘ଆରେ, ଯଦି ତୁ ଟିକେ ବୁଦ୍ଧି ଖଟାଇବୁ ତେବେ ସବୁ କାମ ଠିକ୍ ଭାବରେ ହୋଇପାରିବ। ମୁଁ ଯାହା କହୁଛି ମନ ଦେଇ ଶୁଣ। ତା’ପରେ ଚିନ୍ତା କରିବୁ ମୋ କଥା ପଛରେ କେତେ ସତ ରହିଛି।’’ ରୂପାଙ୍କଠାରୁ ସବୁ ଶୁଣିବା ପରେ ସୁନୀତା ମୁହଁରେ ହସ ଫୁଟିଉଠିଲା। ଠିକ୍ ସେହିପରି ଘରକାମକୁ ନେଇ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମୁଣ୍ଡ ଖଟାଇ କଲେ ତାହା ବେଶ୍ ହାଲ୍‌କା ଲାଗିଥାଏ। ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ସମୟ :** ଆଜିକାଲି ଅଧିକାଂଶ ସ୍ୱାମୀ–ସ୍ତ୍ରୀ କର୍ମଜୀବୀ। ଦିନତମାମ ଅଫିସ କାମ ଆଉ ସନ୍ଧ୍ୟାରେ ଘରକୁ ଫେରିବା ପରେ ଘର କଥା ବୁଝିବାକୁ ପଡ଼େ। ତେଣୁ ଏହି ସମୟରେ ସ୍ୱାମୀ–ସ୍ତ୍ରୀଙ୍କ ଭିତରେ ସମନ୍ୱୟ ରହିଲେ ଘରର କାମ ସୁରୁଖୁରୁରେ ହୋଇପାରିବ। ହେଲେ ଉଭୟେ ସମୟର ମୂଲ୍ୟ ବୁଝିବା ଦରକାର। ଯଦି ଜଣେ କିଛି ସମୟ ବିଶ୍ରାମନେବାକୁ ଚାହୁଁଛନ୍ତି ତେବେ ସେ ନେଇ ଚିନ୍ତିତ ନ ହୋଇ ନିଜେ କିଛି କାମ କରିପାରିବେ। କର୍ମଜୀବୀ ହୋଇଥିଲେ ପ୍ରାୟ ଉଭୟଙ୍କୁ ସକାଳୁ ଅଫିସ ଯିବାକୁ ପଡ଼ିଥାଏ। ତେଣୁ ଉଭୟ ସ୍ୱାମୀ–ସ୍ତ୍ରୀ ଘରକାମକୁ ବାଣ୍ଟିକୁଣ୍ଟି କରିପାରିଲେ କ୍ଷତି କ’ଣ ? ହେଲେ ଏହି ସମୟରେ ସେମାନଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

**ଟେନ୍‌ସନ :** କର୍ମଜୀବୀ ହେଲେ ଅନେକ କଥାକୁ ନେଇ ଟେନ୍‌ସନରେ ରହିବା ସ୍ୱାଭାବିକ। ହେଲେ ଥଣ୍ଡା ମିଜାଜରେ କାମକଲେ ସବୁ କିଛି ଠିକ୍ ସମୟରେ ଶେଷ ହୋଇଥାଏ। ଯଦି ସ୍ୱାମୀଙ୍କର ଶୀଘ୍ର ଅଫିସ ଯିବାର ଅଛି ତେବେ ତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପ୍ରତିଦିନ କ’ଣ କରିବେ ତାହାର ଏକ ରୋଟିନ ପ୍ରସ୍ତୁତ କରନ୍ତୁ। ତେବେ ସବୁ କାମ ଠିକ୍ ସମୟରେ ଶେଷହେବ। ନ ହେଲେ କାମକୁ ନେଇ ଟେନ୍‌ସନ ଆଉ ତା’ପରେ ସବୁ କାମ ଅଡୁଆ ତଡୁଆ ହେବା ସମ୍ଭାବନା ରହିଛି।

**ଯୌଥ ପରିବାର :** ଯଦି ଆପଣଙ୍କର ବଡ଼ ପରିବାର, ତେବେ ଘର କାମ ନିଜେ କରିବା ସହ ଅନ୍ୟମାନଙ୍କର ସହଯୋଗ ନିଅନ୍ତୁ। ‘ସବୁ କାମ ମୋତେ ହିଁ ଏକୁଟିଆ କରିବାକୁ ପଡିବ’ ଏପରି ଭାବିବା ଠିକ୍ ନୁହେଁ। ପରିବାର ସଦସ୍ୟମାନେ ମଧ୍ୟ କିଛି କାମ କରିପାରିବେ ଯାହା ଦ୍ୱାରା ଆପଣଙ୍କର ବୋଝ ହାଲ୍‌କା ହେବ। କାମକୁ ନେଇ ସ୍ୱାମୀ–ସ୍ତ୍ରୀ ଭିତରେ ମାନ ଅଭିମାନ ରହିଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା ରହିଛି। ତେଣୁ ପରିସ୍ଥିତିକୁ ଉଭୟ ଭଲ ଭାବରେ ହୃଦୟଙ୍ଗମକରି କାମକଲେ ସେଗୁଡ଼ିକ ସୁରୁଖୁରୁରେ ଶେଷ ହୋଇଥାଏ।

### ଏମାନେ କ’ଣ କରନ୍ତି ?



ସୁଜାତା



ଶ୍ରଦ୍ଧାଞ୍ଜଳି

*–ଶ୍ରଦ୍ଧାଞ୍ଜଳି ଦଳାଇ, ନହରଣା, ଜଗତ୍‌ସିଂହପୁର*

ମୋ ସ୍ୱାମୀ ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗ କରନ୍ତି। ସବୁ ଜିନିଷ ମୁଁ ଭୁଲିଯାଏ, କିନ୍ତୁ ଠିକ୍ ସମୟରେ ସବୁ ଜିନିଷ ସେ ମନେପକାଇ କରନ୍ତି। ମୁଁ ଯଦି କିଛି ମାର୍କେଟିଂ କରିବାକୁ ଯାଉଛି ମୁଁ ଭୁଲିଯାଏ କ’ଣ ନେବାର ଅଛି। ସେ କିନ୍ତୁ ମନେପକାଇ ଘର ପାଇଁ କ’ଣ ଦରକାର ଆଣିଥାନ୍ତି।

*–ସୁଜାତା ମହାନ୍ତି, କର୍ମଜୀବୀ, ସିଡିଏ, କଟକ*

ମୋ ସ୍ୱାମୀ ଶତପ୍ରତିଶତ କାମରେ ଯଦି ସାହାଯ୍ୟ କରିପାରନ୍ତିନି ମୁଁ କହିବି ସେ କିନ୍ତୁ ପ୍ରାୟ ସତୁରି ପ୍ରତିଶତ କରିଥାନ୍ତି। ଆମର ଛୁଆ ଯେହେତୁ ଛୋଟ, ତା’ କପଡ଼ା ଆଦି ଧୋଇବା, ତା’ର ଦେଖାଶୁଣା କରିବାରେ ସେ ମଧ୍ୟ ସାହାଯ୍ୟ କରିଥାନ୍ତି। ମୁଁ ଯେହେତୁ ଜଣେ କର୍ମଜୀବୀ, କୌଣସି କାମରେ ବ୍ୟସ୍ତ ଅଛି ମୁଁ କିଛି କହିବା ଆଗରୁ ସେ କାମ କରି ଦେଇଥାନ୍ତି। ଘରର ଛୋଟମୋଟ କାମରେ ସାହାଯ୍ୟ ଯଦି ସ୍ୱାମୀଙ୍କର ରହିବ ତେବେ କିଛି କାମ ହାଲ୍‌କା ଲାଗିବ।

# ଗୃହିଣୀଙ୍କ ପାଇଁ



- ବିରିୟାନୀ କିମ୍ବା ପଲାଉ କରିବା ସମୟରେ ପିଆଜ ଜଲ୍‌ଦି ଫ୍ରାଏ ହେବା ଲାଗି ସେଥିରେ ଅଳ୍ପ ପରିମାଣରେ ଚିନି ପକାନ୍ତୁ, ଦେଖିବେ ପିଆଜ ଶୀଘ୍ର ଫ୍ରାଏ ହେବା ସହ କ୍ରିସ୍ପି ହୋଇଥାଏ।
- ବଙ୍କାଟଙ୍କା ଅଦାକୁ ଛୁରି ସାହାଯ୍ୟରେ ଚୋପା ଛଡ଼ାଇବା ଲାଗି ସମୟ ଲାଗିଥାଏ,ଏଥିଲାଗି ଚାମଚ ବ୍ୟବହାରକଲେ ଚୋପା ଜଲ୍‌ଦି ଛାଡ଼ିଥାଏ।
- ପିଆଜ ରସୁଣ ପେଷ୍ଟକୁ ଯଦି ଫ୍ରିଜ୍‌ରେ ରଖୁଥାନ୍ତି ତେବେ ଏଥିରେ ତେଲ ମିଶାଇ ରଖନ୍ତୁ, ଏହା କିଛିଦିନ ପର୍ଯ୍ୟନ୍ତ ଭଲ ରହିବ।
- ବାଇଗଣ ପୋଡ଼ିବା ସମୟରେ ଯଦି ତା’ ଉପରେ ଟିକେ ତେଲ ଲଗାଇଦେବେ ଏହାର ଚୋପା ଶୀଘ୍ର ଛାଡ଼ିଯିବ।
- ଆଳୁ ମିଠା ଥିଲେ ଏହାକୁ କିଛି ସମୟ ଲୁଣପାଣିରେ ଭିଜାଇ ରଖନ୍ତୁ। ପୁଣି ଏହାକୁ ରୋଷେଇ ଲାଗି ବ୍ୟବହାର କରିପାରିବେ। ସେଓର କଳାପଣ ଦୂର କରିବାକୁ ହେଲେ ଲୁଣ ବ୍ୟବହାର କରନ୍ତୁ।
- ଖରାଦିନେ ଡାଲି,ଚାଉଳ ଏବଂ ଡ୍ରାଏ ଫୁଡ୍‌ସରେ ପୋକ ଲାଗିବାର ଦେଖାଯାଏ। ଏହା ଦୂରକରିବାକୁ ହେଲେ ନିମ୍ବପତ୍ରକୁ ଶୁଖାଇ ଡବା ଭିତରେ ରଖି ଦିଅନ୍ତୁ, ଏହା ଭଲ ରହିବ।
- କୋବିରୁ ପୋକ ବାହାର କରିବାକୁ ହେଲେ ରାତିରେ ଏହାକୁ ବଡ଼ ବଡ଼ ଆକାରରେ ଭାଙ୍ଗି ଲୁଣପାଣିରେ ଭିଜାଇ ରଖିଦେବେ। ସକାଳେ ଦେଖିବେ ଏଥିରେ ଥିବା ପୋକ ପଳାଇଯିବା ସହ ଫ୍ରେଶ୍ ଦେଖାଯାଇଥାଏ।

ଫ୍ୟା|ଶ|ନ

# ବାହାଘର ପାର୍ଟି ଓ ବିବାହ ଲାଗି ଡିଜାଇନ ଚୁଡ଼ି

**ମହିଳାଙ୍କ ଚୁଡ଼ିର ଖନ୍‌ଖନ୍ ଶବ୍ଦ କାହାର ବା ଧ୍ୟାନ ଆକର୍ଷଣ ନ କରେ! ଖାଲି ସେତିକି ନୁହେଁ, ଏହା ମହିଳାଙ୍କ ଷୋଳ ଶିଙ୍ଗାର ସହ ସମାନ। ଯଦି କୌଣସି ଫଙ୍କ୍‌ଶନ ଯିବାର ଥାଏ,ନିଜର ଲୁକ୍ସକୁ ନେଇ ଚିନ୍ତିତ ରହୁଛନ୍ତି,ତେବେ ଏଠାରେ ଆପଣଙ୍କୁ ବିବାହ ଓ ଫଙ୍କ୍‌ଶନ ଲାଗି ଡିଜାଇନ ଚୁଡ଼ି ସମ୍ପର୍କରେ ସୂଚନା ଦେଉଛୁ....**





- ସୁନାଚୁଡ଼ି ଓ ଚୁଡ୍ ସମସ୍ତଙ୍କୁ ପିନ୍ଧିବାକୁ ଭଲ ଲାଗେ। ସୁନା ପିନ୍ଧିବା ଦ୍ୱାରା ନିଜ ଷ୍ଟାଟସ୍ ମେଣ୍ଟେନ କରିବା ସହ ନିଜକୁ ମଧ୍ୟ ଆଲର୍ଜିରୁ ରକ୍ଷା କରିଥାନ୍ତି।
- ଯଦି ବିବାହରେ ରାଜସ୍ଥାନୀ ଟ୍ରାଡିସନାଲ ଲୁକ୍ ପାଇବାକୁ ଚାହୁଁଥାନ୍ତି, ତେବେ ଏମିତିରେ ଶାଢ଼ି କିମ୍ବା ଡ୍ରେସ୍‌ରେ ମ୍ୟାଚିଂ କରି ଲାଖ ଚୁଡ଼ି ସହ ଲାଖ ଚୁଡ୍ ମ୍ୟାଚ୍ କରି ପିନ୍ଧିପାରିବେ।
- ଲାଖ ଚୁଡି ବଦଳରେ ମୋତି କାମ ହୋଇଥିବା ଚୁଡ଼ି ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ବାହାଘରରେ ଡ୍ରେସ୍ ସହ କିଛି ଅଲଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତେବେ ସୂତାରେ ପ୍ରସ୍ତୁତ ଚୁଡି (ଥ୍ରେଡ୍ ବ୍ୟାଙ୍ଗଲ୍ସ) ପିନ୍ଧିଲେ ଷ୍ଟାଇଲିଶ ଲାଗିବେ।
- କାଚ ଚୁଡ଼ି ମହିଳାଙ୍କୁ ସବୁବେଳେ ପସନ୍ଦ। ଏମିତିରେ ଆପଣ କାଚଚୁଡ଼ିକୁ, ମେଟାଲ, ଗୋଲ୍ଡ, ଲାଖ ଚୁଡି ସହିତ ପରଫେକ୍ଟ ମ୍ୟାଚ୍ କରିପାରିବେ।

# ଘରକୁ ଥଣ୍ଡା ରଖିବାକୁ ହେଲେ

**ଖରାଦିନେ ଗରମ ବଢ଼ିବା ସହ ତାପମାତ୍ରା ବଢ଼ିଚାଲିଛି। ଏମିତିରେ ଘରେ ରହିବା କଷ୍ଟକର ହୋଇପଡୁଛି। ପ୍ରାୟ ଲୋକ ଏଥିଲାଗି ଘରେ ଏସି ଲଗାଉଛନ୍ତି; ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ଘରେ କିଛି ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତୁ ଯାହାର ଭଲ ଉପାୟ ହେଲା ବୃକ୍ଷ ଲଗାଇବା। ଏହାଦ୍ୱାରା ଗରମରୁ ମୁକ୍ତି ମିଳିପାରିବ। ତେବେ ଜାଣନ୍ତୁ ଏ ସମ୍ପର୍କରେ...**

### ସ୍ନେକ୍‌ପ୍ଲାଣ୍ଟ

ଏହା ଏକ ପ୍ରକାର ଗଛ। ଅନ୍ୟ ଗଛ ଭଳି ସ୍ନେକ୍ ପ୍ଲାଣ୍ଟ ରାତିରେ ଅକ୍ସିଜେନ୍ ଛାଡ଼ିଥାଏ ଓ ତାପମାନକୁ କମାଇଥାଏ। କେବଳ ଏହା ନୁହେଁ, ଏହି ଗଛ ନାଇଟ୍ରୋଜେନ୍ ଅକ୍‌ସାଇଡ୍,ଟ୍ରାଇକ୍ଲୋର ଏଥିଲିନ୍,ଟୋଲ୍ୟୁନି ଆଦି ଗ୍ୟାସ୍‌କୁ ଶୋଷିଥାଏ ବାୟୁକୁ ଶୁଦ୍ଧ କରିଥାଏ।

### ଫିଂଚୁସ ଟ୍ରି

ଏହା ବିପିଂ ଫିଗ୍ ନାମରେ ଜଣାଶୁଣା। ଏହା ରୁମ୍‌ର ବାୟୁକୁ ସଫା କରିଥାଏ। ଗରମକୁ ଶୋଷିନେଇଥାଏ। ଏହାର ଦେଖାଶୁଣା କରିବା ବହୁତ ସହଜ ହୋଇଥାଏ। ଏହା କମ୍ ଆଲୋକ ଏବଂ କମ୍ ପାଣିରେ ମଧ୍ୟ ବଞ୍ଚିପାରେ।









### ବେବି ରବର ପ୍ଲାଣ୍ଟ

ଯେତେବେଳେ ଏହି ପ୍ଲାଣ୍ଟର କଥା ଆସେ ଯାହା ରୁମ୍‌କୁ ଥଣ୍ଡା ରଖେ ଓ ବାୟକୁ ପ୍ରଦୂଷଣ ମୁକ୍ତ କରିଥାଏ। ଏଥିରେ ପ୍ରତିଦିନ ପାଣି ଦେବା ଆବଶ୍ୟକ ହୁଏ ନାହିଁ। ଏହାକୁ ଭଲ ମାଟି ଓ ଫିଲ୍ଟର୍ଡ ଲାଇଟର ଆବଶ୍ୟକ ହୋଇଥାଏ।

### ଫର୍ନ

ବୈଜ୍ଞାନିକଙ୍କ ମତରେ ଫର୍ନ ବାୟୁମଣ୍ଡଳକୁ ଓଦାଳିଆ ରଖିବାରେ ସାହାଯ୍ୟକରେ। ରୁମ୍‌ର ବାୟୁକୁ ସଫା ରଖିବା ସହ ଗରମ୍‌କୁ କମ୍ କରିଥାଏ। ଏହାକୁ ଆପଣ ନିଜ ବାଲ୍‌କୋନୀରେ ରଖନ୍ତୁ। ଏହା ବହୁତ ଭଲ ଦେଖାଯାଇଥାଏ।

### ଗୋଲ୍‌ଡେନ ପୋଥାସ

ଆପଣ ଏହାକୁ ସିଲ୍‌ଭର କିମ୍ବା ଡେଭିଲ୍ସ ଏବି କୁହାଯାଏ। ଏହାର ଘଞ୍ଚ ପତ୍ର ଆପଣଙ୍କ ରୁମ୍‌ର ଶୋଭା ବଢ଼ାଇଥାଏ। ଏହା ବାୟୁମଣ୍ଡଳର ଦୂଷିତ ବାୟୁକୁ ଶୁଦ୍ଧ କରିଥାଏ। ଘରକୁ ଥଣ୍ଡା ରଖିଥାଏ।



ଖା|ଦ୍ୟ|ରୁ|ଚି

# ମସାଲା କୋଲ୍ଡ୍ରିଙ୍କ୍‌ସ



**ଆବଶ୍ୟକ ସାମଗ୍ରୀ –** କୋକ୍ ୨ ଗ୍ଲାସ୍, ଚାହାଗୁଣ୍ଡ ୧ ଚାମଚ, ଚାଟ୍ ମସଲା ୧ ଚାମଚ, ଅଳ୍ପ ପରିମାଣରେ ପୋଦିନା, ଲେମ୍ବୁ ୨ ଖଣ୍ଡ, ଭଜା ହୋଇଥିବା ଜିରା ୧ ଚତୁର୍ଥାଂଶ, ଲେମ୍ବୁରସ ଅଧା ଚାମଚ, ଏକ ପାତ୍ର ଆଇସ୍ କ୍ୟୁବ୍, ସ୍ୱାଦ ଅନୁସାରେ ବିଟ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ –** ମସଲା କୋଲ୍ଡ୍ରିଙ୍କ୍‌ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପୋଦିନାପତ୍ରକୁ ଅଧା ଗ୍ରାଇଣ୍ଡିଂ କରନ୍ତୁ। ଲେମ୍ବୁ ଖଣ୍ଡକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ ଏକ ପାତ୍ରରେ ଦୁଇ ଗ୍ଲାସ୍ ପାଣି ଗରମ କରନ୍ତୁ। ପାଣି ଗରମ ହୋଇଗଲେ ଗ୍ୟାସ୍ ବନ୍ଦକରି ଏଥିରେ ଚାହାଗୁଣ୍ଡ ପକାନ୍ତୁ। ୧୫ ମିନିଟ୍ ପରେ ଚା’ଗୁଣ୍ଡକୁ ଛାଣି ଦିଅନ୍ତୁ। ଏବେ ସେଥିରେ ଲେମ୍ବୁରସ, ଚାଟ୍ ମସଲା, ଜିରା ପାଉଡର, ଅଳ୍ପ ପୋଦିନା, ଆଇସ୍ କ୍ୟୁବ୍ ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଏବେ ଏହାକୁ ଗ୍ରାଇଣ୍ଡରରେ ହାଲ୍‌କା ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏବେ ଦୁଇଟି ଗ୍ଲାସ୍ ନିଅନ୍ତୁ। ଗୋଟିଏ ଗ୍ଲାସ୍‌ରେ ଲେମ୍ବୁ ଖଣ୍ଡ, କିଛି ପୋଦିନାପତ୍ର ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା’ପାଣିକୁ ପକାନ୍ତୁ। ଏବେ ଏଥିରେ ସ୍ୱାଦ ଅନୁସାରେ କୋକ୍ ମିଶାନ୍ତୁ। ଏଥିରେ ଲେମ୍ବୁ ଖଣ୍ଡ, ପୋଦିନାପତ୍ର, ଆଇସ୍ କ୍ୟୁବ୍ ପକାଇ ପରଷନ୍ତୁ।

“ଦେଶରେ କାର୍ ବଜାର ଆହ୍ୱାନ ବଢ଼ିବାରେ ଲାଗିଛି। କମ୍ପାନୀକୁ ଲାଭଜନକ କରିବା ଲାଗି ଗ୍ରହଣ କରାଯାଇଥିବା ଯୋଜନା ସଫଳ ହୋଇଛି।

–ପି.ବି.ବାଲାଜି, ଗ୍ରୁପ୍ ସିଏଫ୍ଓ, ଟାଟା ମୋଟର୍ସ



“ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବା ଏଲ୍ଆଣ୍ଡଟିର ମୁଖ୍ୟ ଏଜେଣ୍ଡା ରହିଛି। କମ୍ପାନୀ ଏ ଦିଗରେ ଆଗେଇ ଚାଲିଛି।

–ଏ.ଏମ୍.ନାଏକ,ଗ୍ରୁପ୍ ଅଧ୍ୟକ୍ଷ, ଏଲ୍ଆଣ୍ଡଟି



## ସଂକ୍ଷେପରେ

### ପବନ ହଂସକୁ ବିକ୍ରି ଲାଗି ପୁଣି ଉଦ୍ୟମ




ନୂଆଦିଲ୍ଲୀ,୨୦-୫: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ପବନ ହଂସକୁ ବିକ୍ରି କରିଦେବା ଲାଗି ପୁନର୍ବାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷରେ ନୂଆକରି ବିଡିଂ ପ୍ରକ୍ରିୟା ଆରମ୍ଭ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏଥିଲାଗି ନୂଆ ସରକାର ଦସ୍ତାବିଜ ଜାରି କରାଯିବ। ଏହି ହେଲିକପ୍ଟର କମ୍ପାନୀ ଉପରେ ୫୦୦ କୋଟି ଟଙ୍କାର ଋଣ ଥିବାରୁ କ୍ଷତିପୂରଣ ପ୍ରଦାନକୁ ଏଥର ବିଡିଂ ପ୍ରକ୍ରିୟାରେ ସାମିଲ କରାଯିବ। ଏଥିପୂର୍ବରୁ ପବନ ହଂସକୁ ବିକ୍ରି କରିଦେବା ଲାଗି ସରକାରଙ୍କ ଉଦ୍ୟମ ଫସର ଫାଟି ଥିଲା। ନିବେଶକଙ୍କ ସହିତ ଆଲୋଚନା ପରେ ବିଡିଂ ପ୍ରକ୍ରିୟାରେ ସଂଶୋଧନ କରିବା ଲାଗି ସରକାର ବିଚାର କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତ ମାସ ଶେଷରେ ସଦ୍ୟତମ ପ୍ରାରମ୍ଭିକ ସୂଚନା ଜ୍ଞାପନ(ପିଆଇଏମ୍) ଜାରି କରାଯିବ। ପବନ ହଂସରେ ସରକାରଙ୍କ ୫୧% ଏବଂ ଓଏନ୍‌ଜିସି ନିକଟରେ ଅବଶିଷ୍ଟ ୪୯ ପ୍ରତିଶତ ଅଂଶଧନ ରହିଛି। ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି ଲାଗି ନିଷ୍ପତ୍ତି ହୋଇଛି। କମ୍ପାନୀ ନିକଟରେ ୪୬ ହେଲିକପ୍ଟର ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦେଲେ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି।

### ଇନ୍‌ଫୋସିସ୍ ସିଇଓଙ୍କୁ ମିଳିଛି ୨୪.୬୭ କୋଟିର ପ୍ୟାକେଜ




ବେଙ୍ଗାଲୁରୁ,୨୦-୫: ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖଙ୍କୁ ଆର୍ଥିକ ବର୍ଷ ୨୦୧୮-୧୯ରେ ୨୪.୬୭ କୋଟି ଟଙ୍କାର ଦରମା ପ୍ୟାକେଜ ମିଳିଥିଲା। କମ୍ପାନୀ ନିଜର ବାର୍ଷିକ ରିପୋର୍ଟରେ ଏ ସମ୍ପର୍କରେ ସୂଚନା ଦେଇଛି। ପାରେଖ ଜାନୁୟାରୀ ୨୦୧୮ରେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କୁ ନିଶ୍ଚିତ ବେତନ ଭାବେ ୬.୦୭ କୋଟି ଟଙ୍କା ମିଳିଥିବା ବେଳେ ବୋନସ, ପ୍ରୋତ୍ସାହନ ଏବଂ ଭେରିଏବଲ୍ସ ପେ ବାବଦରେ ୧୦.୯୬କୋଟି ଟଙ୍କା ମିଳିଛି। ଇନ୍‌ଫୋସିସ୍ ନିଜର ସିଇଓଙ୍କୁ ୭.୬୪ କୋଟି ଟଙ୍କା ଅନ୍ୟାନ୍ୟ ସୁବିଧା ରୂପରେ ଦେଇଛି। ଅନ୍ୟପକ୍ଷରେ ଦେଶର ଏକ ନମ୍ବର ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସିଇଓ ରାଜେଶ ଗୋପୀନାଥନ ଗତ ଆର୍ଥିକ ବର୍ଷରେ ୧୬ କୋଟି ଟଙ୍କାର ପ୍ୟାକେଜ ପାଇଥିଲେ। କମ୍ପାନୀ ରିପୋର୍ଟରେ ଏହା କୁହାଯାଇଛି। ଗୋପୀନାଥନଙ୍କ ବେତନରେ ପୂର୍ବାପେକ୍ଷା ୨୮ ପ୍ରତିଶତ ବୃଦ୍ଧି ହୋଇଛି।

### ଭାରତୀୟ ସଡ଼କରେ ଦୌଡ଼ିପାରେ ଟେସ୍‌ଲା କାର୍



ନୂଆଦିଲ୍ଲୀ,୨୦-୫: ଭାରତରେ ଟେସ୍‌ଲା କାର୍ ଲଞ୍ଚକୁ ନେଇ ଦ୍ୱିଧାରେ ଥିବା ସିଇଓ ଏଲନ ମସ୍କଙ୍କ ମୁଣ୍ଡବ୍ୟଥା ହ୍ରାସ କରିଛି ଭାରତୀୟ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ। ଭାରତୀୟ ସଡ଼କରେ ଟେସ୍‌ଲାର ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ନେଇ ଲେଲ୍ୟାଣ୍ଡ ପକ୍ଷରୁ ପାର୍ଟନରଶିପ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଭେଙ୍କଟେଶ ନଟରାଜନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ସଡ଼କରେ ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ହେଲେ ଏକାଧିକ କମ୍ପାନୀଙ୍କ ସହାୟତା ଆବଶ୍ୟକ ହେବ। ଯେ କୌଣସି କମ୍ପାନୀର ନୂଆ ଟେକ୍ନୋଲୋଜିକୁ ଅଶୋକ ଲେଲ୍ୟାଣ୍ଡ ଆପଣାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀ ଅଧିକ ଅର୍ଥ ରୋଜଗାର କରିବାକୁ ଚାହୁଁଛି ବୋଲି ସେ ପ୍ରକାଶ କରିଛନ୍ତି।

■ଟିପ୍ପଣୀ ଦେବାରୁ ଦୂରେଇ ରହିଛନ୍ତି ପ୍ରମୁଖ ଶିଳ୍ପ ସଂଘ

# ଏକ୍‌ଜିଟ୍ ପୋଲ୍‌କୁ ନେଇ ଉଦ୍ୟୋଗ ଜଗତ ଚୁପ୍

ନୂଆଦିଲ୍ଲୀ,୨୦-୫




ଭାରତୀୟ ଉଦ୍ୟୋଗ ଜଗତ ସୋମବାର ଏକ୍‌ଜିଟ୍ ପୋଲ୍‌କୁ ନେଇ ଚୁପ୍ ରହିଛି। କେହି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ରବିବାର ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ସରିବା ପରେ ବିଭିନ୍ନ ଟିଭି ଚ୍ୟାନେଲ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଜାରି କରାଯାଇଥିଲା। ତଦନୁଯାୟୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଏଥିରେ ଦର୍ଶାଯାଇଛି। ତେବେ ନିର୍ବାଚନ ଫଳାଫଳ ଆସନ୍ତା ୨୩ରେ ପ୍ରକାଶ ପାଇବ। ଏ ସମ୍ପର୍କରେ ପ୍ରମୁଖ ଉଦ୍ୟୋଗ ଜଗତ ପ୍ରତିନିଧି ଫିକି, ଭାରତୀୟ ଉଦ୍ୟୋଗ ମହାସଂଘ(ସିଆଇଆଇ) ତଥା ଆସୋଚାମ୍ କୌଣସି ଟିପ୍ପଣୀ ଦେବାରୁ ଦୂରେଇ ରହିଛି। ଗୋଟିଏ ଉଦାହରଣରୁ ଏହା ସହଜରେ ବୁଝି ହେବ। ଚଳିତ ସପ୍ତାହରେ କ'ଣ କରିବାକୁ ହେବ ବୋଲି ମହିନ୍ଦ୍ରା ଗ୍ରୁପ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସଚ୍ଚିଦାନନ୍ଦ ଶୁକ୍ଳା ଟୁଇଟ୍ ଜରିଆରେ ପ୍ରଶ୍ନ ପଚାରିବାରୁ ଏହାର ଉତ୍ତରରେ ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଚଳିତ ସପ୍ତାହରେ ଆମର ଏକମାତ୍ର ଗୋଟିଏ ଦିଗ ପ୍ରତି ନଜର ରହିଛି ବୋଲି ଉତ୍ତର ଦେଇଥିଲେ। ତାଙ୍କର ସ୍ପଷ୍ଟ ସଙ୍କେତ ମେ ୨୩ର ନିର୍ବାଚନ ଫଳାଫଳ ଆଡକୁ ଦର୍ଶାଉଛି। ଉଦ୍ୟୋଗ ଜଗତର ଅନ୍ୟତମ ପ୍ରତିନିଧି ପିଏଚ୍‌ଡିସିଆଇ ଅଧ୍ୟକ୍ଷ ରାଜୀବ ତଲୱାର କହିଛନ୍ତି ଯେ, ଭାରତରେ ସମସ୍ତଙ୍କୁ ଜନତା ଜନାର୍ଦ୍ଦନଙ୍କ ଇଚ୍ଛାକୁ ସମ୍ମାନ ଦେବା ଉଚିତ। ଯଦି ମତଦାତାଙ୍କୁ ଲାଗୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ନିର୍ବାଚିତ କରିବା ଆବଶ୍ୟକ, ତେବେ ଅନ୍ୟ କୌଣସି ବିଚାର ସହ ତୁଳନା କରିବା ଅନୁଚିତ ହେବ। ଯେତେବେଳେ ଦେଶର ମତଦାତା ଚାହିଁଛନ୍ତି, ସେମାନେ ସରକାର ବଦଳାଇ ଦେଇଛନ୍ତି। ଏଭଳି ସ୍ଥିତିରେ ମୋଦିଙ୍କୁ ଦ୍ୱିତୀୟଥର ଲାଗି ନିର୍ବାଚିତ କରାଗଲେ ଏହା ଦେଶର ଅର୍ଥନୀତି ପ୍ରତି ଭଲ ହେବ। ଅନ୍ୟପକ୍ଷରେ ଆର୍‌ପିଜି ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ହର୍ଷ ଗୋଏଙ୍କା କହିଛନ୍ତି ଯେ, ଏହା ନିଶ୍ଚିତ ଯେ, ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାମର ପ୍ରଥମ ଅକ୍ଷର 'ଏନ୍'ରୁ ଆରମ୍ଭ ହେବ। ବ୍ରୋକରେଜ କମ୍ପାନୀ ଏଡଲଭାଇସ ସିକ୍ୟୁରିଟିଜ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଡିଏ ସରକାରଙ୍କୁ ସ୍ପଷ୍ଟ ବହୁମତ ମିଳିଲେ ବଜାରରେ ଉତ୍ସାହ ବୃଦ୍ଧି ପାଇବ ଏବଂ ନୀତିଗତ ନିଷ୍ପତ୍ତିରେ ଧାରାବାହିକତା ବଜାୟ ରହିବ। ଅପରପକ୍ଷରେ କୋଟାକ୍ ଇନ୍‌ଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ନିର୍ବାଚନ ଫଳାଫଳ ବଜାରର ଆଶା ଅନୁରୂପ ଆସିଲେ ୨୩ ପରେ କିଛି ସମୟ ପାଇଁ ସେନ୍‌ସେକ୍ସରେ ବୃଦ୍ଧି ଦେଖିପାରିବା।

## ଗାଡ଼ିର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବଢ଼ିବ

ନୂଆଦିଲ୍ଲୀ,୨୦-୫



ବୀମା ନିୟାମକ ଆଇଆର୍‌ଡିଏଆଇ ଚଳିତ ଆର୍ଥିକ ବର୍ଷରେ କାର୍,ଦୁଇ ଚକିଆ ଏବଂ ବାଣିଜ୍ୟିକ ଯାନର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି କରିବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧୦୦୦ ସିସିରୁ କମ୍ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମକୁ ୧୮୫୦ ଟଙ୍କାରୁ ୨୧୨୦ ଟଙ୍କାକୁ ବୃଦ୍ଧି କରିବାକୁ ଯାଉଛି। ସେହିପରି ୧୦୦୦ସିସିରୁ ଊର୍ଦ୍ଧ୍ୱ ଏବଂ ୧୫୦୦ ସିସିରୁ ମଧ୍ୟରେ କାର୍ ପାଇଁ ପ୍ରିମିୟମ ୨୮୬୩ ଟଙ୍କାରୁ ୩୩୦୦ ଟଙ୍କାକୁ ବୃଦ୍ଧି ପାଇବ। ତେବେ ୧୫୦୦ ସିସିର ଲକ୍ସୁରୀ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମରେ କୌଣସି ପରିବର୍ତ୍ତନ କରା ନ ଯାଇ ବର୍ତ୍ତମାନର ୭୮୯୦ ଟଙ୍କାରେ ସ୍ଥିର ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ଏପ୍ରିଲ ପହିଲାରୁ ଥାର୍ଡ ପାର୍ଟି ବୀମା ପ୍ରିମିୟମ ସମ୍ପର୍କରେ ଆଇଆର୍‌ଡିଏଆଇ ନିଷ୍ପତ୍ତି ନେଇଥାଏ। ତେବେ ଚଳିତବର୍ଷର ପୁରୁଣା ହାରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରଖିବାକୁ କୁହାଯାଇଛି। ବର୍ତ୍ତମାନ ବୀମା ନିୟାମକ ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି ନେଇ ଏକ ଚିଠାପ୍ରସ୍ତାବ ଜାରି କରିଛି। ଚଳିତ ମାସ ୨୯ତାରିଖ ସୁଦ୍ଧା ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିବାକୁ ସମ୍ପୃକ୍ତ ପକ୍ଷଙ୍କୁ କୁହାଯାଇଛି। ଚିଠା ପ୍ରସ୍ତାବ ଅନୁଯାୟୀ, ୭୫ସିସିର ଦୁଇଚକିଆ ଗାଡ଼ି ପାଇଁ ବୀମା ପ୍ରିମିୟମକୁ ୪୨୭ ଟଙ୍କାରୁ ୪୮୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୭୫ସିସିରୁ ୩୫୦ସିସି ମଧ୍ୟରେ ଥିବା ଗାଡ଼ି ପାଇଁ ମଧ୍ୟ ପ୍ରିମିୟମ ବଢ଼ାଯିବାର ପ୍ରସ୍ତାବ ଦିଆଯାଇଛି। କିନ୍ତୁ ୩୫୦ସିସିରୁ ଅଧିକ ସୁପରବାଇକ ପାଇଁ ପ୍ରିମିୟମ ଯଥାସ୍ଥିତି ରଖାଯାଇଛି। ଅପରପକ୍ଷରେ ଘରୋଇ ଇଲେକ୍ଟ୍ରିକ କାର୍ ଓ ଦୁଇ ଚକିଆ ଯାନ ପାଇଁ ପ୍ରିମିୟମକୁ ୧୫% ହ୍ରାସ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଅନୁରୂପ ଭାବେ ଇ-ରିକ୍ସାର ପ୍ରିମିୟମ ଅପରିବର୍ତ୍ତିତ ରଖାଯାଇଥିବା ବେଳେ ସ୍କୁଲ ବସ୍ ପାଇଁ ଏହା ବୃଦ୍ଧି କରାଯିବାର ପ୍ରସ୍ତାବ ଦିଆଯାଇଛି। ସେହିପରି ଟ୍ୟାକ୍ସି, ବସ୍ ଓ ଟ୍ରକ୍, ଟ୍ରାକ୍ଟର ପାଇଁ ଥାର୍ଡ ପାର୍ଟି ପ୍ରିମିୟମ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି।

## ସୁନା ଆମଦାନୀ ୫୪% ବୃଦ୍ଧି

ନୂଆଦିଲ୍ଲୀ,୨୦-୫

ଦେଶର ସୁନା ଆମଦାନୀ ଏପ୍ରିଲରେ ୫୪ ପ୍ରତିଶତ ବୃଦ୍ଧି ପାଇ ୩.୯୭ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଫଳରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରୁ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନେଇ ଚିନ୍ତା ବଢ଼ିଯାଇଛି। ଗତବର୍ଷ ଏପ୍ରିଲରେ ସୁନା ଆମଦାନୀ ୨.୫୮ ବିଲିୟନ ଡଲାର ରହିଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁନା ଆମଦାନୀ ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ଏପ୍ରିଲରେ ୫ ମାସର ସର୍ବୋଚ୍ଚ ସ୍ତର ୧୫.୩୩ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଗତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨.୫%ରେ ପହଞ୍ଚିଯାଇଛି, ଯାହାକି ବର୍ଷକ ପୂର୍ବରୁ ସମାନ ଅବଧିରେ ୨.୧% ରହିଥିଲା। ସୂଚନାଯୋଗ୍ୟ ଯେ, ଫେବୃୟାରୀରେ ସୁନା ଆମଦାନୀ ହ୍ରାସ ପାଇଥିଲା। ଏହାପରେ ଏହା ଦୁଇ ଅଙ୍କ ହାରରେ ବୃଦ୍ଧି ପାଇବା ଆରମ୍ଭ ହୋଇଛି। ମାର୍ଚ୍ଚରେ ଏହା ୩୧ ପ୍ରତିଶତ ବୃଦ୍ଧି ପାଇ ୩.୨୭ ବିଲିୟନ ଡଲାର ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ସୁନା ଆମଦାନୀରେ ଭାରତ ସର୍ବାଗ୍ରେ ରହିଛି। ଏହାରି ମାଧ୍ୟମରେ ଘରୋଇ ଗହଣା ଉଦ୍ୟୋଗର ଚାହିଦା ମେଣ୍ଟାଯାଇଥାଏ। ବାର୍ଷିକ ଆଧାରରେ ଭାରତ ୮୦୦ରୁ ୯୦୦ ଟନ ସୁନା ଆମଦାନୀ କରିଥାଏ। ଆର୍ଥିକ ବର୍ଷ ୨୦୧୮-୧୯ରେ ସୁନା ଆମଦାନୀ ୩ ପ୍ରତିଶତ ହ୍ରାସ ପାଇ ୩୨.୮ ବିଲିୟନ ଡଲାର ହୋଇଥିଲା।

## ସିଣ୍ଡିକେଟ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ


ଭୁବନେଶ୍ୱର,୨୦-୫



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ର-୨ର ନୂତନ ପ୍ରବନ୍ଧକ ଭାବେ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସିଣ୍ଡିକେଟ ବ୍ୟାଙ୍କରୁ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ରାଞ୍ଚିଠାରେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଲକ୍ଷ୍ନୌଠାରେ ମୁଖ୍ୟ ପ୍ରବନ୍ଧକ ଭାବେ ସେ କାର୍ଯ୍ୟ କରିଛନ୍ତି। ୨୦୧୮ରେ ସେ ଉପମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିଲେ। ଭୁବନେଶ୍ୱର କ୍ଷେତ୍ର-୨କୁ ଏକ ପ୍ରମୁଖ କ୍ଷେତ୍ର କରାଇବା ସହ କାସା,ରିଟେଲ, ଏଗ୍ରି, ଏମ୍‌ଏସ୍‌ଏମ୍‌ଇ ଏବଂ ରିକଭରି ଉପରେ ଧ୍ୟାନ କେନ୍ଦ୍ରୀତ କରିବା ତାଙ୍କର ଲକ୍ଷ୍ୟ ରହିଛି। ଏହି ଅବସରରେ ଉପକ୍ଷେତ୍ରୀୟ ପ୍ରବନ୍ଧକ କମଳାକାନ୍ତ ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

# ଏମ୍‌ଏସ୍‌ପି ହଟାଅ, କମ୍ପାନୀ ଟିକସ କମାଅ

ନୂଆଦିଲ୍ଲୀ,୨୦-୫



ନୂଆ ସରକାରଙ୍କୁ ଅର୍ଥନୀତିଜ୍ଞଙ୍କ ପରାମର୍ଶ

ଆସନ୍ତା ୨୩ ତାରିଖ ପରେ ଦେଶରେ ନୂଆ ସରକାର ଗଠନ ହେବାକୁ ଯାଉଛି। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ନୂଆ ସରକାରଙ୍କ ନିକଟରେ ଏକାଧିକ ଆହ୍ୱାନ ରହିଛି। ତେବେ ବିଶିଷ୍ଟ ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ନୂଆ ସରକାରଙ୍କ ପାଇଁ କେତେକ ପରାମର୍ଶ ଦେଇଛନ୍ତି। କୃଷକଙ୍କ ପାଇଁ ଘୋଷଣା କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ହଟାଇବା ସହିତ କମ୍ପାନୀ ଟିକସରେ ୫% ହ୍ରାସ କରିବା ତଥା ଆୟ ସମର୍ଥନ ଯୋଜନାର ପରିଧି ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭଲ୍ଲା କହିଛନ୍ତି ଯେ, ନୂଆ ସରକାର ଆସନ୍ତା ୩ ବର୍ଷ ପାଇଁ ଏମ୍‌ଏସ୍‌ପିକୁ ପ୍ରତ୍ୟାହାର କରିନେବା ଉଚିତ୍। କୃଷି କ୍ଷେତ୍ରରେ ହସ୍ତକ୍ଷେପ ଶୂନ୍ୟ ହେବା ଆବଶ୍ୟକ। ସେ କହିଛନ୍ତି ଯେ, ଦେଶରେ ପୁଞ୍ଜି ଲଗାଣ ଏବଂ କମ୍ପାନୀ ଟିକସ ବହୁ ଅଧିକ। ଗତ ୫/୬ ବର୍ଷ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁଲ୍ ବାଟରେ ଯାଉଛି। ବାସ୍ତବିକ ସୁଧ ହାର ୩.୫% ହୋଇ ପାରିବ ନାହିଁ। ଦେଶର ଜିଡିପି ବୃଦ୍ଧି ହାର ବାର୍ଷିକ ୮ରୁ ୮.୫% ରହିବା ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ପୂର୍ବତନ ସଦସ୍ୟ ରହିଥିବା ଭଲ୍ଲା କହିଛନ୍ତି ଯେ, ମଧ୍ୟମ ଆୟ ଜାଲରେ ଭାରତ ଫଶିବାର ସମ୍ଭାବନା ନାହିଁ। ମଧ୍ୟମ ଆୟବର୍ଗ ଜାଲ ଧାରଣାକୁ ଭୁଲ ଭାବେ ଗ୍ରହଣ କରାଯାଇଛି ଏବଂ ଭାରତୀୟମାନେ ଏଦିଗରେ ଆଗେଇନାହାନ୍ତି। ସୂଚନାଥାଉ କି, ପରିଷଦର ସଦସ୍ୟ ରଥିନ ରାୟ କହିଥିଲେ ଯେ, ଭାରତୀୟ ଅର୍ଥନୀତି ଢାଞ୍ଚାଗତ ନରମପଣ ଆପଣାଉଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଉପରେ ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଚାଇନା ଦୀର୍ଘଦିନ ହେବ ବିଶ୍ୱ ଅର୍ଥନୀତିରୁ ବହୁ ଲାଭ ଉଠାଇଛି। ବର୍ତ୍ତମାନ ଏହା ପୂର୍ବରୁ ହାସଲ କରିଥିବା ଲାଭର ମୂଲ୍ୟ ଦେଉଛି। ଗୋବଧକୁ ମୁସ୍‌ଲିମ ବିରୋଧୀ ଦର୍ଶାଇ ସେ କହିଛନ୍ତି ଯେ, ଦେଶର ନୀତିରେ ପରିବର୍ତ୍ତନ ଲୋଡା। କାରଣ ଏହାଦ୍ୱାରା ଭାରତର ଅର୍ଥନୀତି ପ୍ରଭାବିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନର ଆକଳନ କରି ସେ କହିଛନ୍ତି ଯେ, ଗତ ୪/୫ ବର୍ଷ ମଧ୍ୟରେ ଯେ କୌଣସି ଦେଶ ତୁଳନାରେ ଏନଡିଏ ସରକାର ଏକୀକୃତ ସମାବେଶୀ ଭାବେ କାର୍ଯ୍ୟ କରିଛି। ସେ କହିଛନ୍ତି ଯେ, ମୋଦିଙ୍କୁ ଜଣେ ଦୂରଦର୍ଶୀ ନେତା ଭାବେ ଦେଖିବାକୁ ହେବ। ସିଙ୍ଗାପୁରର ଲି କୁଆନ ୟେବ୍‌ଙ୍କ ଶ୍ରେଣୀରେ ତାଙ୍କୁ ରଖାଯାଇପାରେ। ତାଙ୍କ ନିକଟରେ ଦୃଷ୍ଟିକୋଣ ଏବଂ ମିଶନ ରହିଛି। ସଂଖ୍ୟାଗରିଷ୍ଠତା ହାସଲ କରିବା ଏକ ମିଶନ କୁହାଯାଇପାରେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ବାତ୍ୟା ବିପନ୍ନଙ୍କୁ ଗେଲ୍‌ର ୫ କୋଟି



ଫନୀରେ ପ୍ରଭାବିତ ଲୋକଙ୍କ ଲାଗି ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗେଲ୍ ଇଣ୍ଡିଆର ନିର୍ମାଣ ଜେନେରାଲ ମ୍ୟାନେଜର ଜେଭିଜି ଶ୍ରୀନିବାସ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ବାତ୍ୟା ପରେ କମ୍ପାନୀ ଜେନେରେଟର ସୁବିଧା ଏବଂ ସିଏନ୍‌ଜି ଯୋଗାଣକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। କମ୍ପାନୀ ବର୍ତ୍ତମାନ ନିଜର ସମ୍ପ୍ରସାରିତ ପ୍ରକଳ୍ପ ଜଗଦୀଶପୁର-ହଳଦିଆ ଏବଂ ବୋକାରୋ ଧାମରା ପ୍ରାକୃତିକ ଗ୍ୟାସ ପାଇପ ଲାଇନ ନିର୍ମାଣ କରୁଛି। ସେହିଭଳି ଭୁବନେଶ୍ୱର ଏବଂ କଟକରେ ଏହା ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ପରିଚାଳନା କରୁଛି।

### ରାଜ୍ୟ ସମବାୟ ବ୍ୟାଙ୍କର ବ୍ୟାଙ୍କ ଅନ୍ ହ୍ୱିଲ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାଙ୍କ ଅନ୍ ହ୍ୱିଲ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ ପ୍ରଭାବିତ ପୁରୀ ଜିଲାରେ ଏଭଳି ୧୩ ଗୋଟି ଭ୍ରାମ୍ୟମାଣ ଏଟିଏମ୍ ପରିଚାଳିତ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳ ଯଥା-ନିମାପଡା,ଗୋପ, କୋଣାର୍କ, ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ଏହି ଏଟିଏମ୍‌ଗୁଡିକ ସେବା ଯୋଗାଇ ଆସୁଛନ୍ତି। ଅସୁବିଧା ସମୟରେ ଏଭଳି ପଦକ୍ଷେପ ଦ୍ୱାରା ଲୋକଙ୍କୁ ସେବା ଯୋଗାଣ ସହ ନିକଟତର ହୋଇ ପାରିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ପ୍ରଭାବିତଙ୍କୁ ଜେଏସ୍‌ପିଏଲ୍‌ର ସହାୟତା




ଫନୀ ପ୍ରଭାବିତଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ) ନିଜର ଯୋଗଦାନ ରଖିଛି। କମ୍ପାନୀ ଏହାର ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମେ ୧୦ ତାରିଖରୁ ପ୍ରଭାବିତଙ୍କ ଲାଗି ରନ୍ଧାଖାଦ୍ୟ ଯୋଗାଇ ଦେଉଛି। କମ୍ପାନୀ ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲୁ ରଖିଥିବା ବେଳେ ପ୍ରତିଦିନ ୧୦ ହଜାର ମିଲ୍ ଯୋଗାଣ କରଯାଇଥିଲା ବୋଲି କହିଛି। ପୁରୀ ଜିଲା ପ୍ରଶାସନ ସହ ମିଳିତ ହୋଇ ପୁରୀଠାରେ ଏକ କେନ୍ଦ୍ରୀୟ ରୋଷେୟ ଘର ସ୍ଥାପନ କରି ଜିଲାର ବିଭିନ୍ନ ସ୍ଥାନକୁ ଏହା ଯୋଗାଣ କରିଥିବା ସୂଚନା ରହିଛି। ଫନୀ ଦ୍ୱାରା ଲୋକଙ୍କର ହୋଇଥିବା କ୍ଷତି ଅପୂରଣୀୟ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି। ଜେଏସ୍‌ପିଏଲର ଇଡିପି ପ୍ରଶାନ୍ତ ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନୁଗୋଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟରୁ ସରକାରୀ ଗୃହ ମରାମତି ନିମନ୍ତେ ସିମେଣ୍ଟ ଏବଂ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି।

## ପୁରୀ-ହବିବଗଞ୍ଜ-ପୁରୀ ଟ୍ରେନରେ ମିଳିତ ବଗି ସଂଯୋଗ




ଭୁବନେଶ୍ୱର,୨୦-୫

ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଣ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ପୁରୀ-ହବିବଗଞ୍ଜ-ପୁରୀ ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନରେ ମିଳିତ ବଗି ସ୍ଥାୟୀ ସଂଯୋଗ କରାଯାଇଛି। ଗୋଟିଏ ଏସି ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଏହି ବଗି ସଂଯୋଗ ହୋଇଛି। ଏହା ହବିବଗଞ୍ଜରୁ ଚଳିତ ମାସ ୨୧ରୁ ଏବଂ ୨୨ରୁ ପୁରୀଠାରୁ ଗୋଟିଏ ଏସି ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀର ମିଳିତ ବଗିର ସ୍ଥାୟୀ ସଂଯୋଗ ସହ ଚଳାଚଳ କରିବ। ନୂଆ ମିଳିତ ଏସି ବଗିର ସ୍ଥାୟୀ ସଂଯୋଗ ପରେ ଏହା ବାଦ ଟ୍ରେନରେ ଗୋଟିଏ ଏସି ଟାୟାର ୨, ଚାରିଟି ଏସି ୩ ଟାୟାର, ୧୧ଟି ସ୍ଲିପର କ୍ଲାସ, ୨ଟି ଦ୍ୱିତୀୟ ଶ୍ରେଣୀ, ଦୁଇଟି ଗାର୍ଡ ଏବଂ ଲଗେଜ ଭ୍ୟାନ ସହିତ ସମୁଦାୟ ୨୧ଟି କୋଚ ସହ ଚଳାଚଳ କରିବ।

### ୨ ଦିନ ବାତିଲ ରହିବ ପୁରୀ-କାମାକ୍ଷା ଏକ୍ସପ୍ରେସ

ସେହିଭଳି ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉତ୍ତର ସୀମାନ୍ତ ରେଳପଥ ଦ୍ୱାରା କାମାକ୍ଷାରୁ ପୁରୀ ଯାତ୍ରା କରୁଥିବା ୨ଟି ଟ୍ରେନ ପ୍ରତ୍ୟେକ ଗୋଟିଏ ଦିନ ଲାଗି ବାତିଲ ରହିବ। ପୁରୀଠାରୁ ଛାଡୁଥିବା ପୁରୀ-କାମାକ୍ଷା ଏକ୍ସପ୍ରେସ ଚଳିତ ମାସ ୨୧ ଏବଂ କାମାକ୍ଷାପଟୁ ୨୫ ତାରିଖରେ ବାତିଲ ରହିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।



“ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ବେଳେ ବିପକ୍ଷ ଦଳକୁ ବଡ଼ ସ୍କୋରରୁ ରୋକିବା ବୋଲରମାନଙ୍କ ଦାୟିତ୍ୱ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



“ଇଂଲଣ୍ଡଠାରୁ ୪–୦ରେ ଦିନିକିଆ କ୍ରିକେଟ ସିରିଜ ହାରିଥିଲେ ହେଁ ଏଥିରୁ ଆମକୁ ଅନେକ କିଛି ଶିକ୍ଷା ମିଳିଛି ।

–ମିକି ଆର୍ଥର, ପାକିସ୍ତାନ କ୍ରିକେଟ କୋଚ୍

## ସଂକ୍ଷେପରେ

### ଆଜି ମାଲେସିଆକୁ ଭେଟିବ ଭାରତ

**ନାନ୍କିଂ (ଚାଇନା), ୨୦।୫(ପି.ଟି.):** ସୁଦିରମାନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଦଳ ମଙ୍ଗଳବାର ମାଲେସିଆ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧ ଓ ୨୦୧୭ ସଂସ୍କରଣ ଫାଇନାଲରେ ପ୍ରବେଶ କରିଥିବା ଭାରତ ୨୦୦୯ ସେମିଫାଇନାଲିଷ୍ଟ ମାଲେସିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ୍ ୱିଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଆସିଥିବା ମାଲେସିଆ ଏହାର ପ୍ରଥମ ମ୍ୟାଚ୍‌ରେ ୦-୫ରେ ଚାଇନା ନିକଟରୁ ପରାସ୍ତ ହୋଇଥିଲା। ଯଦି ଭାରତ ବିପକ୍ଷ ମ୍ୟାଚ୍‌ରେ ମାଲେସିଆ ପରାଜୟବରଣ କରେ ତେବେ ପ୍ରତିଯୋଗିତାରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ। ସେହିଭଳି ଭାରତ ମାଲେସିଆ ପରେ ୨ୟ ମ୍ୟାଚ୍‌ରେ ବୁଧବାର ୧୦ଥର ଚାମ୍ପିୟନ ଶକ୍ତିଶାଳୀ ଚାଇନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଦାମ୍ବୀ ଶ୍ରୀକାନ୍ତ, ଶ୍ରୀକାନ୍ତ ବର୍ମାଙ୍କ ପରି ତାରକା ଖେଳାଳଙ୍କୁ ନେଇ ୧୩ ଜଣିଆ ଭାରତୀୟ ଦଳ ମଧ ବେଶ୍ ଶକ୍ତିଶାଳୀ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଆଶା କରାଯାଉଛି।

### ‘ଅଷ୍ଟ୍ରେଲିଆକୁ ଅନ୍ୟ ଦଳମାନେ ଭୟ କରିବେ’

**ଦୁବାଇ,୨୦।୫(ପିଟି):** ଅଷ୍ଟ୍ରେଲିଆ ଦଳ ଆଗାମୀ ବିଶ୍ୱକପ୍‌ରେ ଫେଭରାଇଟ୍ ନୁହେଁ। ହେଲେ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ଫେରିବାରୁ ଅଷ୍ଟ୍ରେଲିଆ ଦଳଠାରୁ ସମ୍ଭବତଃ ଅନ୍ୟ ଦଳମାନେ ଭୟ କରିବେ ବୋଲି ପୂର୍ବତନ ଅଧିନାୟକ ଷ୍ଟିଭ ୱ୍ କହିଛନ୍ତି। ବଲ ଟ୍ୟାମ୍ପରିଂ ଯୋଗୁ ଏକ ବର୍ଷ ବାସନ୍ଦାଦେଶରୁ ଫେରିବା ପରେ ୱାର୍ନର ଆଇପିଏଲରେ ୧୨ ମ୍ୟାଚ୍ ଖେଳି ୬୯୨ ରନ୍ କରିଥିଲେ। ତାଙ୍କ ଭଳି ସ୍ମିଥ ମଧ ଆଇପିଏଲର ଅନ୍ତିମ ଭାଗରେ ଫର୍ମକୁ ଫେରିବା ସହ ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଦଳ ଅଷ୍ଟ୍ରେଲିଆକୁ ଭୟ କରିବେ। କାରଣ ଟିମ୍ ଅଷ୍ଟ୍ରେଲିଆର ଦକ୍ଷତା ସମ୍ପର୍କରେ ସେମାନଙ୍କୁ ଜଣା। ଗତ ୧୨ ମାସ ହେଲା ଅଷ୍ଟ୍ରେଲିଆ କ୍ରିକେଟ ପ୍ରବଳ ବାଧାପ୍ରାପ୍ତ ହୋଇଛି। ହେଲେ ବିଶ୍ୱକପ୍‌ରେ ଆମ ଦେଶର ସ୍ମିଥ ଓ ୱାର୍ନରଙ୍କ ଭଳି ଶ୍ରେଷ୍ଠ ଖେଳାଳି ଖେଳୁଛନ୍ତି। ଏମାନେ ବିଶ୍ୱକପ୍‌ରେ ଯେ କୌଣସି ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି। ଏଣୁ ମୁଁ ଭାବୁଛି, ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ବହୁ ଆଗକୁ ଯିବ ବୋଲି ୱ୍ କହିଛନ୍ତି। କିନ୍ତୁ ୫୩ ବର୍ଷୀୟ ପୂର୍ବତନ କ୍ରିକେଟର ଫେଭରାଇଟ୍ ଦଳ ଭାବେ ଇଂଲଣ୍ଡକୁ ଚୟନ କରିଛନ୍ତି।

### ରିୟଲ ମାଡ୍ରିଡ୍ ସହ ରହିବେ କ୍ରୁଜ୍

**ମାଡ୍ରିଡ୍,୨୦।୫(ଏଏଫ୍‌ପି):** ଜର୍ମାନୀ ଅନ୍ତର୍ଜାତୀୟ ଫୁଟ୍‌ବଲ ଷ୍ଟାର ଟୋନି କ୍ରୁଜ୍ ରିୟଲ ମାଡ୍ରିଡ୍ କ୍ଲବ ସହ ହୋଇଥିବା ଚୁକ୍ତିର ସମୟସୀମାରେ ବୃଦ୍ଧି କରିଛନ୍ତି। ଫଳରେ ସେ ୨୦୨୩ ପର୍ଯ୍ୟନ୍ତ ସ୍ପାନିଶ କ୍ଲବ ପାଇଁ ଖେଳିବା ନେଇ ସ୍ପଷ୍ଟ ହୋଇଛି। ୨୯ ବର୍ଷୀୟ ମିଡ୍‌ଫିଲ୍ଡର ସ୍ପେନ୍‌ରେ ଗତ ୫ ବର୍ଷରେ ୧୨ ଟାଇଟଲ ଜିତିସାରିଛନ୍ତି। ଏଥିରେ ୨୦୧୬, ୨୦୧୭ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫି ରହିଛି। ରିୟଲ ମାଡ୍ରିଡ୍ ଦଳ ପକ୍ଷରୁ ୨୩୩ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ସେ ୧୩ ଗୋଲ କରିଛନ୍ତି। ଏଥିପୂର୍ବରୁ ସେ ମ୍ୟୁନିକ୍ ପାଇଁ ଖେଳୁଥିଲେ। ୨୦୧୪ରେ ଜର୍ମାନୀକୁ ବିଶ୍ୱକପ୍ ଜିତାଇବା ପରେ ସେ ମାଡ୍ରିଡ୍ ସହ ଚୁକ୍ତି କରିଥିଲେ।

# ସାଇନା, ଦେବୀ ଚାମ୍ପିୟନ

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି)/ ବାଲେଶ୍ୱର ଅଫିସ, ୨୦।୫**



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ ବାଲେଶ୍ୱର ଲ’ କଲେଜରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସାଇନା ସାଲୋନିକା ଓ ଦେବୀ ପ୍ରସାଦ ନାୟକ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ ମହିଳା ଫିଡେ ମାଷ୍ଟର ସାଇନା (୨୧୨୩ ରେଟିଂ) ବାଳିକା

**ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍**

ବିଭାଗରେ ୬ ରାଉଣ୍ଡରୁ ୬ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ବୟସବର୍ଗ ଚାମ୍ପିୟନଶିପ୍ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ସାରିଥିବା ସାଇନା ଏଥର ୧୭ ବର୍ଷରୁ କମ୍‌ରେ ଅପରାଜେୟ ରହିବା ସହ ବିଜୟ ମୁକୁଟ ପିନ୍ଧିଛନ୍ତି। କଟକର ଅଙ୍କିତା ସାହୁ (୫ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଲକ ମହାପାତ୍ର, ପ୍ରକୃତି ରାଉତ(ଉଭୟେ ୪ ପଏଣ୍ଟ ଲେଖାଏ), ସ୍ୱସ୍ତିକା ପରିଡ଼ା, ଅଦିତି ଉପାସନା ପଟ୍ଟନାୟକ, ଅଞ୍ଜଳି ମିଶ୍ର, ରୋଜାଲିନ ବେହେରା, ନିୟତି ନିହାରିକା ମହାପାତ୍ର ପ୍ରମୁଖ ୩ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧାର ଦେବୀ ପ୍ରସାଦ (୧୪୧୮ ରେଟିଂ) ଓପନ ବିଭାଗରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜର ଅନୁବ୍ରତ ପ୍ରିୟଦର୍ଶନ ସାହୁ ୬ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇ ସ୍ୱରୂପ ମିଶ୍ର(ଉଭୟେ ୫.୫ ପଏଣ୍ଟ), ଭବେଶ କୁମାର ବର୍ଦ୍ଧନ, ସଞ୍ଜୟ କୁମାର ରଥ, ସିଦ୍ଧେଶ କାମିଲା, ପୀୟୂଷ କୁମାର ସାହୁ, ରୁକ୍ମଣ କୁମାର ସାହୁ ଓ ତ୍ରିଦେବ ତୀର୍ଥଙ୍କର(ପ୍ରତ୍ୟେକ ୫ ପଏଣ୍ଟ ଲେଖାଏ) ଟପ୍–୧୦ ଫିନିଶ୍ କରିଛନ୍ତି। ମନୋରଞ୍ଜନ ପଣ୍ଡା ଟୁର୍ନାମେଣ୍ଟ ଡାଇରେକ୍ଟର ଥିବାବେଳେ ଭବେଶ ମହାନ୍ତି ମୁଖ୍ୟ ଆର୍ବିଟର ଓ ସନ୍ତୋଷ ମହାପାତ୍ର ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଚେସ୍ କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପପତି ହିଂମାଂଶୁ ଦାସ, ସମ୍ମାନନୀୟ ଅତିଥି ଭାବେ ମେରାଇନ୍ ଏକ୍ସପୋର୍ଟର ମୁଖ୍ୟ ଜ୍ଞାନରଞ୍ଜନ ଦାସ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଚେସ୍ ଆସୋସିଏଶନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଉପସଭାପତି ସନ୍ଦୀପ୍ତ ସାମନ୍ତରାୟ, ଜିଲା ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭ୍ୟ ଐଶ୍ୱର୍ଯ୍ୟ ସେନାପତି, ଚନ୍ଦନ ସିଂ, ବିଜୟ ତ୍ରିପାଠୀ, ପ୍ରବାଳକାନ୍ତ ମାଇତି ଓ ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଭାବିକ ଖେଳିବାକୁ ଡୁ ପ୍ଲେସିଙ୍କ ପରାମର୍ଶ

**ଦୁବାଇ, ୨୦।୫ (ପି.ଟି.)**



ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ସ୍ୱାଭାବିକ ଖେଳିବା ଲାଗି ଦଳର ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ ପ୍ଲେସି। ପୂର୍ବ ବିଫଳତାକୁ ଭୁଲିଯିବାକୁ ହେବ। ସୁପରମ୍ୟାନ ଭଳି ଚମତ୍କାରିତା ଦେଖାଇବା ଚେଷ୍ଟାରୁ ବିରତ ରହିବା ଉଚିତ୍ ବୋଲି ସେ କହିଛନ୍ତି। ଡୁପ୍ଲେସି ତାଙ୍କର ତୃତୀୟ ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଏପର୍ଯ୍ୟନ୍ତ ଥରେ ହେଲେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରିନାହିଁ। ଦଳ ଚାରିଥର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ଡୁ ପ୍ଲେସି କହିଛନ୍ତି, ପୂର୍ବ ବିଶ୍ୱକପ୍‌ଗୁଡ଼ିକରେ ଆମ୍ଭେମାନେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରି ସୁପରମ୍ୟାନ ଭଳି କରି ଦେଖାଇବାକୁ ଚାହିଁଥିଲୁ, ଯାହାର ପରିଣାମ ଆମକୁ ଭୋଗିବାକୁ ପଡ଼ିଥିଲା। କିନ୍ତୁ ଏଥର ଆମକୁ ଭିନ୍ନ ନୀତି ଆପଣେଇବାକୁ ପଡ଼ିବ। ଦଳର ଆବଶ୍ୟକତାକୁ ନେଇ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମୋ ନିକଟରେ ଥିବା ଅଭିଜ୍ଞତା ଖେଳାଳିମାନଙ୍କ ଉପରୁ ଚାପ ହଟାଇବା କ୍ଷେତ୍ରରେ ସହାୟକ ହେବ ବୋଲି ୩୪ ବର୍ଷୀୟ ଡୁ ପ୍ଲେସି କହିଛନ୍ତି। ସୂଚନାଯୋଗ୍ୟ, ଡୁ ପ୍ଲେସିଙ୍କ ସମେତ ଦକ୍ଷିଣ ଆଫ୍ରିକା ଦଳର ୭ ଜଣ ଖେଳାଳି ୨୦୧୫ ବିଶ୍ୱକପ୍ ଖେଳିଛନ୍ତି। ଏହି ସଂସ୍କରଣରେ ଦକ୍ଷିଣ ଆଫ୍ରିକା ରନର୍ସଅପ୍ ହୋଇଥିବା ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିଲା। ଲଣ୍ଡନର କେନିଙ୍ଗଟନ ଓଭାଲଠାରେ ମେ ୩୦ତାରିଖରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଆୟୋଜକ ଇଂଲଣ୍ଡ ସହ ମୁକାବିଲା କରିବ।

# ନାଡାଲଙ୍କୁ ଟାଇଟଲ



**ରୋମ୍, ୨୦।୫:** ରାଫାଲ ନାଡାଲ ଇଟାଲିଆନ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ନାଡାଲ ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬–୦, ୪–୬, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଏବଂ ଏହି ଇଭେଣ୍ଟରେ ମୋଟ ଉପରେ ତାଙ୍କର ୯ମ ଟାଇଟଲ। ୨୦୧୪ ଫ୍ରେଞ୍ଚ ଓପନ ପରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲଙ୍କର ଏହା ହେଉଛି ପ୍ରଥମ କ୍ଲେକୋର୍ଟ ଫାଇନାଲ ବିଜୟ। ଦୁଇ ଖେଳାଳି ଏପର୍ଯ୍ୟନ୍ତ ପରସ୍ପରକୁ ୫୨ ଥର ଭେଟିଥିବାବେଳେ ବିଜୟ ପରାଜୟରେ ଜୋକୋଭିଚ୍ ବର୍ତ୍ତମାନ ୨୮–୨୬ରେ ଆଗୁଆ ରହିଛନ୍ତି।





ପୁରୀସ୍ଥିତ ୱାଟର ପାର୍କରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ସନ୍ତରଣ ଶିବିରରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୩ରୁ ୨୬ ପର୍ଯ୍ୟନ୍ତ ଗୋଆର ପଞ୍ଜିମ୍‌ଠାରେ ୪ର୍ଥ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୧୮ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଖେଳାଳି ଚୟନ ପାଇଁ ଗତ ୧୧ ଓ ୧୨ ତାରିଖରେ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ୬୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନ ଭିତ୍ତିରେ ମନୋନୀତ ଦଳ ୨୧ ତାରିଖରେ ଗୋଆ ଯାତ୍ରା କରିବ। ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଛନ୍ତି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର। ମନୋନୀତ ଖେଳାଳିମାନଙ୍କୁ ଆସୋସିଏଶନ ସଭାପତି ଅଭିଳାଷ ସାହୁ, ମୁଖ୍ୟ ଉପଦେଷ୍ଟା ବାରିଜ ରଞ୍ଜନ ମହାନ୍ତି, ଉପସଭାପତି ଦେବବ୍ରତ ସାହୁ, ରାଜେନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରାଗିନି ମିତ୍ର, ଅମରେନ୍ଦ୍ର ଦାସ, ବିକ୍ରମ ପାତ୍ର, ସୋଭେନ ମହାରଣା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ସୁଶୀଲ କୁମାର ବାରିକ, ପ୍ରମୋଦ କୁମାର ନାୟକ, ରତିକାନ୍ତ ମହାନ୍ତ, ବିମଲ କୁମାର ମହାପାତ୍ର, ସନ୍ତୋଷ ଜେନା, ସୁଦୀପ କୁମାର ଡାଲି, ସହଦେବ ଦାସ, ବବ୍‌ଲୁ ବେହେରା, ସମୀର ବାରିକ, ଅଜୟ ମହାନନ୍ଦମ୍, ଏମ. ରାଜା, ପ୍ରବୀଣ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଦୀପକ କୁମାର ମଲିକ, ଗଣେଶ କୁମାର ସେଠୀ। ମ୍ୟାନେଜର: ବାସୁଦେବ ଓଝା, କୋଚ୍: ମହମ୍ମଦ ଆଜାମ।

# ମଣିପୁର ପୋଲିସ–ସେଥୁ ଏଫ୍‌ସି ଫାଇନାଲ

**ଲୁଧିଆନା, ୨୦।୫ (ପି.ଟି.)**

**ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍**

ହିରୋ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍‌ର ଫାଇନାଲ ମଣିପୁର ପୋଲିସ ଏବଂ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏକ ସେମିଫାଇନାଲରେ ମଣିପୁର ପୋଲିସ ୪–୨ ଗୋଲରେ ଗୋକୁଳମ କେରଳ ଏଫ୍‌ସିକୁ ପରାସ୍ତ କରିଥିବାବେଳେ ଅନ୍ୟଟିରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷରେ ସେଥୁ ଏଫ୍‌ସି ୮–୧ ଗୋଲରେ ସହଜ ବିଜୟ ହାସଲ କରିଛି। ଗୋକୁଳମ କେରଳ ଏଫ୍‌ସି ବିପକ୍ଷରେ ପ୍ରଥମେ ୨–୧ ଗୋଲରେ ପଛୁଆ ଥିବା ମଣିପୁର ପୋଲିସ ଦଳ ଷ୍ଟାର ଖେଳାଳି ବାଲାଦେବୀଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବାଲାଦେବୀ ଦଳ ପକ୍ଷରୁ ସମସ୍ତ ୪ଟି ଯାକ ଗୋଲ ସ୍କୋର କରିଥିଲେ। ୬ଟି ମ୍ୟାଚରେ ତାଙ୍କର ଗୋଲ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସି ତରଫରୁ ସବିତା ଭଣ୍ଡାରୀ ବ୍ୟକ୍ତିଗତ ଚାରୋଟି ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ ଖେଳି ତାଙ୍କ ଗୋଲ ସଂଖ୍ୟା ୧୩କୁ ବୃଦ୍ଧି କରିଛନ୍ତି। କିନ୍ତୁ ରାଇଟ୍ ୱିଙ୍ଗ୍‌ରେ ଖେଳୁଥିବା ଡାଙ୍ଗମେଇ ଗ୍ରେସ୍ ଚମତ୍କାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ସହ ଦୁଇଟି ଗୋଲ ସ୍କୋରରେ ସହାୟତା କରିଥିଲେ। ଏସ୍‌ଏସ୍‌ବି ମ୍ୟାଚ ଆରମ୍ଭରେ ଭଲ ଖେଳିଥିଲା। ବିପକ୍ଷ ଦଳର ପେନାଲ୍‌ଟି ଏରିଆରେ ବାରମ୍ବାର ପ୍ରବେଶ କରିଥିଲା। ପେନାଲ୍ଟି ସୁଯୋଗ ସୃଷ୍ଟିକରି ତାହାର ସଦୁପଯୋଗ କରିପାରି ନ ଥିଲା, ଯାହାକି ପରବର୍ତ୍ତୀ କାଳରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।






ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ପାଇଁ ଭୁବନେଶ୍ୱର ଦଳ ମନୋନୟନ ଶିବିରରେ ଭାଗ ନେଇଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ସବ୍‌ଜୁନିୟର କରାଟେ ପାଇଁ ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚଳିତମାସ ୨୬ରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସ୍କୁଲ ପରିସରରେ ଭୁବନେଶ୍ୱର ଦଳ ଚୟନ ହୋଇଯାଇଛି। ମନୋନୟନ ପ୍ରକ୍ରିୟାରେ ଭୁବନେଶ୍ୱରସ୍ଥିତ ସ୍ୱିକୃତିପ୍ରାପ୍ତ ବିଭିନ୍ନ କରାଟେ ସ୍କୁଲରୁ ପାଖାପାଖି ୧୨୦ କରାଟେକା ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର କରାଟେ ଆସୋସିଏଶନ ଦ୍ୱାରା ଆୟୋଜିତ ମନୋନୟନ ପ୍ରକ୍ରିୟାରେ ବିଭିନ୍ନ ବୟସବର୍ଗର କରାଟେକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ତରର ରେଫରି ରାଜୀବ କୁମାର ସିଂ, ଦୀପକ ସାମନ୍ତରାୟ, ସନ୍ଦୀପ ମହାନ୍ତି, ଖାରବେଳ ସ୍ୱାଇଁ, ଗୌରୀ ମହାନ୍ତି, ଦିଲୀପ ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ଅମୀୟ ସାହୁ, କୃଷ୍ଣଚନ୍ଦ୍ର ମହାରଣା, ରାଜେଶ ଦାସ, କ୍ରିଷ୍ଣା ଶିକାରୀ, ରଜନୀ ବିଶି, ସନ୍ଦୀପ ଦାସ, ସୁସ୍ମିନି ପାଲ୍‌ଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ପ୍ରିୟଦର୍ଶିନୀ ଘଟୁଆରୀ, ବାସୁଦେବ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

"ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଆମକୁ କେହି ଫେଭରାଇଟ୍ ମନେ ନ କରିବା ପରୋକ୍ଷରେ ଆଶୀର୍ବାଦ ଭଳି ।

–କେପଲର ୱେସେଲ୍ସ
ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ



"ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଦ୍ୱାରା ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତି ଅନ୍ୟ ଦଳଗୁଡ଼ିକର ଭୟ ରହିପାରେ ।

–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଝିଅର ମୃତ୍ୟୁ ପାଇଁ ସ୍ୱଦେଶ ଫେରିବେ ଅସିଫ୍

**ଲଣ୍ଡନ,୨୦।୫:** କର୍କଟ ରୋଗରେ ପୀଡ଼ିତ ପାକିସ୍ତାନ ବ୍ୟାଟ୍ସମ୍ୟାନ ଅସିଫ ଅଲିଙ୍କ ଦୁଇ ବର୍ଷୀୟା ଝିଅ ନୁର୍ ଫତିମା ସ୍ଥାନୀୟ ମେଡିକାଲରେ ପ୍ରାଣ ହରାଇଛନ୍ତି। ଅସିଫ ଖେଳୁଥିବା ଆଇଏସ୍ଏଲ୍ ଇସ୍‌ଲାମବାଦ୍ ୟୁନାଇଟେଡ୍ ଫ୍ରାଞ୍ଚାଇଜ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଏ ନେଇ ଟୁଇଟ୍ କରାଯାଇଥିଲା। ଅସିଫଙ୍କ ଝିଅର ଅକାଳ ବିୟୋଗରେ ଆଇଏସ୍ଏଲ୍ ପରିବାର ଦୁଃଖ ପ୍ରକାଶ କରୁଛି। ଅସିଫ ଓ ତାଙ୍କ ପରିବାର ଲାଗି ଆମେ ପ୍ରାର୍ଥନା କରୁଛୁ। ଧୈର୍ଯ୍ୟ ଓ ସାହସର ସେ ଜଣେ ଉଦାହରଣ ବୋଲି ଇସ୍‌ଲାମବାଦ ୟୁନାଇଟେଡ୍ ପକ୍ଷରୁ କୁହାଯାଇଛି। ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦିନିକିଆ ଶେଷ ହୋଇଯାଇଛି। ଏଣୁ ଆସିଫ ତୁରନ୍ତ ଫେରିବା ନେଇ ଆଶା କରାଯାଉଛି। ୨୭ ବର୍ଷୀୟ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୨୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନକୁ ୫୪ ରନ୍‌ରେ ହରାଇ ଇଂଲଣ୍ଡ ସିରିଜକୁ ୪-୦ ବ୍ୟବଧାନରେ ଜିତିନେଇଥିଲା। ଉକ୍ତ ସିରିଜର ସମସ୍ତ ମ୍ୟାଚ୍‌ରେ ଖେଳିଥିବା ଅସିଫ ଦୁଇଟି ଅର୍ଦ୍ଧଶତକ ଲଗାଇଥିଲେ। ଏପର୍ଯ୍ୟନ୍ତ ସେ ୧୬ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୧.୦୯ ଆଭରେଜରେ ୩୪୨ ରନ୍ କରିଛନ୍ତି। ସେ ପାକିସ୍ତାନ ବିଶ୍ୱକପ୍ ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି।

# ଭାରତର ବିଜୟ ଅଭିଯାନ

**ଜିନଚେଓନ,୨୦।୫**

ଭାରତୀୟ ମହିଳା ହକି ଦଳ ଆୟୋଜକ ଦକ୍ଷିଣ କୋରିଆକୁ ୨–୧ ଗୋଲରେ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ଲାଗି ଯୁବା ଷ୍ଟ୍ରାଇକର ଲାଲରେସିଆମି (୨୦ତମ ମିନିଟ୍) ଓ ନବନୀତ କୌର (୪୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ

**ଦକ୍ଷିଣ କୋରିଆ ବିପକ୍ଷ ମହିଳା ହକି ସିରିଜ**

ସହ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜରେ ୧–୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

ସ୍ପେନ୍ ଓ ମାଲେସିଆରେ ଭଲ ପ୍ରଦର୍ଶନ ପରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦକ୍ଷିଣ କୋରିଆ ବିପକ୍ଷରେ ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ହେଲେ ଏହା ବେକାର ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ୨୦ତମ ମିନିଟରେ ଲାଲରେସିଆମିଙ୍କ ଫିଲ୍ଡ ଗୋଲ ଜରିଆରେ ଭାରତ ଖାତା ଖୋଲିଥିଲା। ଭ୍ରମଣକାରୀ ଦଳର ଅଗ୍ରଣୀ ବ୍ୟବଧାନକୁ ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ନବନୀତ ବଢ଼ାଇଥିଲେ। ପୂରା ମ୍ୟାଚ୍‌ରେ ଆୟୋଜକ ଦଳ ୫ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ କେବଳ ଥରେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ଶିନ ହିଜୋଙ୍ଗ (୪୮ତମ) ଏହି ଗୋଲ ଦେଇଥିଲେ। ଅଭିଜ୍ଞ ଗୋଲକିପର ସବିତାଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ସ୍ୱତନ୍ତ୍ର ବୋଲିଂ ଶୈଳୀ ଯୋଗୁ ବୁମ୍‌ରା ଭିନ୍ନ : ଥମ୍ପସନ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ଦ୍ରୁତ ବୋଲିଂ ମାଧ୍ୟମରେ ନିଜ ସମୟରେ ବିଶ୍ୱର ବ୍ୟାଟ୍ସମ୍ୟାନମାନଙ୍କୁ ଭୟଭୀତ କରାଇ ପାରିଥିବା ଇଂଲଣ୍ଡର ଜେଫ୍ ଥମ୍ପସନ ଏବେ ଭାରତର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଦର୍ଶନରେ ବେଶ୍ ପ୍ରଭାବିତ। ନିଜ ପେସ୍ ମାଧ୍ୟମରେ ବିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାର ଦକ୍ଷତା ବୁମ୍‌ରାଙ୍କ ନିକଟରେ ଅଛି ବୋଲି ସେ ଅନୁଭବ କରୁଛନ୍ତି। କିଛିଦିନ ତଳେ ବୁମ୍‌ରାଙ୍କୁ ବିଶ୍ୱର ଶ୍ରେଷ୍ଠ ବୋଲର ବୋଲି ଅଭିହିତ କରିଥିଲେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର। ଏବେ ଡେନିସ ଲିଲିଙ୍କ ପୂର୍ବତନ ନୂଆ ବଲ୍ ପାର୍ଟନର ଥମ୍ପସନଙ୍କ ମନ୍ତବ୍ୟ ବୁମ୍‌ରାଙ୍କ ପ୍ରତିଷ୍ଠାକୁ ବଢ଼ାଇ ଦେଇଛି।

"ପ୍ରକୃତରେ ବୁମ୍‌ରା ଭଲ ବୋଲିଂ କରୁଛନ୍ତି। ସେ ଯେପରି ବୋଲିଂ କରୁଛନ୍ତି ତା'ଠାରୁ ଅଧିକ କିଛି କରିବାର ଦକ୍ଷତା ରଖିଛନ୍ତି। ସେ ଯାହାବି କିଛି ହାସଲ କରିଛନ୍ତି ତା'ଠାରୁ ଆହୁରି ଅଧିକ କିଛି ହାସଲର କ୍ଷମତା ତାଙ୍କ ନିକଟରେ ରହିଛି" ବୋଲି ୧୯୭୦ ଦଶକରେ ମାଲ୍‌କମ ମାର୍ଶାଲଙ୍କ ସହ ବିଶ୍ୱର ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ର' ପେସ୍ ପ୍ରତିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାକୁ ପର୍ଯ୍ୟାପ୍ତ। ସେ ଯେତେବେଳେ ବୋଲିଂରେ ବିବିଧତା ଆଣିବାକୁ ଚେଷ୍ଟା କରିଛନ୍ତି ଆହୁରି ସଫଳ ହୋଇଛନ୍ତି। ତାଙ୍କ ବୋଲିଂକୁ ବୁଝିବା କଷ୍ଟକର। କୌଣସି ବ୍ୟାଟ୍ସମ୍ୟାନ ତାଙ୍କ ବୋଲିଂ ଶୈଳୀକୁ ଠିକ୍‌ଭାବେ ବୁଝି ପାରିଥିବା ମୁଁ ଅନୁଭବ କରୁନାହିଁ। ସେ ଜଣେ ଅର୍ଥୋଡକ୍ସ ବୋଲର, ଏହା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ଥମ୍ପସନ କହିଛନ୍ତି।

ଥମ୍ପସନଙ୍କ କହିବା ଅନୁସାରେ ବିଶ୍ୱର ୨ ବୋଲର ବୁମ୍‌ରା ଓ କାଗିସୋ ରାବାଡ଼ାଙ୍କ ବୋଲିଂ ଦେଖିବାଭଳି। ସେମାନେ ବିଭିନ୍ନ ପରିସ୍ଥିତିରେ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ମିଚେଲ ଷ୍ଟାର୍କଙ୍କ ଫର୍ମକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଥମ୍ପସନ। ତେବେ ଅଷ୍ଟ୍ରେଲିଆ ଦୃଷ୍ଟିକୋଣରୁ ବାମହାତୀ ପେସର ଷ୍ଟାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ସ୍ୱୀକାର କରିଛନ୍ତି। "ଷ୍ଟାର୍କ ଗତ ସିଜନ ପରି ଆଗାମୀ ବିଶ୍ୱକପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବେ ବୋଲି ମୋର ଆଶା। ସେ ଜଣେ କ୍ୱାଲିଟି ବୋଲର। ତେଣୁ ସେ ଫର୍ମକୁ ଫେରିବାନେଇ ମୁଁ ଆଶାବାଦୀ। ଷ୍ଟାର୍କ ଯଦି ଭଲ ବୋଲିଂ କରିବେ ବିଶ୍ୱର



ଯେ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇ ପାରିବେ। ସେ ଦ୍ରୁତ ବୋଲିଂ ସହ ଠିକ୍ ସ୍ଥାନରେ ବଲ୍‌କୁ ପିଚ୍ କରିବା ଆବଶ୍ୟକ, ଯାହାକି ସେ ଅତୀତରେ କରି ଦେଖାଇଛନ୍ତି" ବୋଲି ଥମ୍ପସନ କହିଛନ୍ତି। ତେବେ ଭଲ ବୋଲିଂ କରୁଥିଲେ ହେଁ ଜୋଶ୍ ହାଜେଲଉଡ୍ ଅଷ୍ଟ୍ରେଲିଆର ବୋଲିଂ ୟୁନିଟ୍‌ରେ ନ ଥିବାରୁ ଖୁସି ନାହାନ୍ତି କିମ୍ବଦନ୍ତୀ ବୋଲର ଥମ୍ପସନ। "ପ୍ୟାଟ୍ କୁମିନ୍ସଙ୍କୁ ନେଇ ମୋର କିଛି ଆପତ୍ତି ନାହିଁ। ତାଙ୍କ ନିକଟରେ ପ୍ରତିଭା ଅଛି। ମାତ୍ର ହାଜେଲ୍‌ଉଡ୍‌ଙ୍କୁ ମୁଁ ଅଷ୍ଟ୍ରେଲିଆ ବୋଲିଂ ୟୁନିଟରେ ଦେଖିବାକୁ ଚାହେଁ। ମୋଟାମୋଟି ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଭଲ" ବୋଲି ସେ କହିଛନ୍ତି।

# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର, ୱାହବ

**ଇସ୍‌ଲାମବାଦ, ୨୦।୫:**

ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ପିସିବି ୧୫ ଜଣିଆ ପାକିସ୍ତାନ ଦଳ ଘୋଷଣା କରିଛି। ଏହି ଦଳରେ ମହମ୍ମଦ ଆମିର, ୱାହବ ରିଆଜ ଓ ଅସିଫ ଅଲି ସ୍ଥାନ ପାଇଛନ୍ତି। ତିନିଜଣ ଖେଳାଳି ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିଛି। ଝିଅ ନୁର୍ ଫତିମାଙ୍କ ମୃତ୍ୟୁ ଯୋଗୁ ସ୍ୱଦେଶ ଫେରିଛନ୍ତି ଅଲି। ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳ ସହ ଯୋଗଦେବେ। ଏ ନେଇ ମୁଖ୍ୟ ଚୟନକର୍ତ୍ତା ଇଞ୍ଜମାମ ଉଲ୍ ହକ୍ ସୋମବାର କହିଛନ୍ତି। ଚିକେନ ପକ୍ସରେ ପୀଡ଼ିତ ଥିଲେ ମଧ୍ୟ ଅମିରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଦଳରେ ଅଭିଜ୍ଞ ବୋଲରଙ୍କ ଅଭାବରୁ ୱାହବ ସ୍ଥାନ ପାଇଛନ୍ତି। ୩୩ ବର୍ଷୀୟ ରିଆଜ ୨୦୧୧ଓ ୨୦୧୫ ଦୁଇଟି ବିଶ୍ୱକପ୍ ଖେଳିଛନ୍ତି। ମୋଟ ୭୯ ମ୍ୟାଚ୍ ଖେଳିଥିବା ବୋଲର ୨ ବର୍ଷ ପୂର୍ବେ ଭାରତ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଦଳରୁ ଜୁନେଦ ଖାଁ, ଅଲରାଉଣ୍ଡର ଫହିମ ଅଶର୍ଫ ଓ ଓପନର ଆବିଦ ଅଲି ବାଦ୍ ପଡ଼ିଛନ୍ତି। ଜୁନେଦ କ୍ରମାଗତ ୩ୟ ଥର ପାଇଁ ଦୁର୍ଭାଗ୍ୟଜନକ ଭାବେ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ରକ୍ତଜନିତ ରୋଗରେ ପୀଡ଼ିତ ଲେଗ୍ ସ୍ପିନର ଶାଦାବ ଖାଁ ପରେ ଜାତୀୟ ଦଳରେ ଯୋଗଦେବେ।




### ପାକିସ୍ତାନ ଦଳ

ଶର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ୍ ହକ୍, ବାବର ଆଜାମ, ହାରିସ ସୋହେଲ, ମହମ୍ମଦ ହାଫିଜ, ଶୋଏବ ମଲିକ, ଅସିଫ ଅଲି, ଇମାଦ ୱାସିମ, ଶାଦାବ ଖାଁ, ମହମ୍ମଦ ଆମିର, ମହମ୍ମଦ ହୋସନାନ, ହାସନ ଅଲି, ୱାହାବ ରିଆଜ ଓ ଶାହିନ ଆଫ୍ରିଦୀ।

### ସିରିଜ୍ ପୋଛିଲା ଇଂଲଣ୍ଡ

**ଲିଡ୍ସ,୨୦।୫:** ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୫ମ ତଥା ଅନ୍ତିମ ଦିନିକିଆ୍‌ରେ ଇଂଲଣ୍ଡ ୫୪ ରନ୍‌ରେ ବିଜୟ ହୋଇଛି। ଏଥିସହ ଇଂଲଣ୍ଡ ଦିନିକିଆ ସିରିଜ୍‌କୁ ୪–୦ରେ ପୋଛିନେଇଛି। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୫୧ ରନ୍ କରିଥିଲା। ଜୋ ରୁଟ୍ ୮୪, ଅଧିନାୟକ ଇଅନ ମୋର୍ଗାନ ୭୬ ଓ ଜୋସ୍ ବଟ୍‌ଲର ୩୪ ରନ୍ କରିଥିଲେ। ଜବାବରେ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ୯୭ ଓ ବାବର ଆଜମଙ୍କ ୮୦ ରନ୍‌ର ସତ୍ତ୍ୱେ ପାକିସ୍ତାନ ୪୬.୫ ଓଭରରେ ୨୯୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

### ଆଫଗାନିସ୍ତାନ କୋଚ୍ ପଦ ଛାଡ଼ିବେ ସିମନ୍ସ



**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଫିଲ ସିମନ୍ସ ଆଗାମୀ ବିଶ୍ୱକପ୍ ପରେ ଆଫଗାନିସ୍ତାନ କୋଚ୍ ପଦ ତ୍ୟାଗ କରିବେ। ୨୦୧୭ ଡିସେମ୍ବରରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଚ୍ ଭାବେ ନିଯୁକ୍ତ ହେବା ପରେ ଆଫଗାନିସ୍ତାନକୁ ସେ ବିଶ୍ୱକପ୍‌ରେ ପହଞ୍ଚାଇବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ, ତାହା ଏବେ ପୂରା ହୋଇସାରିଛି। ଏଣୁ ପଦ ତ୍ୟାଗ କରିବା ସମୟ ଆସିଯାଇଛି। ସେ ଏ ସମ୍ପର୍କରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)କୁ ଜଣାଇସାରିଛନ୍ତି। ଚୁକ୍ତିର ସମୟସୀମାରେ ବୃଦ୍ଧି ଚାହୁଁନାହାନ୍ତି। ଜୁଲାଇ ୧୫ ତାରିଖରେ ଚୁକ୍ତି ଶେଷ ହେବା ପରେ ସେ କିଛି ଅଲଗା କରିବେ। ୧୮ ମାସର କାର୍ଯ୍ୟକାଳରେ ସେ ବହୁତ କିଛି କରିଥିବା ଭାବୁଛନ୍ତି ବୋଲି ସିମନ୍ସ କହିଛନ୍ତି। ଆଫଗାନିସ୍ତାନ ଦଳ ଜୁନ୍ ୧ ତାରିଖରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ।

### ସ୍କାଟାରି ବ୍ଲାଷ୍ଟର୍ସର ନୂଆ କୋଚ୍

**କୋଚି, ୨୦।୫:** ଆଇଏସ୍ଏଲ୍ ଫ୍ରାଞ୍ଚାଇଜ କେରଳ ବ୍ଲାଷ୍ଟର୍ସର ନୂଆ କୋଚ୍ ଭାବେ ନେଦରଲାଣ୍ଡ୍ସର ଏଲକୋ ସ୍କାଟାରି ନିଯୁକ୍ତ ହୋଇଛନ୍ତି। ସେ ନେଲୋ ଭିନ୍‌ଗାଡାଙ୍କ ସ୍ଥାନ ନେବେ। ଏ ନେଇ ଆଇଏସ୍ଏଲ୍ କ୍ଲବ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଭିନ୍‌ଗାଡାଙ୍କ ସହ ଚୁକ୍ତି ସୁପରକପ୍ ଶେଷ ପର୍ଯ୍ୟନ୍ତ ଥିଲା। ଉଭୟ ଆଇଏସ୍ଏଲ୍ ଓ ସୁପର କପ୍‌ରେ ଦଳର ଖରାପ ପ୍ରଦର୍ଶନ ପରେ ଭିନ୍‌ଗାଡାଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବାକୁ ମନା କରିଦେଇଥିଲେ।

## ଆଇସିସି ବିଶ୍ୱକପ୍




# ୧୯୯୬: ସଚିନ୍, କୁମ୍ବଲେ ସଫଳ

ଘରୋଇ ପରିବେଶ୍‌ରେ ଭାରତ ୧୯୯୬ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ସେମିଫାଇନାଲରେ ସାଂଘାତିକ ଭାବେ ବିଫଳ ହୋଇ ଶ୍ରୀଲଙ୍କାଠାରୁ ପରାସ୍ତ ହେବା ସହ ବିଦାୟ ନେଇଥିଲା। ତେବେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଏହି ମେଗା ଇଭେଣ୍ଟରେ ସଫଳ ସାବ୍ୟସ୍ତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ୭ଟି ମ୍ୟାଚ ଖେଳି ୭ଟି ଇନିଂସରୁ ୮୭.୧୬ ଆଭରେଜରେ ୮୫.୮୭ ଷ୍ଟ୍ରାଇକ୍‌ରେଟ୍‌ରେ ସଚିନ୍ ରନ ସଂଗ୍ରହ କରି ଅନ୍ୟତାରକା ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇଥିଲେ। ସଚିନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୩୭ ଥିଲା ଓ ଟୁର୍ନାମେଣ୍ଟରେ ସେ ମୋଟ ୨ଟି ଶତକ, ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ସେ ୫୭ଟି ଚୌକା ଓ ୭ଟି ଛକା ମଧ୍ୟ ମାରିଥିଲେ। ସର୍ବାଧିକ ରନ ସଂଗ୍ରହ ତାଲିକାରେ ସଚିନଙ୍କ ପଛକୁ ରହିଥିଲେ ଅଷ୍ଟ୍ରେଲିଆର ମାର୍କ ୱା। ୭ଟି ମ୍ୟାଚ ଓ ୭ଟି ଇନିଂସରୁ ୮୦.୬୬ ରନ ହାରରେ ୮୫.୯୬ ଷ୍ଟ୍ରାଇକରେଟ୍‌ରେ ମାର୍କ ୪୮୪ ରନ ସଂଗ୍ରହ କରିଥିଲେ। ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସେ ହାସଲ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୧୩୦। ସେହିପରି ଶ୍ରୀଲଙ୍କାର ଅରବିନ୍ଦ ଡି ସିଲଭା ୬ଟି ମ୍ୟାଚ୍ ଓ ୬ଟି ଇନିଂସରୁ ୮୯.୬୦ ରନ ହାରରେ ୪୪୮ ରନକରି ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟେନ ୩୯୧ ରନ କରି ଚତୁର୍ଥ, ପାକିସ୍ତାନ ସଇଦ ଅନୱର ୩୨୯ ରନ କରି ପଞ୍ଚମ, ଶ୍ରୀଲଙ୍କାର ଅସାଙ୍କ ଗୁରୁସିହ୍ନା ୩୦୭ ରନ କରି ଷଷ୍ଠ, ଦକ୍ଷିଣ ଆଫ୍ରିକାର ହାନ୍ସିକୋନିଏ ୨୭୬ ରନ କରି ସପ୍ତମ, ୨୭୫ ରନ କରି ଦକ୍ଷିଣ ଆଫ୍ରିକାର ଆଣ୍ଡ୍ର୍ୟୁ ହଡସନ ଅଷ୍ଟମ, ୨୭୨ ରନ କରି ପାକିସ୍ତାନର ଅମୀର ସୋହେଲ ନବମ ଓ ୨୬୯ ରନ କରି ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ତାଲିକାର ଦଶମ ସ୍ଥାନରେ ରହିଥିଲେ। ବ୍ୟାଟିଂରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଗ୍ୟାରୀ କର୍ଷ୍ଟେନ ଶୀର୍ଷରେ ରହିଥିଲେ। ସେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଅପରାଜିତ ୧୮୮ ରନ ସଂଗ୍ରହ କରିଥିଲେ। ଏହି କ୍ରମରେ ଆଣ୍ଡ୍ର୍ୟୁ ହଡସନ ୧୬୧ ରନ କରି ଦ୍ୱିତୀୟ, ଅରବିନ୍ଦ ଡିସିଲଭା ୧୪୫ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସଚିନ ତେନ୍ଦୁଲକର ଶ୍ରୀଲଙ୍କା ବିପକ୍ଷରେ ୧୩୭ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। କେନିଆ ବିପକ୍ଷରେ ସଚିନ ପୁଣି ଅପରାଜିତ ୧୨୭ ରନ କରି ଏହି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ।

ବୋଲିଂରେ କୁମ୍ବଲେ ୭ଟି ମ୍ୟାଚ୍ ଖେଳି ୧୮.୭୩ ଆଭରେଜରେ ସର୍ବାଧିକ ୧୫ଟି ଉଇକେଟ ନେଇ ଶୀର୍ଷରେ ରହିଥିଲେ। ସେହିପରି ୬ଟି ମ୍ୟାଚ୍ ଖେଳି ପାକିସ୍ତାନର ୱାକର ୟୁନିସ ୧୩ଟି ଉଇକେଟ ନେଇ ଦ୍ୱିତୀୟ, ୧୨ଟି ଉଇକେଟ ନେଇ ଜିମ୍ବାୱେର ପଲ ଷ୍ଟ୍ରଙ୍ଗ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ଭେଙ୍କଟପତି ରାଜୁ ୮ ଉଇକେଟ ନେଇ ତାଲିକାର ୧୧ତମ ସ୍ଥାନରେ ରହିଛନ୍ତି। ବେଷ୍ଟ ବୋଲିଂ ଫିଗରରେ ପଲ ଷ୍ଟ୍ରଙ୍ଗ ୯.୪ ଓଭର ବୋଲିଂ କରି କେନିଆ ବିପକ୍ଷରେ ୯/୨୧ ସହ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ୟୁଏଇର ସୌକତ ଦୁକାନୱାଲା ୧୦ ଓଭର ବୋଲିଂ କରି ନେଦରଲାଣ୍ଡ ବିପକ୍ଷରେ ୫/୨୯ ସହ ଦ୍ୱିତୀୟ, ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୯ ଓଭର ବୋଲି କରି କେନିଆ ବିପକ୍ଷରେ ୫/୩୬ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସ ଭାରତୀୟ ବୋଲର ସ୍ଥାନ ପାଇ ନ ଥିଲେ। ନେଦରଲାଣ୍ଡ ବିପକ୍ଷରେ ୪/୨୬ ସହ ୱାକର ୟୁନିସ୍ ଚତୁର୍ଥ ସ୍ଥାନରେ ରହିଥିଲେ। ସର୍ବାଧିକ ମେଡେନ ଓଭର ନେବାରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ ସମସ୍ତଙ୍କ ଆଗରେ ରହିବେ। ସେ ୭ଟି ଇନିଂସରୁ ୧୦ଟି ମେଡେନ ନେଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍ କର୍ଟଲି ଆମ୍ବ୍ରୋଜ୍ ୬ ଇନିଂସରୁ ୯ଟି ମେଡେନ ନେଇ ଦ୍ୱିତୀୟ, କର୍ଟନ ୱାଲ୍ସ ସମାନ ୬ ଇନିଂସରୁ ୯ଟି ମେଡେନ ନେଇଥିଲେ ମଧ୍ୟ ଆଭରେଜ୍‌ରେ ପଛରେ ପଡି ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେର ହିଥ୍ ଷ୍ଟ୍ରିକ୍ ୮ ଓ ଇଆନ ବିଶପ୍ ୬ଟି ମେଡେନ ନେଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ କ୍ୟାଚ୍ ନେବାରେ କୁମ୍ବଲେ ଆଗରେ ରହିଥିଲେ। ୭ଟି ଇନିଂସରୁ ୮ଟି କ୍ୟାଚ୍ ନେଇ ସେ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଜିମ୍ବାୱେର ଅଲିଷ୍ଟର କ୍ୟାମ୍ପବେଲ ୫ଟି ମ୍ୟାଚ୍‌ରୁ ୫ଟି କ୍ୟାଚ୍ ନେଇ ଦ୍ୱିତୀୟ, ନ୍ୟୁଜିଲାଣ୍ଡର କ୍ରିସ୍ କ୍ରେନ୍ସ ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ତୃତୀୟ, ଶ୍ରୀଲଙ୍କାର ସନଥ ଜୟସୁରିୟା ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ଚତୁର୍ଥ, ଗ୍ରାହାମ ଥୋର୍ପ ୬ ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟ କିପିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ କ୍ୟାଚ୍, ୩ ଷ୍ଟମ୍ପିଂ ସହ ୧୨ଟି ଡିସମିସାଲ ସହ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ପାକିସ୍ତାନର ରସିଦ ଲତିଫ୍ ୯ କ୍ୟାଚ୍ ନେଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଷ୍ଟିଭ୍ ପଲଫ୍ରାମାନ ୮ କ୍ୟାଚ୍ ସହ ତୃତୀୟ, ଇଂଲଣ୍ଡର ଜ୍ୟାକ ରସେଲ ୮ କ୍ୟାଚ୍ ନେଇ ଚତୁର୍ଥ, ଭାରତର ନୟନ ମୋଙ୍ଗିଆ ୭ ମ୍ୟାଚ୍‌ରୁ ୭ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ପାର୍ଟନରଶିପ୍‌ରେ ଅଷ୍ଟ୍ରେଲିଆର ମାର୍କ ୱ ଓ ଷ୍ଟିଭ୍ ୱ କେନିଆ ବିପକ୍ଷରେ ତୃତୀୟ ଉଇକେଟ ଯୋଡିରେ ୨୦୭ ରନ କରି ଶୀର୍ଷରେ ରହିଥିଲେ। ସେହିପରି ନେଦରଲାଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟେନ ଓ ହଡସନ ପ୍ରଥମ ଉଇକେଟ ଯୋଡିରେ ୧୮୬ ରନ କରି ଦ୍ୱିତୀୟ, ଶ୍ରୀଲଙ୍କାର ଗୁରୁସିହ୍ନା ଓ ଡି ସିଲଭା କେନିଆ ବିପକ୍ଷରେ ୧୮୩ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ସଚିନ ଓ ଆଝାରୁଦ୍ଦିନ ତୃତୀୟ ଉଇକେଟ ଯୋଡିରେ ଶ୍ରୀଲଙ୍କା ବିପକ୍ଷରେ ୧୭୫ ରନ କରି ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ଅଜୟ ଜାଡେଜା ଓ ସଚିନ କେନିଆ ବିପକ୍ଷରେ୧୬୩ ରନ କରି ସପ୍ତମ ସ୍ଥାନରେ ରହିଥିଲେ। ସର୍ବାଧିକ ଟିମ ଟୋଟାଲରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୩୯୮/୫ ସହ ପ୍ରଥମ, ନେଦରଲାଣ୍ଡ ବିପକ୍ଷରେ ୩୨୮/୩ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ପୁଣି ୟୁଏଇ ବିପକ୍ଷରେ ୩୨୧/ ୨ ସହ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଭାରତ ଏହି ତାଲିକାର ପାକିସ୍ତାନ ବିପକ୍ଷରେ ୨୮୭/୮ ସହ ସପ୍ତମ ସ୍ଥାନରେ ରହିଥିଲା। ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୁଏଇ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୧୬୯ ରନରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା। ଉଇକେଟରେ ପାକିସ୍ତାନ ୟୁଏଇ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପାକିସ୍ତାନ ୧୫ ଓଭର ବାକି ରଖି ୯ ଉଇକେଟରେ ୟୁଏଇକୁ ହରାଇଥିଲା। ଏହି ତାଲିକାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। କେନିଆ ବିପକ୍ଷରେ ଭାରତ ୮.୧ ଓଭର ବାକି ଥାଇ ୭ ଉଇକେଟରେ ବିଜୟୀ ହୋଇଥିଲା। ବଲ୍ ବାକିଥାଇ ଜିତିବାରେ ୱେଷ୍ଟଇଣ୍ଡିଜ (୧୨୩ ବଲ)ଜିମ୍ବାୱେ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ସର୍ବନିମ୍ନ ଦଳୀୟ ସ୍କୋରରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ସ୍ଥାନରେ ରହିବ। କେନିଆ ବିପକ୍ଷରେ ୩୫.୨ ଓଭରରେ ୯୩ ରନ କରି ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ସର୍ବନିମ୍ନ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ତାଲିକରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ପାକିସ୍ତାନକୁ ୩୯ ରନରେ ହରାଇ ପଞ୍ଚମ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇ ୱେଷ୍ଟଇଣ୍ଡିଜ୍ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ୮ଟି ବଲ୍ ବାକିଥାଇ ଶ୍ରୀଲଙ୍କା ଭାରତକୁ ହରାଇ ବଲ ବାକିଥିବା ଦୃଷ୍ଟିକୋଣରୁ ସର୍ବନିମ୍ନ ବ୍ୟବଧାନରେ ବିଜୟ ହାସଲ କରିଥିଲା।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ Balasore, Tuesday, May 21/ 2019

## ସଂକ୍ଷେପରେ

### ମହିଳା ଶ୍ରମିକଙ୍କୁ ବଳାତ୍କାର ଅଭିଯୋଗ

**ରୂପସା, ୨୦।୫(ଡି.ଏନ୍‌.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଗହୀର ସିମୁଳିଆ ନିକଟସ୍ଥ ଏକ ଧାନଗୋଦାମରେ କାର୍ଯ୍ୟରତ ମହିଳା ଶ୍ରମିକଙ୍କୁ ରବିବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୧୨୫/୧୮) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବିବାହିତା ମହିଳା ଶ୍ରମିକ ଜଣକ ରାତିରେ ସେହି ଗୋଦାମ ଘରେ ଶୋଇଥିଲେ। ଧାନ ଗୋଦାମର ମ୍ୟାନେଜର ତାଙ୍କୁ ବଳାତ୍କାର କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଘଟଣାର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏସ୍‌ଡ଼ିପିଓ ରଣଜିତ୍‌ ପୃଷ୍ଟି କହିଛନ୍ତି।

### ବାଇକ ଦୁର୍ଘଟଣାରେ ବ୍ୟାଙ୍କ କର୍ମଚାରୀ ମୃତ

**ଖଇରା, ୨୦।୫(ଡି.ଏନ୍‌.ଏ.):** ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ବ୍ରାହ୍ମଣ ପୋଖରୀ ପେଟ୍ରୋଲ ଟାଙ୍କି ନିକଟରେ ରବିବାର ରାତିରେ ଏକ ବାଇକ୍‌ ଦୁର୍ଘଟଣାରେ କୁପାରୀ ଷ୍ଟେଟ୍‌ବ୍ୟାଙ୍କ ଶାଖାର ସିକ୍ୟୁରିଟି ଗାର୍ଡ଼ ରାକେଶ କୁମାର ବେହେରା(୩୮) ପ୍ରାଣ ହରାଇଛନ୍ତି। ସାନଭାଇ ରାଜେଶଙ୍କ ଲିଖିତ ଅଭିଯୋଗ ପରେ ଖଇରା ଥାନରେ ଏକ ମାମଲା (ନଂ. ୯୨/୧୯) ରୁଜୁ କରାଯାଇଛି । ରାକେଶ ତାଙ୍କର ଅନ୍ୟ ୨ ସମ୍ପର୍କୀୟଙ୍କ ସହିତ ବାଇକ୍‌ରେ ଏକ ବିବାହ ଭୋଜିରୁ ଫେରୁଥିବାବେଳେ ରାସ୍ତା ଉପରେ ପଡ଼ିଥିବା ପଥର ସହ ଧକ୍କା ହେବାରୁ ରାସ୍ତା ଉପରେ ଖସିପଡ଼ିବା ସହ ଗୁରୁତର ହୋଇ ପଡ଼ିଥିଲେ। ଖଇରା ଦମକଳବାହିନୀ ଘଟଣାସ୍ଥଳରୁ ୩ଜଣଙ୍କୁ ଉଦ୍ଧାର କରି ଖଇରା ଡାକ୍ତରଖାନାରେ ପହଞ୍ଚାଇଥିଲେ ହେଁ ଡାକ୍ତର ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି । ମୃତ ରାକେଶଙ୍କ ଘର ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଗ୍ରାମରେ। ସେ ପରିବାର ସହ ଖଇରାରେ ରହୁଥିବା ଜଣାପଡିଛି।

### ଗରମ ପିଚୁ ପଡ଼ି ୨ ଯୁବକ ଗୁରୁତର

**ବାରିପଦା ଅଫିସ,୨୦।୫:** ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ସ୍ୱରୂପଭିଲ୍ଲା ନିକଟରେ ରାସ୍ତାକାମ ଚାଲୁଥିବା ବେଳେ ଗରମ ପିଚୁ ପଡ଼ି ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ସ୍ୱରୂପଭିଲ୍ଲା ଅଞ୍ଚଳର ଗଣନାଥ ମହାକୁଡ଼ ଓ ବିଜୟ ମହାକୁଡ଼। ଉଭୟଙ୍କୁ ବାରିପଦା ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି କ୍ଷତିପୂରଣ ଦାବି କରିଥିଲେ। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଓ ବାରିପଦା ସଦର ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ପ୍ରମୁଖ ସଦଳବଳ ଘଟଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଆହତଦ୍ୱୟଙ୍କ ସମସ୍ତ ମେଡିକାଲ ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

### ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ୍‌

**ଭଣ୍ଡାରିପୋଖରୀ, ୨୦।୫ (ଡି.ଏନ୍‌.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କିଛିଦିନ ହେଲା ଛିନ୍‌ତାଇ, ଚୋରି କମିଥିବା ବେଳେ ଏବେ ପୁଣି ଲୁଟେରାମାନେ ସକ୍ରିୟ ହେଲେଣି। ରବିବାର ରାସ୍ତାରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍‌ ଝାମ୍ପି ନେଇଛନ୍ତି ଲୁଟେରା। ସୂଚନା ଅନୁଯାୟୀ, ଧାମନଗର ଥାନା ପଳିକିରି ଗ୍ରାମର ବଳରାମ ସାହୁ ତାଙ୍କ ଭଉଣୀ ଘର ଯାଜପୁର ଜିଲା ଗୁରୁଦାସପୁରକୁ ଯାଇଥିଲେ। ରବିବାର ମଧ୍ୟାହ୍ନରେ ତାଙ୍କ ଭଉଣୀ ନମିତା ଓ ଭଣଜାଙ୍କୁ ବାଇକ୍‌ରେ ନେଇ ପଳିକିରି ଆସୁଥିଲେ। ଜଣେ ଲୁଟେରା ବାଇକ୍‌ରେ ସେମାନଙ୍କୁ ପିଛା କରି ଷୋଳମପୁର-ପାଳଦା ପୂର୍ତ୍ତ ବିଭାଗ ରାସ୍ତାର ମାଳଦା-ରହଣିଆ ରାସ୍ତା ମଝିରେ ନମିତାଙ୍କ ବେକରୁ ସୁନାଚେନ୍‌ ଝାମ୍ପି ନେଇ ସରସଦା ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ସୁନାଚେନ ଆନୁମାନିକ ୧୨ଗ୍ରାମ ଭଳି ହେବ ବୋଲି ବଳରାମ କହିଛନ୍ତି। ରିପୋର୍ଟ ଲେଖା ଯିବା ସୁଦ୍ଧା ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

# କେନ୍ଦୁଝରରେ କାଳବୈଶାଖୀ




## ଉପୁଡିଲା ଗଛ, ଉଡ଼ିଲା ଛପର

କେନ୍ଦୁଝର ଜିଲାର ପୃଥକ ସ୍ଥାନରେ ସୋମାବାର ଅପରାହ୍ନରେ କାଳବୈଶାଖୀଜନିତ ବର୍ଷା ଓ ବଜ୍ରପାତ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଜ୍ରପାତରେ ସଦର ବ୍ଲକ ଅଞ୍ଚଳରେ ୪ ଗୋରୁ ପ୍ରାଣ ହରାଇଥିବା ବେଳେ ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ବଡ ବଡ ଗଛ ଓ ବିଦ୍ୟୁତ୍‌ ଖୁଣ୍ଟ ଉପୁଡିପଡିଛି। ସେହିପରି ଢେଙ୍କିକୋଟ ଅଞ୍ଚଳରେ ବଡ଼ବଡ଼ ଗଛ ସବୁ ଉପୁଡ଼ି ପଡ଼ିବା ସହ ଘର ଛପର ସବୁ ଉଡ଼ାଇ ନେଇଯାଇଛି।

## ବଜ୍ରପାତରେ ଜଳିଗଲା ଗଛ

**ପାଟଣା, ୨୦।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ତୁରୁମୁଙ୍ଗା ଅଞ୍ଚଳରେ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ବଡ଼ ବଡ଼ ବହୁ ପୁରାତନ ଗଛଗୁଡିକ ଭାଙ୍ଗି ପଡିବା ସହ ବହୁ ବିଦ୍ୟୁତ୍‌ ଖୁଣ୍ଟ ଉପୁଡି ପଡିଥିଲା। ତୁରୁମୁଙ୍ଗା କ୍ଲବ ନିକଟରେ କିଶୋର ଚନ୍ଦ୍ର ସାହୁଙ୍କ ଦୋକାନ ଉପରେ ଏକ ବଡ଼ ବରଗଛ ଉପୁଡି ପଡିବାରୁ ସେ ଦୋକାନ ଭିତରେ ଫଶି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଦୋକାନ ଭିତରୁ ଅକ୍ଷତ ଭାବେ ଉଦ୍ଧାର କରିଛନ୍ତି। ଅନୁରୂପ ଭାବେ ତୁରୁମୁଙ୍ଗା ରାଜନଗର ରାସ୍ତାର କଇଣ୍ଡା ରାସ୍ତାରେ ଗଛ ପଡ଼ି ବିଦ୍ୟୁତ୍‌ ଖୁଣ୍ଟ ଭାଙ୍ଗିପଡିଛି। ବଜ୍ରପାତ ଯୋଗୁ ତେନ୍ତେଳା ଗ୍ରାମରେ ଥିବା ଏକ ଶୁଖିଲା ଗଛରେ ନିଆଁ ଲାଗିଯାଇଥିଲା।



ବଜ୍ରପାତରେ ଏକ ଶୁଖିଲା ଗଛରେ ନିଆଁ ଲାଗିଯାଇଛି।

ସେହିପରି କଇଣ୍ଡା ଗ୍ରାମର ସରୋଜ ଦେହୁରୀଙ୍କ ଘର ଉପରେ ଏକ ଆକାଶିଆ ଗଛ ପଡିଯାଇଥିବାରୁ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିସହ ତୁରୁମୁଙ୍ଗା ଗ୍ରାମର ଯଦୁମଣି ଲେଙ୍କାଙ୍କ ପାଚେରି ମଧ ଭାଙ୍ଗିବା ସହିତ ଅନେକ ଘରର ଚାଳଛପର ଉଡିଯାଇଛି। ଘଟଣାସ୍ଥଳରେ ପାଟଣା ଓ କେନ୍ଦୁଝର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ସହିତ ପଡିଥିବା ଗଛକୁ କାଟି ଯାତାୟାତ ସ୍ୱାଭାବିକ କରିବାରେ ଲାଗିଛନ୍ତି। ଖୁବ୍‌ଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ତୁରୁମୁଙ୍ଗା ସରପଞ୍ଚ ଉମେଶ ଦେହୁରୀ ଦାବି କରିଛନ୍ତି।

## ୪ ଗୋରୁ ମୃତ

**କେନ୍ଦୁଝର, ୨୦।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ବ୍ଲକ ରାଇକଳା ପଞ୍ଚାୟତ ସଣ୍ଡିଆପୋଷି ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ହୋଇ ଭଦ୍ରୁ ନାଏକଙ୍କର ୩ଟି ଗାଈ ଏବଂ ଶରତ ନାଏକଙ୍କର ଗୋଟିଏ ବଳଦ ପ୍ରାଣ ହରାଇଛନ୍ତି। ତେବେ ଗାଈ, ବଳଦଙ୍କୁ ହରାଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରାଯାଇଛି।



ବଜ୍ରପାତରେ ମରିପଡ଼ିଥିବା ଗାଈ।



ଉପୁଡ଼ି ପଡିଥିବା ଗଛ।

## ଭାଙ୍ଗିଲା ଘର

**ଢେଙ୍କିକୋଟ, ୨୦।୫(ଡି.ଏନ୍‌.ଏ.)**

ଢେଙ୍କିକୋଟ ଅଞ୍ଚଳରେ ପ୍ରାୟ ୨ ଘଣ୍ଟା ଧରି କାଳବୈଶାଖୀ ତାଣ୍ଡବ ରଚିଥିଲା। ପ୍ରବଳ ବେଗରେ ପବନ ବହିବା ଯୋଗୁ ବଡ଼ବଡ଼ ଗଛ ସବୁ ଉପୁଡ଼ି ପଡ଼ିବା ସହ ଘରର ଛପର ସବୁ ଉଡ଼ାଇ ନେଇଛି। ବହୁ ଗଛ ପଡ଼ି ଲୋକଙ୍କ ଘରଦ୍ୱାର ଧନଜୀବନ ନଷ୍ଟ ହୋଇଛି। ଗରିବ ଲୋକମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କାଳବୈଶାଖୀ ଛାଡ଼ିବା ପରେ ଢେଙ୍କିକୋଟର ସରପଞ୍ଚ ଗୌରୀ ବାରିକ ଏବଂ ତାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ବାରିକ ପଞ୍ଚାୟତର ସମସ୍ତ ଗ୍ରାମ ବୁଲି ଦେଖିଛନ୍ତି। କ୍ଷୟକ୍ଷତି ହୋଇଥିବା ଜନସାଧାରଣଙ୍କ ନିକଟରେ ପହଞ୍ଚି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମର ଅଜିତ୍‌ କୁମାର ଗିରି ଏବଂ ନିରଞ୍ଜନ ଗିରିଙ୍କ ଘର ଉପରେ ଏକ ବିରାଟ କାୟ ଗଛ ଉପୁଡ଼ି ପଡ଼ିଥିବାରୁ ଉଭୟଙ୍କ ଘର ଭାଙ୍ଗି ଚୁର୍‌ମାର ହୋଇ ଯାଇଥିବାବେଳେ ଘର ଭିତରେ ଥିବା ତାଙ୍କ ପରିବାର ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ ସେମାନଙ୍କ ଘର ନ ଥିବାରୁ ସମ୍ପୂର୍ଣ୍ଣ ବେସାହାରା ହୋଇ ପରପିଣ୍ଡାରେ ଆଶ୍ରୟ ନେଇଛନ୍ତି। ସେହିପରି ମଣ୍ଡଳ ସାହିର ପର୍ଶୁରାମ ମଣ୍ଡଳର ଘର କାନ୍ଥ ପଡ଼ିଯିବାରୁ ଘରଟି ଅଧା ଭଙ୍ଗା ହୋଇଯାଇଛି। ଢେଙ୍କିକୋଟ ବଜାର ଉଠାଦୋକାନୀଙ୍କ ଚାଳଛପର ନାହିଁ।

## ଡାକ୍ତରଖାନାରେ ରୋଗୀଙ୍କୁ ଲାଞ୍ଚ ମାଗିବାକୁ ନେଇ ଉତ୍ତେଜନା

**ଭଦ୍ରକ ଅଫିସ, ୨୦।୫**

ଭଦ୍ରକ ଜିଲା ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀଙ୍କୁ ଚିକିତ୍ସା ପାଇଁ ୧୦୦ ଟଙ୍କା ଲାଞ୍ଚ ମାଗିବାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଯାଇଥିଲା। ଏହି ଘଟଣାକୁ ନେଇ ରୋଗୀଙ୍କ ପକ୍ଷରୁ ସ୍ଥାନୀୟ ଚିକିତ୍ସାଧିକାରୀ ଓ ଜିଲା ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଜିଲା ଚିକିତ୍ସାଧିକାରୀ ବାରିଶ ଦାସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଅଭିଯୋଗ ଅନୁଯାୟୀ, ରାନ୍ଧିଆ ପଞ୍ଚାୟତ ମୁଣ୍ଡିମରା ଗାଁର ଆଲୋକ ଜେନା(୧୫)ଙ୍କର ଝାଡ଼ା ହେଉଥିବାରୁ ପରିବାର ଲୋକେ ତାଙ୍କୁ ସକାଳେ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ମେଡିକାଲ ପରିସରରେ ଥିବା ଜଣେ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ ୧୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଆଲୋକଙ୍କ ପରିବାର ଲୋକେ ୧୦୦ ଟଙ୍କା ନ ଥିବା ଦର୍ଶାଇ ୫୦ ଟଙ୍କା ଦେଇଥିଲେ। ଡାକ୍ତର ଟଙ୍କା ନେଇ ସୁଦ୍ଧା ଆଲୋକଙ୍କୁ କିଛି ସମୟ ପାଇଁ ଚିକିତ୍ସା କରି ନ ଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ବାଧହୋଇ ଡାକ୍ତର ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବରପଦା ମେଡିକାଲ ଅଫିସର ଡ. ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ରୋଗୀଙ୍କ ପକ୍ଷରୁ ତାଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି ଓ ସେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି ବୋଲି କହିଛନ୍ତି। ପ୍ରକାଶଥାଉ କି, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ବର୍ଷ ତଳେ ଲକ୍ଷାଧିକ ଟଙ୍କାର ବୈଧ ସାଲାଇନ୍‌ କାଟି ନଷ୍ଟ କରିଦିଆଯାଇଥିଲା। ଏଥିପାଇଁ ଜଣେ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।

■ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା

## ସ୍ୱାମୀଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ, ୨୦।୫ (ଡି.ଏନ୍‌.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନଗୁଁଆ ପଞ୍ଚାୟତ ବାହାଦଲପୁର ଗ୍ରାମର ବସନ୍ତ ଲେଙ୍କାଙ୍କ ସ୍ତ୍ରୀ ସୁଭଦ୍ରା ବେହେରା ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଭଣ୍ଡାରିପୋଖରୀ ଥାନା ପୋଲିସ ଅଭିଯୋଗ ଆଧାରରେ ସୁଭଦ୍ରାଙ୍କ ସ୍ୱାମୀ ବସନ୍ତଙ୍କ ସମେତ ଶାଶୂ, ଶ୍ୱଶୁର, ଯାଆ ଓ ନଣନ୍ଦଙ୍କ ନାଁରେ ମାମଲା(ନଂ. ୭୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ସୁଭଦ୍ରା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୮ ଜୁଲାଇ ୬ ତାରିଖରେ ସେ ବସନ୍ତଙ୍କୁ ବିବାହ କରିଥିଲେ। ସେତେବେଳେ ତାଙ୍କ ବାପଘର ପକ୍ଷରୁ ନଗଦ ୩୦ ହଜାର ଟଙ୍କା, ଆବଶ୍ୟକ ସୁନାଗହଣା ଓ ଆସବାବପତ୍ର ଦିଆଯାଇଥିଲା। ପରେ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ବସନ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିବାହର ଚାରି ମାସ ପରେ ବସନ୍ତ ତାଙ୍କ ଭାଉଜଙ୍କ ସହ ସମ୍ପର୍କ ରଖି ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରି ଘରୁ ତଡ଼ି ଦେଇଥିବା ଦର୍ଶାଇଛନ୍ତି।

■ ବିପିଏଲ୍‌ ବିଦ୍ୟୁତ୍‌ ସେବାରୁ ବଞ୍ଚିତ ଦେଉଳଡିହା ଗ୍ରାମବାସୀ

## ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ

**କେନ୍ଦୁଝର, ୨୦।୫(ଡି.ଏନ୍‌.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଦେଉଳଡିହାର ବିପିଏଲ୍‌ ବିଦ୍ୟୁତ୍‌ ସେବାରୁ ବଞ୍ଚିତ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦେଉଳଡିହା ଗ୍ରାମରେ ମାଗଣା ବିଦ୍ୟୁତ୍‌ ଲାଇନ୍‌ ବଣ୍ଟନ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପ୍ରାୟ ୩୦ଭାଗ ବିପିଏଲ୍‌ ପରିବାର ସରକାରଙ୍କ ମାଗଣା ବିଦ୍ୟୁତ୍‌ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହା ବିଭାଗର ଉଦାସୀନତା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ଅନିୟମିତତା ହୋଇଥିବା ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପ୍ରତି ଧ୍ୟାନ ଦିଆଯିବ ବୋଲି ଜିଲାପାଳ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଇଛନ୍ତି।

## ରାସ୍ତା ପାଇଁ ବଳିପଡ଼ିଲା ଶତାଧିକ ଗଛ

**ତେଲକୋଇ, ୨୦।୫(ଡି.ଏନ୍‌.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ବିଭାଗ ପକ୍ଷରୁ ଏମ୍‌ଜିଏନଆରଇଜିଏସ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଯେଉଁ ଗ୍ରାମ ପାଇଁ ପଞ୍ଚାୟତ ମୁଖ୍ୟାଳୟରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ ସେଠାରେ ଏହି ଯୋଜନାରେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ତାଳପଦା ଫରେଷ୍ଟ ବିଟ୍‌ ଅଧୀନରେ ତାଳପଦା ମୁଖ୍ୟାଳୟଠାରୁ ବଡଖମଣ ୪ କି.ମି. ଏହି ଯୋଜନାରେ ସାମିଲ କରାଯାଇଛି। ତେବେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଶତାଧିକ ଶାଳ ଗଛକୁ ବଳି ପକାଇ ରାସ୍ତା ନିର୍ମାଣ କରୁଥିବା ଯୋଗୁ ତାଳପଦାବାସୀ ଏହାକୁ ବିରୋଧ କରିଛନ୍ତି। ସାଧାରଣ ଲୋକ ଜାଳ କାଠ ପାଇଁ ହୀନସ୍ତା ହେଉଥିବା ବେଳେ ବିଭାଗର ରାସ୍ତା ନିର୍ମାଣ ପାଇଁ ଗଛ କଟାକୁ ବିରୋଧ କରିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତ ଅଧୀନରେ



ତାଳପଦାଠାରୁ ବଡଖମଣ ରାସ୍ତା ନିର୍ମାଣରେ ଗଛ ନଷ୍ଟ ।

### ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ

ଥିବା ଗ୍ରାମଗୁଡିକ ପାଇଁ ପଞ୍ଚାୟତ ଅର୍ଥ ବ୍ୟୟବରାଦ କରି ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ବିଭାଗର ଅନୁମତି ମିଳିପାରୁ ନ ଥିବା ଯୋଗୁ ରାସ୍ତା ନିର୍ମାଣ କରାଯାଇ ପାରୁ ନ ଥିବା ସ୍ଥାନୀୟ ସରପଞ୍ଚ ସମବାରୀ ନାଏକ ପ୍ରକାଶ କରିଛନ୍ତି। ଏହାର ସୁଯୋଗ ନେଇ ବନବିଭାଗ ଏହି ଯୋଜନାରେ ରାସ୍ତା ନିର୍ମାଣ କରି ବେଶ୍‌ ମୁନାଫା ନେଉଥିବା ଅଭିଯୋଗ କରିଛନ୍ତି । ତେବେ ବନବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ଗଛ ଚାରା ଲଗାଇବା ଯୋଜନାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଥିଲେ ହେଁ ବିଭାଗ ପକ୍ଷରୁ ରାସ୍ତା ପାଇଁ ଗଛକଟାକୁ ବିରୋଧ କରାଯାଇଛି। ଏ ସମ୍ବନ୍ଧରେ ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜଙ୍ଗଲ ଅଞ୍ଚଳରେ ଯେଉଁ ଗ୍ରାମକୁ ରାସ୍ତା ନ ଥିବ ସେ ଗ୍ରାମକୁ ବିଭାଗ ପକ୍ଷରୁ ଏମ୍‌ଜିଏନଆରଜିଏସ ଯୋଜନାରେ ସାମିଲ କରାଯାଇ ରାସ୍ତା କାମ କରୁଛୁ । ତେବେ ରାସ୍ତା ନିର୍ମାଣ ପାଇଁ ସ୍ୱଳ୍ପ ପରିମାଣରେ ଗଛ କଟାଯାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରୁଛୁ । ଏଥିପାଇଁ ଗ୍ରାମଗୁଡିକରେ ଚାରା ବଣ୍ଟନ ଗଛ ଲଗାଇବା ଓ ଜଙ୍ଗଲ ସୁରକ୍ଷା ପାଇଁ ସଚେତନ କରାଯାଉଛି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ